# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17




ଆମେରିକାକୁ ନର୍କ କରିଦେବୁ

ପୃଷ୍ଠା ୫


Vol. 34 | ISSUE 15 ଭାଗ ୩୪ | ସଂଖ୍ୟା ୧୫

Monday 6 April 2026 | Page 8 Rs. 5.00

● ଭୁବନେଶ୍ୱର ସୋମବାର ୬ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ବିଜେପିର ରାଇଜିଂ ଷ୍ଟାର୍ ମୋହନ

- ପଶ୍ଚିମବଙ୍ଗ ପରେ ଆସାମରେ କଲେ ପ୍ରଚାର
- ଧରିଛନ୍ତି ପୂର୍ବ ଭାରତର ଗୈରୀକରଣ ମଙ୍ଗ
- ଦଳ ଆଭିମୁଖ୍ୟ କାର୍ଯ୍ୟକାରୀ କରିବାରେ ସଫଳ ନାୟକ



ଭୁବନେଶ୍ୱର,୫।୪(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବେ ବିଜେପି ପାଇଁ ଜାତୀୟ ସ୍ତରର ପ୍ରଚାରକ ହୋଇଛନ୍ତି। ପଶ୍ଚିମବଙ୍ଗ ପରେ ଆସାମରେ ଭୋଟରଙ୍କୁ ପ୍ରଭାବିତ କରିବାରେ ସେ ସାଜିଛନ୍ତି ଦଳର ଅନ୍ୟତମ ଷ୍ଟ୍ରାଟେଜିକ କ୍ୟାମ୍ପେନର। ଏହାଦ୍ୱାରା ବିଜେପି ପୂର୍ବ ଭାରତରେ ଓଡ଼ିଶା ପରେ ପଶ୍ଚିମବଙ୍ଗ ଓ ଉତ୍ତର-ପୂର୍ବ ଭାରତରେ ଆସାମରେ ଦଳର ସଂଗଠନକୁ ମଜବୁତ କରିବାକୁ ଲକ୍ଷ୍ୟ ରଖିଛି।

ଶ୍ରୀ ମାଝୀଙ୍କୁ ଜାତୀୟ ସ୍ତରର ଷ୍ଟାର ପ୍ରଚାରକ ଭୂମିକାକୁ ନେବା ଦଳର ଏକ ସୁଚିନ୍ତିତ ରଣନୀତି ବୋଲି କୁହାଯାଉଛି। ଏହାଦ୍ୱାରା ଦଳ ତା'ର ଆଞ୍ଚଳିକ ଶକ୍ତିକୁ ମଜବୁତ କରିବାକୁ ଉଦ୍ୟମ କରୁଛି। ପଶ୍ଚିମବଙ୍ଗର ରାମପୁରହାଟଠାରେ ଜୋରଦାର ପ୍ରଚାର କରିବାର ଦିନକ ପରେ ସେ ଆସାମରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ମୈଦାନକୁ ଓହ୍ଲାଇଛନ୍ତି। ପଶ୍ଚିମବଙ୍ଗରେ ଦଳୀୟ ନେତାଙ୍କ ପ୍ରାର୍ଥିପତ୍ର ଦାଖଲ ର୍ୟାଲିରେ ମୋହନ ଯୋଗ ଦେଇଥିଲେ। ସେଠାରେ ସେ ଓଡ଼ିଶା ଓ ପଶ୍ଚିମବଙ୍ଗ ➪ପୃଷ୍ଠା-୬

## ତେହରାନକୁ ଅନ୍ତିମ ଚେତାବନୀ
## ମଙ୍ଗଳବାର ଇରାନ୍ ମାଟିରେ ଧ୍ୱଂସଲୀଳା



- ଧମକରେ ଶାଳୀନତା ଭୁଲିଗଲେ ଟ୍ରମ୍ପ୍
- ମଙ୍ଗଳବାର ହେବ ପାୱାର ପ୍ଲାଣ୍ଟ ଓ ବ୍ରିଜ ଡେ'
- ପାଗଳ ହର୍ମୁଜ ପ୍ରଣାଳୀ ଖୋଲ: ଟ୍ରମ୍ପ
- ନଚେତ୍ ନର୍କ ହୋଇଯିବ ଇରାନ

ୱାଶିଂଟନ୍,୫।୪:ଇରାନକୁ ଦେଇଥିବା ସମୟ ସମୟ ସୀମା ସରିବାକୁ ଯାଉଛି। ମଙ୍ଗଳବାର ଇରାନ ମାଟିରେ ହେବ ଧ୍ୱଂସଲୀଳା। ପୁଣି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଅଲ୍ଟିମେଟମ୍ ଦେଇ କହିଛନ୍ତି 'ଆସନ୍ତା ମଙ୍ଗଳବାର ଯାହା ଘଟିବ, ତା' ଭାବିପାରିବନି'। ତେବେ ଏଥର ଧମକରେ ଟ୍ରମ୍ପ ଶାଳୀନତା ଭୁଲିଯାଇଛନ୍ତି। ଇରାନ ଶାସକଙ୍କ ପ୍ରତି ଅପଶବ୍ଦ ବ୍ୟବହାର କରି ହର୍ମୁଜ ପ୍ରଣାଳୀ ଖୋଲିବାକୁ ଚେତାବନୀ ଦେଇଛନ୍ତି।



Donald J. Trump
@realDonaldTrump

Tuesday will be Power Plant Day, and Bridge Day, all wrapped up in one, in Iran. There will be nothing like it!!! Open the Fuckin' Strait, you crazy bastards, or you'll be living in Hell - JUST WATCH! Praise be to Allah. President DONALD J. TRUMP

1.29k ReTruths 4.73k Likes Apr 05, 2026, 5:33 PM

ଟ୍ରମ୍ପ ହର୍ମୁଜ ପ୍ରଣାଳୀ ଖୋଲିବା ପାଇଁ ଇରାନକୁ ୧୦ ଦିନର ସମୟ ଦେଇଥିଲେ। ଏହି ଅବଧି ଧିରେ ଧିରେ ଶେଷ ହେବାରେ ଲାଗିଛି। ଆଉ ୪୮ ଘଣ୍ଟା ପରେ ଅବଧି ସରୁଥିବାରୁ ପୁଣି ଥରେ ଟ୍ରମ୍ପ ଧମକ ଦେଇଛନ୍ତି। ତାଙ୍କର ଏହି ଧମକରେ ଟ୍ରମ୍ପ ନିଜର ଶାଳୀନତା ଭୁଲି ଅପଶବ୍ଦ ପ୍ରୟୋଗ କରିଛନ୍ତି। ସେ ରାଗରେ ଜର୍ଜରିତ ହୋଇ କହିଛନ୍ତି, ଯଦି ଇରାନ ହର୍ମୁଜ ପ୍ରଣାଳୀ ନ ଖୋଲେ, ତେବେ ମଙ୍ଗଳବାର ଏହାର ପାୱାର ପ୍ଲାଣ୍ଟ ଓ ପୋଲ ଉପରେ ମିଳିତ ହମଲା କରାଯିବ। ଟ୍ରମ୍ପ ଏହି ଦିନକୁ ପାୱାର ପ୍ଲାଣ୍ଟ ଓ ବ୍ରିଜ ଡେ'ର ନାଁ ଦେଇଛନ୍ତି।

ଟ୍ରମ୍ପ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ'ରେ ଲେଖିଛନ୍ତି, ମଙ୍ଗଳବାର ଇରାନରେ ପାୱାର ପ୍ଲାଣ୍ଟ ଦିବସ ଓ ପୋଲ ଦିବସ ପାଳନ କରାଯିବ। ଏମିତି କେବେ ପୂର୍ବରୁ ଘଟିନାହିଁ। ପାଗଳ ଲୋକ ହର୍ମୁଜ ପ୍ରଣାଳୀ ଖୋଲିଦିଅ ନଚେତ୍ ଇରାନକୁ ନର୍କରେ ପରିଣତ କରିଦିଆଯିବ। ଟ୍ରମ୍ପ ଗତକାଲି ରାତିରେ ଇରାନକୁ ମନେ ପକାଇ ଦେଇଥିଲେ ଯେ କୌଣସି ଏକ ଚୁକ୍ତିନାମାରେ ପହଞ୍ଚିବା ଓ ହର୍ମୁଜ ଖୋଲିବା ପାଇଁ ୧୦ ଦିନର ସମୟ ଦେଇଥିଲି। ସମୟ କ୍ଷିପ୍ର ଗତିରେ ଅତିବାହିତ ହୋଇ ଚାଲିଛି। ୪୮ ଘଣ୍ଟା ପରେ ଆମେରିକା ଇରାନ ଉପରେ ଭୟଙ୍କର ଆକ୍ରମଣ କରିବ।

ଆମେରିକା ରାଷ୍ଟ୍ରପତି ପୂର୍ବରୁ କହିଥିଲେ ଯେ ଇରାନ ଏହାର ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ ନ କରିବା ସକାଶେ ଆମେରିକାକୁ ୭ ଦିନ ସମୟ ପାଇଁ ଅନୁରୋଧ କରିଥିଲା। କିନ୍ତୁ ସେ ନିଜେ ଏହି ସମୟ ସୀମାକୁ ୧୦ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ➪ପୃଷ୍ଠା-୬

### ଆସୁଛି ନିର୍ବାଚନ: ୫ ରାଜ୍ୟରେ ଭୋଟର୍ ମାଲେମାଲ
## ଉଡୁଛି ଟଙ୍କା, ମାଗଣା ଉପହାର ଓ ମଦ



- ମାସକରେ ଜବତ ହୋଇଛି ୬୫୧ କୋଟିର ସାମଗ୍ରୀ
- ଧୂଆଁବାଣ ହୋଇଛି ନିରପେକ୍ଷ ନିର୍ବାଚନ ଅପିଲ
- ରେସରେ ଆଗରେ ପଶ୍ଚିମବଙ୍ଗ, ପଛରେ ପୁଡୁଚେରୀ

ଭୁବନେଶ୍ୱର, ୫।୪ (ସଂଚାର ବ୍ୟୁରୋ) : ନିର୍ବାଚନ ହେଉଥିବା ୫ ରାଜ୍ୟରୁ ଗତ ମାସକ ମଧ୍ୟରେ ୬୫୧ କୋଟିରୁ ଅଧିକ ଟଙ୍କାର ସାମଗ୍ରୀ, ମଦ ଓ କ୍ୟାସ ଆଦି ଜବତ ହୋଇଛି। ଆଜି ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। କମିଶନଙ୍କ ଦ୍ୱାରା ନିଯୁକ୍ତ ସର୍ଭେଲାନ୍ସ ଟିମ ଦ୍ୱାରା ଏହିସବୁ ସାମଗ୍ରୀ ଜବତ କରାଯାଇଛି।ଗତ ୧୫ ତାରିଖରେ ନିର୍ବାଚନ କମିଶନ୍ ପଶ୍ଚିମବଙ୍ଗ, ତାମିଲନାଡୁ, ଆସାମ, କେରଳ ଓ ପୁଡୁଚେରୀରେ ନିର୍ବାଚନ ପାଇଁ ତାରିଖ ଘୋଷଣା କରିଥିଲେ। ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବାକୁ କମିଶନ ଏହିସବୁ ରାଜ୍ୟ ଓ ସୀମାନ୍ତବର୍ତ୍ତୀ ଅନ୍ୟ ୧୨ ରାଜ୍ୟମାନଙ୍କୁ ସତର୍କ କରାଯାଇଛି। ଏଥିପାଇଁ କମିଶନ ଏହିସବୁ ରାଜ୍ୟର ପୁଲିସ ଡିଜି ଓ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ଏକାଧିକ ବାର ବୈଠକ ବି କରିଛନ୍ତି। ଭୋଟରଙ୍କୁ ପ୍ରଲୋଭିତ ନ କରିବା ପାଇଁ ବାରମ୍ବାର ରାଜନୈତିକ ଦଳଗୁଡ଼ିକୁ ସଚେତନ କରିବା ସହ କମିଶନ ୫୧୭୩ଟି ଫ୍ଲାଇଂ ସ୍କ୍ୱାଡ୍ ଗଠନ କରିଛନ୍ତି। ଏଥିସହ ୫୨୦୦ ଷ୍ଟାଟିକ ସର୍ଭେଲାନ୍ସ ଟିମ୍ ବି ଗଠନ କରାଯାଇଛି। ଏହି ଷ୍ଟାଟିକ ସର୍ଭେଲାନ୍ସ ଟିମ ବିଭିନ୍ନ ସ୍ଥାନରେ ଅତର୍କିତ ଭାବେ ନାକାବନ୍ଦି କରି ଯାଞ୍ଚ କରୁଛନ୍ତି।

ଗତ ୧୫ ତାରିଖରେ ନିର୍ବାଚନ ତାରିଖ ଘୋଷଣା ହୋଇଥିଲେ ମଧ୍ୟ ଉପରୋକ୍ତ ୫ ରାଜ୍ୟରେ ଗତ ଫେବ୍ରୁଆରୀ ୨୬ ତାରିଖରୁ ଇଲେକ୍ଟ୍ରୋନିକ୍ସ ସିଜର୍ ମ୍ୟାନେଜମେଣ୍ଟ ସିଷ୍ଟମକୁ କାର୍ଯ୍ୟକ୍ଷମ କରାଯାଇଛି।

ଗତ ମାସକ ମଧ୍ୟରେ ଫ୍ଲାଇଂ ସ୍କ୍ୱାଡ୍ ଓ ଷ୍ଟାଟିକ ସର୍ଭେଲାନ୍ସ ଟିମ୍‌ର ଚଢ଼ାଉରେ ତାମିଲନାଡୁରୁ ସର୍ବାଧିକ ୩୦ କୋଟି ନଗଦ ଟଙ୍କା ଜବତ କରାଯାଇଛି। ଏଥି ମଧ୍ୟରେ ପଶ୍ଚିମବଙ୍ଗରୁ ୧୧ କୋଟି, କେରଳରୁ ୮ କୋଟି, ଆସାନରୁ ୪ କୋଟି ଓ ପୁଡୁଚେରୀରୁ ୨୦ ଲକ୍ଷ ଟଙ୍କା ନଗଦ ଜବତ ହୋଇଛି। ସେହିଭଳି ପଶ୍ଚିମବଙ୍ଗରୁ ସର୍ବାଧିକ ୨୧ ଲକ୍ଷ ୨୯ ହଜାର ୧୦୩ ଲିଟର ମଦ ଜବତ ହୋଇଥିବା ବେଳେ ତା'ର ➪ପୃଷ୍ଠା-୬

### ଭାରତୀୟ ରେଳବାଇର ସ୍ପଷ୍ଟୀକରଣ
## ପୂର୍ବତଟ ରେଳବାଇ ସ୍ୱାର୍ଥରେ ଆଞ୍ଚ୍ ଆସିବନି



ସାମିଲ୍ ପ୍ରକ୍ରିୟା କେବଳ ବୈଷୟିକ ସଂଶୋଧନ

ଓଡ଼ିଶା ପ୍ରତି ଭାରତୀୟ ରେଳବାଇ ପ୍ରତିବଦ୍ଧତା ଅତୁଟ ରହିବ

ଭୁବନେଶ୍ୱର,୫।୪(ସଂଚାର ବ୍ୟୁରୋ): ନବଗଠିତ ଦକ୍ଷିଣ ତଟ ଜୋନରେ କେତେକ ଷ୍ଟେସନ ସାମିଲ ନେଇ ଯେଉଁ ଚିନ୍ତା ପ୍ରକଟ କରାଯାଉଛି, ଭାରତୀୟ ରେଳବାଇ ଆଜି ତାହା ଉପରେ ସ୍ପଷ୍ଟୀକରଣ ରଖିଛି। ରେଳବାଇ ପକ୍ଷରୁ କୁହାଯାଇଛି ଯେ ପଲାସା-ଇଚ୍ଛାପୁରମ୍ ସେକ୍ସନ (୫୦ କିମି)ରେ ୭ଟି ଷ୍ଟେସନ ଯଥା ପଲାସା, ସୁମାଦେବୀ, ମାଣ୍ଡାସା ରୋଡ୍, ବାରୁଭା, ସୋମପେଟା, ଝାଡୁପୁଡି ଓ ଇଚ୍ଛାପୁରମ୍ ରହିଛି। ଏହି ସମସ୍ତ ଷ୍ଟେସନ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାରେ ଅବସ୍ଥିତ। ଏହି ଷ୍ଟେସନଗୁଡ଼ିକ ମଧ୍ୟରୁ କୌଣସିଟି ବି ଓଡ଼ିଶାରେ ନାହିଁ। ଏହି ଷ୍ଟେସନଗୁଡ଼ିକ ଛୋଟରୁ ମଧ୍ୟମ ଆକାରର ହୋଇଥିବା ବେଳେ ଏହା ମୁଖ୍ୟତଃ ଯାତ୍ରୀ ପରିଚାଳନା କରିଆସିଛି। ଏଥିମଧ୍ୟରୁ କୌଣସିଟି ଏକ ପ୍ରମୁଖ ମାଲ ପରିବହନ ଷ୍ଟେସନ ବି ନୁହେଁ। ତେଣୁ ➪ପୃଷ୍ଠା-୬



## କାନ ଡେରିଥା

ଖଡ଼ିଛୁଆଁ ହେଲେ ପାଠ
ପଢ଼ିଦେବେ
ଏଇ ଧାରଣାଟି ଭୁଲ୍
ମାଷ୍ଟର ଅଭାବ ବିଦ୍ୟାଳୟେ କିନ୍ତୁ
ପିଲା ହୋଇଯିବେ ଫୁଲ
ଫୁଲରେ ପୂରିବ ସ୍କୁଲ....
ମାଷ୍ଟ୍ରେ ସଦାବେଳେ ପିଏମଜି
ରାଲିରେ
ରାଜରାସ୍ତା ହୁଲସ୍ଥୁଲ ।

■ ଦେବାଶିଷ

## ଆଉ ଭର୍ତ୍ତି ହୋଇପାରିବନି ୫ କିଲୋ ଗ୍ୟାସ ଟାଙ୍କି





- କଳାବଜାରୀ ରୋକିବାକୁ ଯୋଗାଣ ବିଭାଗର ନିଷ୍ପତ୍ତି
- ପୁନର୍ବିଚାର ପାଇଁ ବିଜେଡି ଓ କଂଗ୍ରେସର ଦାବି
- ନିଷ୍ପତ୍ତି ରାଜ୍ୟରେ ଅନାହାର ସ୍ଥିତି ସୃଷ୍ଟି କରିବ

ଭୁବନେଶ୍ୱର, ୫।୪ (ସଂଚାର ବ୍ୟୁରୋ): ଏଲପିଜି ଉପଭୋକ୍ତାଙ୍କୁ ଆଉ ଏକ ଝଟ୍‌କା। ଏଣିକି ଆଉ ଖୋଲା ବଜାରରେ ମିଳିବନି ଗ୍ୟାସ୍। ପୂର୍ବଭଳି ଆଉ ଖୋଲା ବଜାରରେ ଭର୍ତ୍ତି ହୋଇପାରିବନି ୫ କେଜିବିଶିଷ୍ଟ ଗ୍ୟାସ ଟାଙ୍କି। ଏନେଇ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ସୂଚନା ଦେଇଛନ୍ତି। ତେବେ ଯୋଗାଣ ବିଭାଗର ଏଭଳି ନିଷ୍ପତ୍ତିକୁ ନେଇ ପ୍ରତିକ୍ରିୟାଶୀଳ ହୋଇଛନ୍ତି ବିରୋଧୀ। ୫ କେଜି ଗ୍ୟାସ ଭର୍ତ୍ତି ନ ହେଲେ ରାଜ୍ୟରେ ଅନାହାର ପରିସ୍ଥିତି ଉପୁଜିବ ବୋଲି ସତର୍କ କରାଇଦେଇଛନ୍ତି ବିରୋଧୀ।

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଲାଗି ରହିଥିବାରୁ ଗ୍ୟାସ ଯୋଗାଣରେ ଅଙ୍କୁଶ ଲଗାଯାଇଛି। ବିଶେଷକରି ଖୋଲା ବଜାରରେ ମିଳୁଥିବା ଗ୍ୟାସ ଦର ଅଚାନକ ବଢ଼ିବା ସହ ଗ୍ରାହକଙ୍କ ପକ୍ଷେ ପାଇବା କଷ୍ଟକର ହୋଇପଡ଼ିଛି। ଏସବୁ ଭିତରେ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ପାତ୍ର ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ଗ୍ୟାସ୍ ସଙ୍କଟକୁ ଦୃଷ୍ଟିରେ ରଖି ଏଣିକି ଖୋଲା ବଜାରରେ ଏହାର ବିକ୍ରି ଉପରେ କଟକଣା ଜାରି କରାଯାଇଛି। ଏଣିକି ଖୋଲା ବଜାରରେ ଆଉ ଗ୍ୟାସ ବିକ୍ରି କରାଯାଇପାରିବ ନାହିଁ। ଏଥିସହ ୫ କେଜିବିଶିଷ୍ଟ ଗ୍ୟାସ ➪ପୃଷ୍ଠା-୬

### ସଂରକ୍ଷଣ ବୃଦ୍ଧି ପଦକ୍ଷେପକୁ ଧର୍ମେନ୍ଦ୍ରଙ୍କ ସ୍ୱାଗତ
## ଅନ୍ତିମ ଶ୍ରେଣୀର ପ୍ରତିଭାଙ୍କ ସ୍ୱପ୍ନରେ ଲାଗିବ ଡେଣା



ଭୁବନେଶ୍ୱର,୫।୪(ସଂଚାର ବ୍ୟୁରୋ): ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ସହ ସାମାଜିକ ନ୍ୟାୟ ପ୍ରଦାନ ଦିଗରେ ଗତକାଲି ରାଜ୍ୟ କ୍ୟାବିନେଟ୍‌ରେ ନିଆଯାଇଥିବା ନିଷ୍ପତ୍ତିକୁ ଐତିହାସିକ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏପରି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ମେଡିକାଲ, ଇଞ୍ଜିନିୟରିଂ, କୃଷି, ଅନ୍ୟାନ୍ୟ ଉଚ୍ଚ ଶିକ୍ଷା ତଥା ଆନୁଷଙ୍ଗିକ ପ୍ରଯୁକ୍ତି ବିଦ୍ୟାଭିତ୍ତିକ ପାଠ୍ୟକ୍ରମରେ ନାମଲେଖା ପାଇଁ ସଂରକ୍ଷଣ ସୀମା ବୃଦ୍ଧି ନିଷ୍ପତ୍ତି ସମାଜର ଅନ୍ତିମ ଶ୍ରେଣୀରେ ଥିବା ପ୍ରତିଭାମାନଙ୍କୁ ସେମାନଙ୍କ ସ୍ୱପ୍ନ ପୂରଣ କରିବା ଦିଗରେ ସହାୟତା କରିବ ବୋଲି ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି କଲ୍ୟାଣକାରୀ ନିଷ୍ପତ୍ତି ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାର ମେଡିକାଲ, ଇଞ୍ଜିନିୟରିଂ, କୃଷି ତଥା ଆନୁଷଙ୍ଗିକ ପ୍ରଯୁକ୍ତି ବିଦ୍ୟାଭିତ୍ତିକ ଶିକ୍ଷା ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁସୂଚିତ ଜନଜାତି (ଏସଟି) ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣକୁ ୧୨ରୁ ୨୨.୫୦ ପ୍ରତିଶତ ଏବଂ ଅନୁସୂଚିତ ଜାତି (ଏସି) ପାଇଁ ୮ରୁ ୧୬.୨୫ ପ୍ରତିଶତକୁ ବୃଦ୍ଧି କରାଯାଇଛି। ରାଜ୍ୟରେ ପ୍ରଥମ ଥର ପାଇଁ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ (ଏସଇବିସି) ଛାତ୍ରଛାତ୍ରୀଙ୍କ ନିମନ୍ତେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ରାଜ୍ୟ କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ସାମାଜିକ ନ୍ୟାୟ ➪ପୃଷ୍ଠା-୬

## ଶ୍ରୀମନ୍ଦିରରେ ଭିଆର୍‌ଏଫ୍ ବ୍ୟବସ୍ଥା



- ନାଟ ମଣ୍ଡପ ସମ୍ମୁଖ ପରିବେଶକୁ ଶୀତଳ କରାଯିବ
- ୭୪ ଲକ୍ଷ ଟଙ୍କା ମଞ୍ଜୁର କଲା ଏସ୍‌ଜେଟିଏ

ପୁରୀ,୫।୪(ସଂଚାର ବ୍ୟୁରୋ): ସମ୍ପ୍ରତି ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ଭକ୍ତମାନେ ଦର୍ଶନ ପାଇଁ ସମସ୍ୟା ଭୋଗୁଛନ୍ତି। ବିଶେଷକରି ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଭକ୍ତମାନେ ହଇରାଣ ହରକତ ହେଉଛନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ) ପକ୍ଷରୁ ଭାରିଏବଲ୍ ରେଫ୍ରିଜେରାଣ୍ଟ୍ ଫ୍ଲୋ (ଭିଆର୍‌ଏଫ୍) ବ୍ୟବସ୍ଥା କାର୍ଯ୍ୟକାରୀ କରିବା ସକାଶେ ନିଷ୍ପତ୍ତି ହୋଇଛି। ଏଥିପାଇଁ ମଧ୍ୟ ୭୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ଜଣାପଡ଼ିଛି।

ଶ୍ରୀ ଜଗନ୍ନାଥଙ୍କ ଭକ୍ତମାନଙ୍କୁ ଥଣ୍ଡା ଅନୁଭୂତି ଦେବା ସକାଶେ ମନ୍ଦିର ପରିସରରେ ଅର୍ଥାତ୍ ନାଟ ମଣ୍ଡପ ନିକଟରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଏଥିସକାଶେ ବିଡିଂ ପ୍ରୋସେସ୍ ଶେଷ ହୋଇସାରିଛି। ତେଣୁ ଖୁବ୍‌ଶୀଘ୍ର କାର୍ଯ୍ୟ ମଧ୍ୟ ଆରମ୍ଭ ହେବ। ମନ୍ଦିରରେ ଦର୍ଶନ ସକାଶେ ଅତ୍ୟଧିକ ଭିଡ଼ ହେଉଥିବାରୁ ନାଟ ମଣ୍ଡପ ସମ୍ମୁଖରେ ଭକ୍ତମାନେ ଅସହଜ ଅନୁଭବ କରିବାକୁ ବାଧ୍ୟ ହେଉଛନ୍ତି। ଭିଆର୍‌ଏଫ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ଭକ୍ତମାନେ ଖରା ଦିନେ ବି ଉତ୍ତମ ଦର୍ଶନର ଅନୁଭବ ନେଇପାରିବେ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

ଏ ନେଇ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ମନ୍ଦିରର ପବିତ୍ରତା ରକ୍ଷା ପୂର୍ବକ ଭକ୍ତଙ୍କ ସକାଶେ ଶୀତଳ ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଶୀତଳୀକରଣ ବ୍ୟବସ୍ଥା ହଜାର ହଜାର ଭକ୍ତଙ୍କୁ ଅପୂର୍ବ ଦର୍ଶନର ଅନୁଭୂତି ଦେଇପାରିବ। ଏଥିସହ ଆଗାମୀ ଦିନରେ ନାଟ ମଣ୍ଡପ ନିକଟରେ ଭକ୍ତମାନଙ୍କ ସକାଶେ ଧାଡ଼ି ➪ପୃଷ୍ଠା-୬






## ପଞ୍ଚାୟତରେ ତ୍ରିମୁଖୀ ଲଢ଼େଇ ନିଶ୍ଚିତ



- କାମ ଦେବନି ବିଜେଡି-କଂଗ୍ରେସ ମେଣ୍ଟ
- ଫାଇଦାରେ ରହିପାରେ ବିଜେପି

ଭୁବନେଶ୍ୱର,୫।୪(ସଂଚାର ବ୍ୟୁରୋ): ଗତ ରାଜ୍ୟସଭା ନିର୍ବାଚନରେ ବିଜେଡି ଓ କଂଗ୍ରେସ କାନ୍ଧରେ କାନ୍ଧ ମିଳାଇ ଲଢ଼ିବା ଓ ବିଧାନସଭାର ପ୍ରସଙ୍ଗକୁ ମିଳିତ ଭାବେ ରାଜ୍ୟପାଳଙ୍କ ନିକଟକୁ ନେଇଯିବା ପରେ ମଧ୍ୟ ଗାଁଗହଳିରେ ଏମାନେ ମେଣ୍ଟ ହୋଇ ଲଢ଼ିପାରିବେ ନାହିଁ। ରାଜ୍ୟ ସ୍ତରରେ କେତେକ ପ୍ରସଙ୍ଗରେ କଂଗ୍ରେସର ଆଭିମୁଖ୍ୟକୁ ନେଇ ଏଭଳି ଆଲୋଚନା ଆରମ୍ଭ ହୋଇଛି।

ରାଜ୍ୟସଭା ନିର୍ବାଚନ ପରେ ବିଜେଡି ଓ କଂଗ୍ରେସ ନିକଟତର ହୋଇଥିବା ବେଳେ ପୁରୀ ବିମାନବନ୍ଦର ପ୍ରସଙ୍ଗରେ କଂଗ୍ରେସର ଆଭିମୁଖ୍ୟ ଏବେ ବିଜେଡିକୁ ଅକଳରେ ପକାଇଦେଇଛି। ବିଜେଡି ଆରମ୍ଭ କରିଥିବା ଏହି ବିମାନ ବନ୍ଦର ଏବେ ଜଙ୍ଗଲ ଅନୁମତି ପାଇଥିବା ବେଳେ କୌଣସି ସ୍ଥିତିରେ ଏହାକୁ କରାଇ ଦିଆଯିବ ନାହିଁ ବୋଲି କଂଗ୍ରେସ ରଣହୁଙ୍କାର ଦେଇଛି। ଏହାକୁ ନେଇ ବିଜେଡି କ'ଣ କହିବ ଜାଣିପାରୁନାହିଁ। ଅନ୍ୟପକ୍ଷରେ ସ୍ଥିତି ଉପରେ ବିଜେପି ନଜର ରଖିଛି।

ଏହା କେବଳ ଗୋଟିଏ ପ୍ରସଙ୍ଗ ନୁହେଁ, ଗାଁଗହଳିରେ ଏମିତି ଅନେକ ପ୍ରସଙ୍ଗ ରହିଛି ଯାହାକୁ ନେଇ କଂଗ୍ରେସ ଓ ବିଜେଡି କର୍ମୀ ଗୋଟିଏ କୋଠରୀରେ ବସିପାରିବେ ନାହିଁ। ବିଶେଷକରି ଗତ ସାଧାରଣ ନିର୍ବାଚନରେ ଯେଉଁସବୁ ବିଧାନସଭା ଆସନରେ ବିଜେଡି ସହ ଟକ୍କର ଦେଇ କଂଗ୍ରେସ ବିଧାୟକମାନେ ଜିଣିଛନ୍ତି ଓ ଅନୁରୂପ ଭାବେ ଯେଉଁଠାରେ କଂଗ୍ରେସକୁ କଡ଼ା ଟକ୍କର ଦେଇ ବିଜେଡି ବିଧାୟକମାନେ ବିଧାନସଭାକୁ ଆସିଛନ୍ତି, ସେଠାରେ ଦୁଇ ଦଳର କର୍ମୀମାନେ ତଳ ସ୍ତରରେ ନେତାଙ୍କ ନିଷ୍ପତ୍ତିକୁ ଗ୍ରହଣ କରିପାରିବେ ନାହିଁ। ତେଣୁ ପଞ୍ଚାୟତ ସ୍ତରରେ ଦୁଇ ଦଳ ➪ପୃଷ୍ଠା-୬



# ଜୀବନ ବହିରେ ଜହ୍ନ

ଡମ୍ବରୁଧର ଘଣା



ପିଲାଙ୍କ ବହିରେ ପଢ଼ାଯାଏ - ଜହ୍ନର ନିଜର ଆଲୋକ ନାହିଁ। କିନ୍ତୁ ସୂର୍ଯ୍ୟର ଅଛି, ତାରା ର ଅଛି। ଏ' କଥାଟାକୁ ବୁଝିବା ସହଜ ନୁହେଁ। ପ୍ରଶ୍ନ ଉଠେ - ଆଲୋକ ଯଦି ନାହିଁ, ତେବେ ଜହ୍ନ ଆଲୁଅ ଆଣୁଛି କେଉଁଠୁ ? ଦେଉଛି କେମିତି ?

ଏ' ଦୁଇଟି ପ୍ରଶ୍ନର ଉତ୍ତର ବଡ ଶ୍ରେଣୀର ବହିରେ ଉଲ୍ଲେଖ ଅଛି। ଚନ୍ଦ୍ର ସୂର୍ଯ୍ୟର ଆଲୋକକୁ ପ୍ରତିଫଳିତ କରେ। ପୃଥିବୀ ପୃଷ୍ଠକୁ ପଠାଏ।

ଉପର ଦୁଇଟି ପ୍ରଶ୍ନର ଉତ୍ତର ବୁଝି ହେଉଛି। କିନ୍ତୁ ଆଉ ଏକ ପ୍ରଶ୍ନ ବି ଆସେ। ଭାବିଲେ ଆସେ - ଜହ୍ନର ତ ନିଜର ଆଲୋକ ନାହିଁ। ତେବେ, ସେ ଆଣୁଛି କାହିଁକି, ଦେଉଛି କାହିଁକି ? ଏ ପ୍ରଶ୍ନର ଉତ୍ତର ବିଜ୍ଞାନ ବହିରେ ନାହିଁ। ପୁଣି ଏକ ପ୍ରଶ୍ନ ଜନ୍ମ ନିଏ - କେଉଁଠି ମିଳିବ ଏହାର ଉତ୍ତର ?

ପ୍ରାୟ ଲୋକ କୁହନ୍ତି - ସୂର୍ଯ୍ୟ ଦିନରେ ଆଲୋକ ଦିଏ। କଥାଟା ସେୟା ନୁହେଁ। ସୂର୍ଯ୍ୟ ଯେତେବେଳେ ଆଲୋକ ଦିଏ, ସେଇଟା ଦିନ। ସୂର୍ଯ୍ୟ ଆଲୋକ ଆସେ। ଜୀବ ଜଗତ ବଞ୍ଚେ। ହେଲେ, ସୂର୍ଯ୍ୟ ଭୂଲିଯାଏ - ଯେତିକି ସମୟ ସେ ଆଲୋକ ଦେବ ନାହିଁ, ସେ ସମୟରେ ସୃଷ୍ଟିର ଅବସ୍ଥା କ'ଣ ରହିବ ? ଜୀବ ବଞ୍ଚିବ କେମିତି, ଚଳିବ କେମିତି ? କଇଁ ଫୁଟିବ କେମିତି ? ସୂର୍ଯ୍ୟକୁ ଏ ଚିନ୍ତା ନାହିଁ।

ଅପରପକ୍ଷରେ ଜହ୍ନକୁ ଚିନ୍ତା ପଡେ। ବିନା ଆଲୋକରେ ଥିବା ଜୀବ ପ୍ରତି ତା'ର ଦୟା କରେ। ଭାବେ - ସୂର୍ଯ୍ୟ ଆଲୋକ ଦେଉ କି ନ ଦେଉ, ସେ ଦେବ। ତା'ର ନିଜର ଆଲୋକ ନାହିଁ - ଏ କଥା ଜାଣିବି, ଜହ୍ନ ଏ ନିଷ୍ପତ୍ତି ନିଏ। ନିଜକୁ ପ୍ରସ୍ତୁତ କରେ। ତା' ଉପରେ ପଡୁଥିବା ସୂର୍ଯ୍ୟ ଆଲୋକକୁ ପ୍ରତିଫଳିତ କରେ। ମୁହାଁଇ ଦିଏ ପୃଥିବୀ ଆଡ଼କୁ। ଜୀବ ଆଲୋକ ପାଏ। ଧରା ଆଲୋକିତ ହୁଏ। ଅନ୍ଧାରରେ ଲୁଚି ଯାଇଥିବା ପ୍ରକୃତି ଦୃଶ୍ୟମାନ ହୁଏ। କଇଁ ଫୁଟେ। ଜୀବ ଜଗତ ଚଳ ଚଞ୍ଚଳ ହୁଏ।

ଆମ ସଂସ୍କୃତିରେ ଆମେ ଜହ୍ନକୁ ମାମୁଁ କହୁ। ପୂଜା କରୁ। ଜହ୍ନ ମାମୁଁ ର ଭୂମିକା ନିଭାଏ। ନିଜର ସମ୍ବଳ ନ ଥିଲେ ବି, ସହଯୋଗ କରେ। ସହାୟତାର ହାତ ବଢ଼ାଏ। ଅଥଚ, ଜହ୍ନକୁ ପୂଜା କରୁଥିବା, ମାମୁଁ ଡାକୁଥିବା ମଣିଷ ଜହ୍ନଠୁ ଶିଖେ ନାହିଁ। ଦେବାର ତାକତ ଥାଇବି ଦିଏ ନାହିଁ। ଅନ୍ୟର ମଙ୍ଗଳ ଚିନ୍ତା ତା'ର ନାହିଁ। ଦୟା ନାହିଁ କି, ଦାୟିତ୍ୱ ନାହିଁ। ଯାହା ପାଇବ ବାନ୍ଧିବ। କିଏ ଉକୁଣୀକୁ ପାଣି ମୁନ୍ଦାଏ ଦେବାକୁ ରାଜି ନୁହେଁ ତ, କିଏ ଭଣଜାକୁ ଦୁଆର ମନା କରୁଛି।କିଏ ଭାଣିଜୀର ଭଲ ମନ୍ଦରେ ଛିଡା ହେବାକୁ କର୍ତ୍ତବ୍ୟ ବୋଲି ଭାବୁ ନାହିଁ। କିଏ ଜମି, ପାଣି ପାଇଁ ସାନ ଭାଇ ସହିତ ଦ୍ୱନ୍ଦ କରୁଛି। କିଏ ପୁଣି ଭାଇକୁ ଘର ମନା କରି ଦେଉଛି।

ଯଦି ଜହ୍ନ ଏପରି ଭାବି ଥାନ୍ତା, କ'ଣ ହୋଇଥାନ୍ତା ? ପ୍ରକୃତି ରାତିରେ ଆଲୋକ ପାଇବାରୁ ବଞ୍ଚିତ ହୋଇଥାନ୍ତା। କଇଁ କ'ଣ ଫୁଟି ଥାନ୍ତା ? ସେଇଥିପାଇଁ ପାଇଁ ଜହ୍ନ ସମସ୍ତଙ୍କ ପ୍ରିୟ ଓ ନିଜର। ଆଉ, ମଣିଷ.......



## ବୋହୂଟିଏ ପରି ଖରା

ସୁନନ୍ଦା ମହାନ୍ତି

ଖରା ସିନ୍ଦୁରା ସୁନ୍ଦରୀ ଆସେ ଥିରି
ଏଇ ଖରା ଭାରି ତୋରା
ଠିକ ଗୋରା ଗୋରା ଝିଅଟି ପରି
ଏଇ ଖରା ପଖାଳ ଖିଆ ଭରା
ଟଙ୍କ ତୋରାଣୀ ସରି
ଖରା ପଡି ଦରଦୀ ଝିଅର ଆଖି
ମୁଦି ହୋଇ ଆସେ ତାଳବଣ ସେପାରି
ଖରାରେ କଣ କରୁଥିବ କନକଗୋରୀ
ବିରି ବାଟି ଫେଣ୍ଟି ବଡି ପାରି
ଝାଳୁଆ ମୁହଁ ଅଲରା କେଶ ଉଡୁଥିବ ଥିରି
ଖରା  ବେଦରଦୀ ଭାରି
କାଞ୍ଜି ତୋରାଣୀ ରେ ଦିନ କାର ସରି
କିଏ ଅସହଜ ସଞ୍ଜରେ ଆପଣାପଣେ ଉତୁରି
ଗୁପଚୁପ ପରି ବତୁରି
ଖୋଜୁଥାଏ କତୁରୀ
ଶବ୍ଦ ସବୁକୁ କାଟିବ କରି ସାତଫେରି
କବିତା ଓ ଗଳ୍ପ ଆଜିକାଲି ଚୁଲିରେ ଉତୁରି
ଦିଶେ ଠିକ ଖରା ପରି
ନଈ ରେ ଯେମିତି ରାତି ଆକାଶ
ଧସେଇ ପଡିଛି ଖସି ତୁମ ମୁହଁ ପରି
ଖରା ଭାରି ତୋରା କରେ ସିନ୍ଦୁରେ ସୁନ୍ଦରୀ
ପାଣିରେ ମାଛ ସ୍ଥଳରେ ଗଛ
ଖରାରେ ଅତି ସ୍ୱଚ୍ଛ ଅରୁଆ ଚାଉଳ ପରି
ଧୁ ଧୁ ପାହାଡ଼ ଆଗ୍ନେୟଗିରି
ଚିଲିକାରେ ମାଛରଙ୍କା ହସେ କିରିକିରି
ଠିକ ତୁମ ଗାଁ ନଈରେ ଖରା ଗାଧେଇଲା ପରି
ଚହଲା ପାଣି ଖରା ଝିଲମିଲି କାଚକେନ୍ଦୁ ସରି
ଅଳ୍ପ ରୁଷେ ରାଗେ କାଳବୈଶାଖି ଧରି
ଖରାରେ ଧରା ଅଲଗା ନାରୀ
ଶୁଖିଲା ଘାସ ବୁଦାମୂଳେ ଦୁବ କେରି ପରି
ଖରା ସ୍ୱର୍ଗୀୟ ସୁଷମା ସୁନ୍ଦରୀ
ଚଉରା ଉପର ତାଳପତ୍ର ଚଅଁର ଭରି
ପାଣି ପଣା ବଜାନ୍ତି ମହୁରୀ
ବୋହୁ ଚାଲି ନଜାଣଇ ଲୋ ପାଦ ପଡୁଥାଏ ଥିରି
ଖରା ଜଳତତ୍ତ୍ୱ ଓ ଅଗ୍ନିତତ୍ତ୍ୱ ମିଶା ଫିଟିକିରି
ଖରା ଓଢ଼ଣା ଟାଣି ଖରା ସୁନ୍ଦରୀ
ପାଦ ପକା ଥିରି ଥିରି
ପାଦପେ ଝାଉଁଳି ନପଡ଼ନ୍ତୁ ମରି
ନିନ୍ଦା ସଙ୍ଗେ ଦେହଘସା ଖରା ବୋହୁ ସୁନା ଗୋରୀ
ତୁ ନଥିଲେ ଜଳଦ ସୃଷ୍ଟି ହେବ କିପରି
ଭାବି ଜଗନ୍ନାଥ ଲେଖିଲେ କବିତା ସରି
ଖରା ବୋହୁ ତୁ ବର୍ଷାର ସାଧବ ବୋହୁ ପରି
ଚମତ୍କାରେ ଚମକୁଛୁ ଏପାରି ରୁ ସେପାରି
ଶାମୁକା ଭିତରେ ମୋତି ଭରି ଏତେ ଭାରି
ତୁ ଚମକ ଛାଇ ର ଛଇଳା ହୁନ୍ଦରୀ ସୁନ୍ଦରୀ
ପାଖଳା ଦେହ ତୋର ସୁନା ଦୁବ କେରି କେରି

ସାକ୍ଷୀଗୋପାଳ, ପୁରୀ
ମୋବାଇଲ୍:୯୦୪୦୯୭୭୩୨୭

## ଜୀବନ ଭାସୁଛି ଆଖି ଲୁହରେ

ପୁଷ୍ପଲତା ମିଶ୍ର



ଜୀବନ ଭାସୁଛି ଆଖିର ଲୁହରେ
ମନ ଯାଇ ଅଛି ମରି,
ଜୀବନ ସାରା ମୁଁ ସଂଘର୍ଷ କରିଛି
ଯିବିନି କେବେ ମୁଁ ହାରି।।
ହାରି ହାରି ମୁହିଁ ଜିତି ମୁଁ ଯାଇଛି
ହାରି ହାରି ଜିତୁ ଥିଲି,
ଅଳୀକ ଜୀବନ ସଂଗ୍ରାମ ରେ ଜାରି
ଦୁଃଖ କୁ ପାଶୋରି ଦେଲି ।।
ଆଖିର ଲୁହ କୁ ଆଖିରେ ମାରୁଛି
ଗଡିବାକୁ ଦେଉ ନାହିଁ,
ଗଡ଼ି ଗଲେ କାଳେ ଅମଙ୍ଗଳ ହେବ
ଭାବନା ରେ ଅଛି ରହି ।।
ଦୁର୍ଗମ ପଥ ରେ ଚାଲିବା ଶିଖିଛି
ଦୁଃଖକୁ ମଣିଛି ସୁଖ,
ଜୀବନ ଭାସୁଛି ଆଖିର ଲୁହ ରେ
ଦୁଃଖରେ ନୁହଁ ବିମୁଖ ।।
ଢଳ ଢଳ ନେତ୍ରେ ଭାସୁଛି ଜୀବନ
ପଥ ଦିଶୁଛି ଅନ୍ଧାର,
ଅନ୍ଧାର କୁ ତଡି ବାଟ ମୁଁ ଚାଲୁଛି
କରେ ଅନ୍ତର ଚିତ୍କାର ।।

ଭୁବନେଶ୍ୱର
ମୋବାଇଲ୍: ୯୩୩୮୨୯୪୬୫୭






# ପିଢ଼ି ପରେ ପିଢ଼ି ବହନ କରୁଥିବା ଜ୍ଞାନ ଶକ୍ତି



ଡକ୍ଟର ଲକ୍ଷ୍ମଣ ସାହୁ

ପିଢ଼ି ପରେ ପିଢ଼ି ବହନ କରୁଥିବା ଜ୍ଞାନ ଆମର ଶକ୍ତି। ଏହା ତୃତୀୟ ଆଖିର ଅନନ୍ୟ ସମ୍ପତ୍ତି। ଏହାର ଏକମାତ୍ର ପ୍ରତୀକାତ୍ମକ ପ୍ରତୀକ ହେଉଛି ତିଳକ। ଯେତେବେଳେ ଖ୍ରୀଷ୍ଟିଆନ ରହସ୍ୟବାଦୀମାନେ ପ୍ରଥମେ ଦକ୍ଷିଣକୁ ଆସିଥିଲେ, ସେମାନଙ୍କ ମଧ୍ୟରୁ କିଛି ତିଳକ ପିନ୍ଧିବା ଆରମ୍ଭ କରିଥିଲେ। ହଜାର ବର୍ଷ ପୂର୍ବେ ଭାଟିକାନ କୋର୍ଟରେ ଏକ ମାମଲା ଦାୟର ହୋଇଥିଲା କାରଣ ଏଠାକୁ ପଠାଯାଇଥିବା ଖ୍ରୀଷ୍ଟିଆନ ରହସ୍ୟବାଦୀମାନେ ପବିତ୍ର ସୂତା ପିନ୍ଧୁଥିଲେ, ତିଳକ ଲଗାଉଥିଲେ ଓ କାଠ କଠଉ (ଚପଲ) ପିନ୍ଧୁଥିଲେ। ହିନ୍ଦୁ ସନ୍ନ୍ୟାସୀମାନଙ୍କ ପରି ଜୀବନଯାପନ କରିବା ଆରମ୍ଭ କରିଥିଲେ।

ଏହା କରିଥିବା ଫକୀରମାନେ କହିଥିଲେ ଯେ ଏହା ଭୁଲ ନୁହେଁ। ତିଳକ ଲଗାଇ କିମ୍ବା ଏହି କାଠ କଠଉ (ଚପଲ) ପିନ୍ଧି ଆମେ ହିନ୍ଦୁ ହୋଇଯାଉନାହୁଁ। ବରଂ ଏକଥା ପ୍ରଥମ ଥର ପାଇଁ ଆମେ ହିନ୍ଦୁମାନଙ୍କର ବୁଝାମଣା ବିଷୟରେ ଜାଣିଛୁ। ଯଦି ଧ୍ୟାନ କରିବା ସମୟରେ କାଠ ପାଦ ତଳେ ରଖାଯାଏ, ତେବେ କାଠ ବିନା ଯାହା ମାସ ମାସ ଲାଗିବ ତାହା ଏହା ସାହାଯ୍ୟରେ ଦିନମାନଙ୍କରେ ସାଧିତ ହୋଇପାରିବ। ଯଦି ହିନ୍ଦୁମାନେ କିଛି ଜାଣନ୍ତି, ତେବେ ଆମେ ଏହାକୁ ବ୍ୟବହାର ନ କରିବା ମୂର୍ଖ ହେବୁ। ସେମାନେ କହିଥିଲେ ଯେ କୋଡ଼ିଏ ହଜାର ବର୍ଷ ଧରି, ଯେତେବେଳେ ସମସ୍ତ ଜ୍ଞାନୀମାନେ ସେମାନଙ୍କର ଜୀବନକୁ ଗୋଟିଏ କାମରେ ଉତ୍ସର୍ଗ କରିଛନ୍ତି। ଯେତେବେଳେ ସମସ୍ତ ଜ୍ଞାନୀମାନଙ୍କର ହଜାର ହଜାର ବର୍ଷ ଧରି ଗୋଟିଏ ଇଚ୍ଛା ରହିଛି, ସେତେବେଳେ ବିଶ୍ୱରେ ଲୁକ୍କାୟିତ ସତ୍ୟକୁ ଆବିଷ୍କାର କରିବା, ଅଦୃଶ୍ୟକୁ ଦୃଶ୍ୟମାନ କରିବା, ଏହାକୁ ଅଣଦେଖା କରିବା ବୁଦ୍ଧିମାନର କାର୍ଯ୍ୟ ନୁହେଁ।

କିନ୍ତୁ ଗତ ଦୁଇଶହ ବର୍ଷ ମଧ୍ୟରେ ଗୋଟିଏ ଘଟଣା ଘଟିଛି ଯାହା ଆମକୁ ଅସୁବିଧାରେ ପକାଇଛି। ଏହି ଦେଶ ଉପରେ ଶହ ଶହ ଥର ଆକ୍ରମଣ ହୋଇଛି, କିନ୍ତୁ କୌଣସି ଆକ୍ରମଣକାରୀ ସଠିକ୍ ସ୍ଥାନରେ ଆକ୍ରମଣ କରିପାରିନାହିଁ। କେତେକ ଧନ ଲୁଟିଛନ୍ତି, କେତେକ ଜମି ଦଖଲ କରିଛନ୍ତି, କେତେକ ଘର ଓ ପ୍ରାସାଦ ନେଇଛନ୍ତି। କିନ୍ତୁ କେହି ଆମ ଭିତରେ ଥିବା କଥା ଉପରେ ଆକ୍ରମଣ କରିପାରି ନାହାନ୍ତି। ପ୍ରଥମ ଥର ପାଇଁ, ପାଶ୍ଚାତ୍ୟ ସଭ୍ୟତା ଏହି ଦେଶର ମୂଳ ଉପରେ ଆକ୍ରମଣ କରିବାକୁ ଆରମ୍ଭ କଲା। ଏହା କରିବାର ସବୁଠାରୁ ସହଜ ଉପାୟ ହେଉଛି ତୁମର ଇତିହାସ ଓ ତୁମ ମଧ୍ୟରେ ଏକ ଫାଟ ସୃଷ୍ଟି କରିବା। ତା'ପରେ ତୁମର କୌଣସି ଶକ୍ତି ରହିବ ନାହିଁ। ଯଦି ଆଜି ପାଶ୍ଚାତ୍ୟ ସଭ୍ୟତା ନଷ୍ଟ ହୁଏ, ତେବେ ପାଞ୍ଚଟି ପାଶ୍ଚାତ୍ୟ ବିଶ୍ୱବିଦ୍ୟାଳୟ ନଷ୍ଟ ହୋଇଯିବ, ଏପରିକି ପାଶ୍ଚାତ୍ୟ ସଂସ୍କୃତି ନଷ୍ଟ ହୋଇଯିବ। କାରଣ ବିଶ୍ୱରେ ସଂସ୍କୃତିର ପ୍ରକୃତ ମୂଳଦୁଆ ଏହାର ଜ୍ଞାନର ଉତ୍ସରେ ରହିଛି। ଏହାର ମୂଳ ଶୃଙ୍ଖଳରେ ରହିଛି। ଏଥିରେ ବହୁତ ସମୟ ଲାଗେ ନାହିଁ; କେବଳ ଦୁଇଟି ପିଢ଼ିକୁ ଇତିହାସରୁ ବଞ୍ଚିତ କରନ୍ତୁ ଓ ଭବିଷ୍ୟତ ନଷ୍ଟ ହୋଇଯିବ।

ମଣିଷ ଓ ପଶୁ ମଧ୍ୟରେ ପାର୍ଥକ୍ୟ ଅଛି। ଗୋଟିଏ ପ୍ରାଣୀର ପୂର୍ବ ପିଢ଼ିର ଜ୍ଞାନ ପରବର୍ତ୍ତୀ ପିଢ଼ିକୁ ହସ୍ତାନ୍ତର କରିବାର କୌଣସି ଉପାୟ ନାହିଁ। ଏତିକି ଯେତେବେଳେ ଗୋଟିଏ ପ୍ରାଣୀର ପିଲା ଜନ୍ମ ହୁଏ, ତାକୁ ସେହିଠାରୁ ଜୀବନ ଆରମ୍ଭ କରିବାକୁ ପଡ଼ିଥାଏ ଯେଉଁଠାରୁ ତା'ର ପିତା ତାକୁ ଛାଡ଼ି ଦେଇଥିଲା। ଯେତେବେଳେ ତା'ର ନିଜ ପିଲା ଜନ୍ମ ହୁଏ, ସେଠାରୁ ମଧ୍ୟ ଆରମ୍ଭ ହେବ। ସେ ତା'ର ପୂର୍ବ ପିଢ଼ିର ଜ୍ଞାନ ପାଇବ ନାହିଁ। କିନ୍ତୁ ଶିକ୍ଷା ମାଧ୍ୟମରେ, ମଣିଷ ତା'ର ପିଲାକୁ ସେହିଠାରୁ ଜୀବନ ଆରମ୍ଭ କରିବାକୁ ସାହାଯ୍ୟ କରିଥାଏ , ଯେଉଁଠାରୁ ସେ ନିଜେ ଛାଡ଼ିଥିଲା। ସେଥିପାଇଁ ମାନବ ସଭ୍ୟତାର ବିକାଶ ଘଟେ।

ଏଦିଗରେ ଅବଶ୍ୟ ସଠିକ୍ ଉପାୟ ଗ୍ରହଣ କରିବାକୁ ପଡିବ। ଏକ ଅହିଂସା ସମାଜ ଗଠନ କରିବା ପାଇଁ, ସାରା ବିଶ୍ୱରେ ହିଂସାତ୍ମକ ହେଉଥିବା ଲୋକମାନଙ୍କୁ ସେମାନଙ୍କର ଲକ୍ଷ୍ୟ ହାସଲ କରିବା ପାଇଁ ସଠିକ୍ ଉପାୟ ଅବଲମ୍ବନ କରିବାକୁ ପଡିବ।

କୁହାଯାଏ ଯେ ଏକ ଚିତ୍ର ହଜାର ଶବ୍ଦଠାରୁ ମୂଲ୍ୟବାନ। ଏହି ଲେଖା ସହିତ ଥିବା ଚିତ୍ରଟି ମେକ୍ସିକୋର। ଏଥିରେ ସରକାରୀ ନୀତି ବିରୁଦ୍ଧରେ ମେକ୍ସିକୋ ସିଟିରେ ଏକ ପ୍ରତିବାଦ ଦର୍ଶାଯାଇଛି। ଆଧୁନିକ ସଭ୍ୟତା ମଧ୍ୟ ସମାଜର ଦୃଷ୍ଟି ଆକର୍ଷଣ କରେ। ଜଟିଳ ପରିସ୍ଥିତିରେ ଏପରି ଚିତ୍ର ସମାଜ ଭିତରେ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱକୁ ପ୍ରତିଫଳିତ କରେ। ଅନେକ ଦେଶରେ, ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଚାଲିଥିବା ଦ୍ୱନ୍ଦ୍ୱ କିମ୍ବା ବିରୋଧର ଅନେକ ସ୍ଥାନୀୟ କାରଣ ଥାଇପାରେ।

ଆଜିକାଲି ପ୍ରତ୍ୟେକ ଦେଶରେ ଏପରି ଚିତ୍ର ଉଠାଯାଉଛି। ଯାହାକି ସୋସିଆଲ ମିଡିଆ ମାଧ୍ୟମରେ ରାତାରାତି ସାରା ବିଶ୍ୱରେ ବ୍ୟାପିଯାଉଛି। ଏହା କ୍ରୋଧ ଓ ହିଂସାକୁ ପ୍ରୋତ୍ସାହିତ କରୁଥିବା ପରି ମନେହୁଏ। ଯଦିଓ ସମସ୍ତେ ଜାଣନ୍ତି ଯେ ଏହି ଚିତ୍ରଗୁଡ଼ିକ ଏହି ଦେଶଗୁଡ଼ିକର ସମଗ୍ର ଜନସଂଖ୍ୟାକୁ ପ୍ରତିନିଧିତ୍ୱ କରେ ନାହିଁ। ତେଣୁ, ଚିତ୍ର ମାଧ୍ୟମରେ, ସାଧନ ଓ ଲକ୍ଷ୍ୟର ନୀତିକୁ ମଧ୍ୟ ବିଚାର କରିବାକୁ ପଡିବ। ଆଧୁନିକ ସଭ୍ୟତା କ'ଣ ବ୍ୟବହାରିକ ବିକାଶକୁ ଗ୍ରହଣ କରିବାକୁ ଜାଣେ ? ନା ଏହା କେବଳ ପୁଞ୍ଜିବାଦ ଓ କିଛି ହାତରେ କ୍ଷମତା କେନ୍ଦ୍ରୀକରଣର ଫଳାଫଳ ?

ମହାତ୍ମା ଗାନ୍ଧୀ ନିଜ ପ୍ରୟାସ ମାଧ୍ୟମରେ ସମାଜର ଭଲ ସେବା କରିଥିଲେ। ସେ ବିଶ୍ୱାସ କରୁଥିଲେ ଯେ ସାଧନର ନୀତି ଜୀବନର ପ୍ରତ୍ୟେକ ଦିଗରେ ମାନବତାର ବୈଚାରିକ ଓ ବ୍ୟବହାରିକ ବିକାଶକୁ ପ୍ରୋତ୍ସାହିତ କରିପାରିବ। ଗାନ୍ଧୀଜୀ ହିନ୍ଦ ସ୍ୱରାଜରେ ଏହି ନୀତିକୁ ବିସ୍ତାରିତ କରିଥିଲେ। ସମାଜ କ୍ଷମତାର ବିରୋଧ ପ୍ରକାଶ କରିବା ପାଇଁ ଯେଉଁ ଉପାୟ ବ୍ୟବହାର କରେ, ସେହି ଉପାୟ ସାମାଜିକ ବିରୋଧର ମୁକାବିଲା କରିବା ପାଇଁ ଶକ୍ତି ବ୍ୟବହାର କରେ। ଯଦି ଶକ୍ତି ସମାଜର ସୁରକ୍ଷା ପାଇଁ ଦାୟୀ, ତେବେ ସମାଜକୁ ଏହାର ଲକ୍ଷ୍ୟ ହାସଲ କରିବା ପାଇଁ ସଠିକ୍ ଉପାୟ ବୁଝିବା ଓ ଗ୍ରହଣ କରିବା ଉଚିତ୍। କାରଣ ଲୋକମାନେ ହିଁ ସେମାନଙ୍କର ସରକାରକୁ ନିର୍ବାଚିତ କରନ୍ତି କିମ୍ବା ସେବା ପାଇଁ ନିର୍ବାଚିତ ବ୍ୟକ୍ତିଙ୍କୁ କ୍ଷମତା ପ୍ରଦାନ କରନ୍ତି। ତେଣୁ ସମାଜକୁ ଏହାର ଲକ୍ଷ୍ୟ ହାସଲ କରିବା ପାଇଁ ସଠିକ୍ ଉପାୟ ବାଛିବା ଶିଖିବାକୁ ପଡିବ। ଏହା ବ୍ୟତୀତ, ଏହାକୁ ନିଃସ୍ୱାର୍ଥପର ଉପାୟ ମଧ୍ୟ ଗ୍ରହଣ କରିବାକୁ ପଡିବ।

ଅଧିକ ଶକ୍ତିଶାଳୀ ଶକ୍ତିଗୁଡ଼ିକର ମଧ୍ୟ ସମାନ ଉପାୟ ଗ୍ରହଣ କରିବାର ଅଧିକାର ଅଛି। ଯାହା ଜନସାଧାରଣ ସେମାନଙ୍କର ପ୍ରଗତି ଓ ବିକାଶ ପାଇଁ ବ୍ୟବହାର କରନ୍ତି। ଅର୍ଥାତ୍, ଯଦି ଜନସାଧାରଣ, ଯେପରି ଉପରେ ଦର୍ଶାଯାଇଛି, ହାତୁଡ଼ି, ଲାଠି ଓ ପଥର ଉଠାଇ ସେଗୁଡ଼ିକୁ ବ୍ୟବହାର କରନ୍ତି, ତେବେ ସରକାରଙ୍କୁ ଲାଠି, ଲୁହ ଗ୍ୟାସ ଓ ବନ୍ଧୁକ ବ୍ୟବହାର କରିବାରୁ ରୋକିହେବ ନାହିଁ। ସେହିପରି ଯଦି ଆମେ ଆମର ସାମାଜିକ ପ୍ରତିଷ୍ଠାନର ଅପବ୍ୟବହାର କରୁ, ତେବେ ଆମେ ସରକାରୀ ପ୍ରତିଷ୍ଠାନର ଅପବ୍ୟବହାରକୁ ରୋକିପାରିବୁ ନାହିଁ। ଆଜି ସମସ୍ତ ସରକାରୀ ପ୍ରତିଷ୍ଠାନ କେବଳ ସରକାରଙ୍କ ଲାଭ ପାଇଁ।

ଯଦି ସେମାନେ ଏହା ହାସଲ କରିବା ପାଇଁ ଏକାଠି କାମ କରୁଛନ୍ତି, ତେବେ ଏହାର କାରଣ ହେଉଛି ସମାଜ ନିଜେ ଏହାକୁ ବହୁତ ଦିନ ଧରି ହେବାକୁ ଦେଇଛି। ଆମେ ଆମର ଗଣତନ୍ତ୍ରର ଚାରୋଟି ସ୍ତମ୍ଭ - ବ୍ୟବସ୍ଥାପକ, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ଓ ଗଣମାଧ୍ୟମକୁ କ୍ଷମତାର ଉପକରଣ ହେବାକୁ ଦେଇଛୁ। ତେଣୁ ଗଣତନ୍ତ୍ରର ମୂଳଦୁଆ ନିର୍ବାଚନରେ ଆମର ଲକ୍ଷ୍ୟ ହାସଲ କରିବା ପାଇଁ ଆମେ ଯେଉଁ ଉପାୟ ବ୍ୟବହାର କରୁ। ସେହି ଉପାୟଗୁଡ଼ିକୁ ନିଜସ୍ୱ ଲକ୍ଷ୍ୟ ହାସଲ କରିବାର ଶକ୍ତି ପ୍ରଦାନ କରେ।

ଆଚାର୍ଯ୍ୟ ବିନୋବା ଜୀ ତାଙ୍କ "ଗୀତା ପ୍ରବଚନ" ରେ ଜୀବନକୁ କେବଳ "ସଂସ୍କାରର ସଂଗ୍ରହ" ଭାବରେ ପରିଭାଷିତ କରିଛନ୍ତି। ଏହାର ଅର୍ଥ ହେଉଛି ଯେ ପିଲାଦିନରୁ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ, ଆମେ ଆମର ସଂସ୍କାରଗୁଡ଼ିକୁ ବିକଶିତ କରୁ, ଯାହା ଶେଷରେ ଆମକୁ ଏକ ସାଧନ-ନିର୍ମାଣ ନୀତି ଭାବରେ ସେବା କରେ। ତେଣୁ ସମାଜକୁ ଏହା ନିଶ୍ଚିତ କରିବାକୁ ଚେଷ୍ଟା କରିବା ଉଚିତ୍ ଯେ ଆମର ସଂସ୍କାର ସାଧନ-ନିର୍ମାଣ ନୀତିର ବୁଝାମଣା ଦ୍ୱାରା ଗଢ଼ି ଉଠିବ। ସମାଜକୁ ଜନସାଧାରଣଙ୍କୁ ଠକିବା ପାଇଁ ସରକାରଙ୍କ ଦ୍ୱାରା ସାର୍ବଜନୀନ ପାଣ୍ଠିର ବ୍ୟବହାରର ଭ୍ରମକୁ ବୁଝିବାକୁ ପଡିବ।

ସମାଜକୁ ସର୍ବୋଦୟର ଲକ୍ଷ୍ୟ ହାସଲ କରିବାକୁ ପ୍ରୟାସ କରିବାକୁ ପଡିବ। ଶ୍ରୀଲଙ୍କା, ନେପାଳ, ବାଂଲାଦେଶ ଓ ମେକ୍ସିକୋ ଭଳି ଦେଶରେ ହେଉଥିବା ପ୍ରତିବାଦରୁ ଆମେ ସମସ୍ତେ ଦେଖିଛେ ଓ ବୁଝିଛେ ଯେ ହିଂସା ମାଧ୍ୟମରେ ଜନସାଧାରଣଙ୍କ ଲକ୍ଷ୍ୟ ହାସଲ କରିବାର ପ୍ରୟାସ ପ୍ରାୟତଃ ସରକାରଙ୍କ ପ୍ରତିଶୋଧମୂଳକ ହିଂସାର ଶିକାର ହୁଏ। ସମାଜ ଦ୍ୱାରା ପ୍ରତିବାଦରେ ହିଂସା ସରକାରଙ୍କ ଦ୍ୱାରା ପ୍ରତିଶୋଧମୂଳକ ହିଂସାକୁ ନେଇଥାଏ। ଯଦି ଜନସାଧାରଣ ଅହିଂସାତ୍ମକ ଉପାୟ ବଜାୟ ରଖନ୍ତି ତେବେ ହିଁ ସମାଜରେ ସଦୟତା ବଜାୟ ରହିପାରିବ।

"ମୋ ଗାନ୍ଧୀ" ରେ ନାରାୟଣ ଦେଶାଇ ବ୍ୟାଖ୍ୟା କରି କହିଛନ୍ତି ଯେ ଗାନ୍ଧୀ ନିଜକୁ ଜଣେ ବ୍ୟବହାରିକ ଆଦର୍ଶବାଦୀ ବୋଲି ବିବେଚନା କରୁଥିଲେ। ସାଧନର ପବିତ୍ରତା ଉପରେ ତାଙ୍କର ଗୁରୁତ୍ୱ ମୁଖ୍ୟତଃ ବ୍ୟବହାରିକ ଦାବି ଦ୍ୱାରା ଚାଳିତ ଥିଲା।

ସେମାନେ ଗୋଟିଏ ଓ ଆମେ ମଧ୍ୟ ଗୋଟିଏ। ଜଣେ ଖ୍ୟାତନାମା ସ୍ତମ୍ଭକାର ରାଜେନ୍ଦ୍ର ବାଜ ତାଙ୍କ ପ୍ରବନ୍ଧରେ ଲେଖିଛନ୍ତି , ଏହା ହେଉଛି ପ୍ରଦର୍ଶନର ଯୁଗ। ଯଦି ଆମେ କିଛି ଓ କାହାର ଉଚ୍ଚ ପଦବୀ ଅଛି, ତେବେ ତାଙ୍କର ଚାଲ ମଧ୍ୟ ମହାନ ହେବା ଉଚିତ୍। ପ୍ରକୃତରେ ଉଚ୍ଚ ଲୋକଙ୍କର ସ୍ୱାଦ ଉଚ୍ଚ ଥାଏ। ଏହା କେବଳ ପାନ ମସଲା କମ୍ପାନୀର ସ୍ଲୋଗାନ ନୁହେଁ, ବରଂ ଏହା ସେହି ବ୍ୟକ୍ତିଙ୍କ ଜୀବନ ଦର୍ଶନ , ଯାହାର ଏହି ଦୁନିଆରେ ଏକ ଭିନ୍ନ ପଦବୀ ଅଛି। ପ୍ରଥମେ ଏଇ ମଣିଷ ପାଦରେ ଚାଲିବାରୁ ପରେ ସାଇକେଲରେ ଆସିଥିଲା, ସାଇକେଲରୁ ସେ ମୋଟରସାଇକେଲରେ ଆସିଥିଲା ଓ ମୋଟରସାଇକେଲରୁ ସେ କାରରେ ଆସିଥିଲା। ବର୍ତ୍ତମାନ ଏହି ଦୁନିଆରେ କେବଳ କାର ଦୃଶ୍ୟମାନ ହେଉଛି , ଅହଂକାର ମଣିଷ ଆବଶ୍ୟକ ନଥାଇ ମଧ୍ୟ କାର ଚଲାଇ ଆସେ। କିନ୍ତୁ ଏସବୁ ଦେହସୁଆ ସାଧାରଣ ପାଲଟି ଯାଇଛି। ତେଣୁ ସେମାନଙ୍କ ମଧ୍ୟରେ କୌଣସି ବିଶେଷ ପାର୍ଥକ୍ୟ ନାହିଁ। ଆଜିକାଲି ଛୋଟ ଓ ଶସ୍ତା କାର ଦାରିଦ୍ର୍ୟର ସମାନାର୍ଥକ ହୋଇଯାଉଛି। ତୀକ୍ଷ୍ଣ ଦୃଷ୍ଟିରୁ ବିଚାର କଲେ ତଥାପି, ଆର୍ଥିକ ସମୃଦ୍ଧି ଯୋଗୁଁ, ମୋଟ ମୂଲ୍ୟର ୫-୭ ଗୁଣ ମୂଲ୍ୟରେ କାର ମାଲିକଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଏହି ପରିସ୍ଥିତି ଆମର ଆର୍ଥିକ ସମୃଦ୍ଧିର ପ୍ରତୀକ। କିନ୍ତୁ ଅତିରିକ୍ତ ଶକ୍ତି (ହୁଟର) ଅଭାବରୁ, ଆଜିକାଲି ସବୁଠାରୁ ମହଙ୍ଗା କାରଗୁଡ଼ିକ ମଧ୍ୟ ସେମାନଙ୍କର ପ୍ରଭାବ ହରାଇବାରେ ଲାଗିଛି। ହୁଏତ ସେହି ଦିନ ଆଉ ବେଶୀ ଦୂର ନୁହେଁ ଯେତେବେଳେ ଏହି ମର୍ସିଡିଜ୍ ମଧ୍ୟ ଭିଡ଼ର ଏକ ଅଂଶ ହୋଇଯିବେ। ଏପରି ପରିସ୍ଥିତିରେ, ଆଜିକାଲି ୮-୧୦ ଲକ୍ଷ ଟଙ୍କା ମୂଲ୍ୟର କାର ଯୋଗୁଁ, ଜଣେ କେବଳ ଭିଡ଼ର ଏକ ଅଂଶ ହେବାକୁ ଚାହୁଁଥିବା ସ୍ୱାଭାବିକ। ତେଣୁ ଏହା ଗୁରୁତ୍ୱପୂର୍ଣ୍ଣ ଯେ ଜଣଙ୍କର କାର ଏପରି ହେବା ଉଚିତ ଯାହା ସମସ୍ତ କାର ମାଲିକଙ୍କୁ ପ୍ରଲୋଭିତ କରିବ। ପ୍ରକୃତରେ ଆଜିର ଯୁଗ ସବୁକିଛି ଦେଖାଇବା ପାଇଁ। ରାଜନୈତିକ ପ୍ରତିଯୋଗିତାର ପ୍ରତୀକ ଲାଲ ଆଲୋକ ଏବେ ଅଦୃଶ୍ୟ ହୋଇଗଲାଣି, ଏହା ଭିନ୍ନ କଥା। କିନ୍ତୁ ରାଜନୀତି ମାଧ୍ୟମରେ ଅସମ୍ଭବକୁ ସମ୍ଭବ କରିବା ବହୁତ ସହଜ। ଗତକାଲି ହିଁ ଉତ୍କଳ ଦିବସରେ ସାଧାରଣ ଲୋକଙ୍କ ଭିତରେ ଜଣେ ବିଶେଷ ନେତା ଆମ ଏ ସହରରେ ପ୍ରବେଶ କରିଥିଲେ। ଯଦି ସେ ଭିଡ଼ରୁ ବାହାରି ଆସିଥାନ୍ତେ, ତେବେ ସେ ଏହାର ଅଂଶ ହୋଇଥାନ୍ତେ। ଯଦି ସେ ଆମ ପରି ଏକ ଗାଡ଼ିରେ ଆସିଥାନ୍ତେ, ତେବେ ସେ ଆମ ପରି ହୋଇଯାଆନ୍ତେ। ଅର୍ଥାତ୍, ସେ ଭିଡ଼ର ଏକ ଅଂଶ ହୋଇ ରହିଥାନ୍ତେ। କିନ୍ତୁ ନା, ଏକ ଲମ୍ବା ଗାଡ଼ି ଆସି ପହଞ୍ଚିଲା, ତା'ର ହର୍ଣ୍ଣ ବଜାଇଲା। ଶବ୍ଦ ବହୁତ କର୍କଶ କଠୋର ଥିଲା, କିନ୍ତୁ ଏହା ଭିଆଇପିଙ୍କ ଆଗମନ ଥିଲା। ତେଣୁ ନିଶ୍ୱାସ ବନ୍ଦ କରି ଓ ଚାହିଁ ରହି, ଆମେ ଭିଆଇପିଙ୍କୁ ଦେଖିବାକୁ ଆଗ୍ରହୀ ଥିଲୁ। ଆମ ମନରେ ଏକ ବଡ଼ କୌତୁହଳ ସୃଷ୍ଟି ହେଉଥିଲା।

ସିଟି ଶୁଣିବା ମାତ୍ରେ, ଭିଡ଼ର ଅନେକ ଭଲ ଲୋକ ଭାବପ୍ରବଣ ହୋଇଗଲେ। ଭିଡ଼ ଭିତରକୁ ପ୍ରବେଶ କରିବା କିମ୍ବା ଛାଡ଼ିବା ସମୟରେ କୌଣସି ବିଶେଷ ଗତିବିଧି ନଥିଲା। ତଥାପି ଚମତ୍କାର ବ୍ୟକ୍ତିତ୍ୱର ଆଗମନ ଆନନ୍ଦ ଆଣିଦେଲା ଓ ସେ ଚାଲିଯିବା ମୁହୂର୍ତ୍ତରେ, ସେ ସ୍ଥଳ ନିର୍ଜନତା ଆସିଗଲା। ଭିଡ଼ କେବେବି ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ କିମ୍ବା କାମକୁ ବୃଦ୍ଧି କରିପାରିବ ନାହିଁ। ଭିଡ଼ ହେଉଛି ଏକ ଭିଡ଼; ସେହି ଗୋଟିଏ ଶବ୍ଦ ସମସ୍ତଙ୍କୁ ଘେରି ରହିଛି। କିନ୍ତୁ ଭିଡ଼ ମଧ୍ୟରୁ ଯିଏ ଅଲଗା ଛିଡା ହୁଏ ତାକୁ ସ୍ୱତନ୍ତ୍ର ବୋଲି ବିବେଚନା କରାଯାଏ। ଭିଡ଼ ତାଙ୍କ ଆଡ଼କୁ ଆକର୍ଷିତ ହୁଏ। ଯଦି କେହି ଜଣେ ଭିଆଇପି (VIP) ତେବେ ତାଙ୍କର ଭିଆଇପି (VIP) ସ୍ଥିତି ସ୍ପଷ୍ଟ ହେବା ଉଚିତ୍। ଏହା ଏକ ଶକ୍ତିଶାଳୀ ଦାମୀ ସହିତ ଏକ ମର୍ସିଡିଜ୍ କାର ବ୍ୟତୀତ ଅନ୍ୟ କୌଣସି ମାଧ୍ୟମରେ ପ୍ରକାଶ କରାଯାଇପାରିବ ନାହିଁ।

ଅତଏବ ପିଢ଼ି ପରେ ପିଢ଼ି ବହନ କରୁଥିବା ଜ୍ଞାନ ଶକ୍ତିକୁ ବୁଝିବାକୁ ଗଲେ ପ୍ରଥମେ କାଠ କଠଉ ଓ ମସ୍ତକରେ ତିଳକ ଲଗାଇଥିବା ମଣିଷ ସମୟର ଛାୟା ଚିତ୍ରରେ ବଦଳି ମର୍ସିଡିଜ୍ କାର ଚଢି ମାନବିକତାକୁ ଦୋହଲାଇ ଦେଇ ଆଜିର ସମୟରେ ନିଜକୁ ପ୍ରଦର୍ଶନ କରିବାକୁ ପଛାଉ ନାହିଁ, ଏହା ବିଡ଼ମ୍ବନା ନା ସଫଳତାକୁ ସ୍ୱାଗତ କରୁଛି ତାହା କେବଳ ବୁଦ୍ଧିଜୀବୀମାନେ ବିଚାର କରୁଥିବେ...!!!



**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪**
**ମୋବାଇଲ୍: ୯୦୪୦ ୧୫୧୪ ୭୫**

# କୋଟିଆରେ ପୁଣି ଆନ୍ଧ୍ର ଅଧିକାରୀଙ୍କ ଅନୁପ୍ରବେଶ

- ଆନ୍ଧ୍ର କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରତିକ୍ରିୟା ନେଉଛନ୍ତି
- ମ୍ୟାଲେରିଆ ସମ୍ପର୍କରେ ବୁଝାଉଛନ୍ତି

ପଟ୍ଟାଙ୍ଗି, ୫।୪ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗି ବ୍ଲକ ଅଧୀନସ୍ଥ କୋଟିଆ ପଞ୍ଚାୟତରେ ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି ଥରେ ଆନ୍ଧ୍ର ପ୍ରଦେଶର ସରକାରୀ ତଥା ପଦାଧିକାରୀ ଅନୁପ୍ରବେଶ କରିଥିବା ଦେଖିବାକୁ ମିଳିଛି। ପଞ୍ଚାୟତ କାର୍ଯ୍ୟାଳୟରୁ ଜଗନ୍ନାଥ ମନ୍ଦିର, ଆଶ୍ରମ ବିଦ୍ୟାଳୟ, ବସ୍‌ଷ୍ଟାଣ୍ଡ ଗୃହ ପରିଦର୍ଶନ କରି ପଞ୍ଚାୟତ ସଦର ମହକୁମାସ୍ଥିତ ସମସ୍ତ ସାହିବାସୀଙ୍କୁ ସାକ୍ଷାତ କରି ଆନ୍ଧ୍ର ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସେମାନେ ପଚାରି ବୁଝିଛନ୍ତି, ଯାହାକି ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ପାଇଁ ଖୋଲା ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ଆନ୍ଧ୍ରର ସାଲୁର୍ ବ୍ଲକ ସ୍ୱତନ୍ତ୍ର ଅଧିକାରୀ ପ୍ରସାଦ, ଏମ୍‌ପିଡିଓ (ବିଡିଓ) ଜି.ପାର୍ବତୀ ଓ ଅନ୍ୟ କର୍ମଚାରୀ ମଶା ଦାଉରୁ ଦୂରେଇ ରହିବା ସହ ମ୍ୟାଲେରିଆ ସମ୍ପର୍କରେ ସୀମାନ୍ତବାସୀଙ୍କୁ ବୁଝାଇଛନ୍ତି। ଅଧିକାରୀମାନେ ଉପରସେମ୍ବି, ଗଞ୍ଜେଇ ପଦର ଆଦି ଗ୍ରାମ ପରିଦର୍ଶନ କରି ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଗ୍ରାମବାସୀଙ୍କୁ ବୁଝାଇବା ସହ କୋଟିଆ ପଞ୍ଚାୟତ ସଦର ମହକୁମା ଓ ଏହି ଗ୍ରାମଗୁଡ଼ିକର ସ୍ଥିତି ମଧ୍ୟ ଅନୁଧ୍ୟାନ କରି ଫେରିଥିବା ଜଣାପଡ଼ିଛି। ଓଡ଼ିଶାର ପ୍ରଶାସନିକ ଅଧିକାରୀ, ସ୍ୱତନ୍ତ୍ର ନିଯୁକ୍ତ ଅଧିକାରୀ କୋଟିଆ ପଞ୍ଚାୟତକୁ ଗସ୍ତ କରି ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ସୀମାନ୍ତବାସୀଙ୍କ ନିକଟରେ ପହଞ୍ଚାଇବା ନେଇ ଚେଷ୍ଟା ଜାରି ରଖିଛନ୍ତି। କିନ୍ତୁ ଏହାର କୌଣସି ପ୍ରଭାବ ପଡ଼ୋଶୀ ଆନ୍ଧ୍ରର ପ୍ରଶାସନିକ ଅଧିକାରୀଙ୍କ ଉପରେ ପଡୁ ନ ଥିବା ଦେଖାଯାଉଛି। ସୀମାନ୍ତ ଡେରିଡ଼ିବାଲସା, ତାଡ଼ିବାଲସା, ଫଗୁଣସିନେରୀ ଓ ଫାଟୁସିନେରୀ ଆଦି ଗ୍ରାମରେ ଚଳିତ ଆର୍ଥିକ ବର୍ଷରେ ଉନ୍ନୟନମୂଳକ କାର୍ଯ୍ୟ କରାଯାଇପାରିବା ନେଇ ଗ୍ରାମବାସୀଙ୍କ ସହ ବିଡିଓ ପାର୍ବତୀ ଆଲୋଚନା କରିଛନ୍ତି। ଏପରିକି ତୁରନ୍ତ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ସେ ଲୋକଙ୍କୁ ପ୍ରତିଶ୍ରୁତି ବି ଦେଇଛନ୍ତି। କୋଟିଆ ପଞ୍ଚାୟତକୁ ୨ଟି ରାଜ୍ୟର ପ୍ରଶାସନିକ ଅଧିକାରୀ ବାରମ୍ବାର ଗସ୍ତ କରୁଛନ୍ତି। ପଞ୍ଚାୟତବାସୀ ୨ ରାଜ୍ୟର ବିବାଦରେ ଲାଭ ଉଠାଇବା ମନୋଭାବ ରଖି ଚୁପ ରହୁଥିବା ଅନୁଭବ ହେଉଛି। ପଞ୍ଚାୟତରେ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ସୀମାନ୍ତ ଛାତ୍ରୀଛାତ୍ର ଆଞ୍ଚଳିକ ଭାଷା କୁଇ ଭାଷାରେ ପାଠ ପଢ଼ିବା ନେଇ ଓଡ଼ିଶା ସରକାରଙ୍କ ପକ୍ଷରୁ ସେମାନଙ୍କୁ ପଢ଼ାଇବା ପାଇଁ ଶିକ୍ଷକ ନିଯୁକ୍ତି କରାଯାଇଥିଲେ ସୁଦ୍ଧା ଏହାର କୌଣସି ବିଶେଷ ଫାଇଦା ମିଳିପାରୁନାହିଁ। ବରଂ ଏହାର ଲାଭ ପଡ଼ୋଶୀ ଆନ୍ଧ୍ରର ଶିକ୍ଷା ବିଭାଗ ଉଠାଉଛି। ଏନେଇ ପଟ୍ଟାଙ୍ଗି ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ଘଟଣାର ତଦନ୍ତ କରି ଆନୁଷଙ୍ଗିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ଆମ ସାଥୀ ଚାଟ୍ ବଟ୍ ମାଧ୍ୟମରେ ରାଜସ୍ୱ ସେବା

- ହ୍ୱାଟ୍ସଆପରେ ରାଜସ୍ୱ ସମ୍ପର୍କିତ ଅଭିଯୋଗର ଶୁଣାଣି
- ରାଜସ୍ୱ ଅଧିକାରୀଙ୍କୁ ତାଲିମ୍ ପାଇଁ ନିର୍ଦ୍ଦେଶ




ଭୁବନେଶ୍ୱର, ୫।୪ (ସଂଚାର ବ୍ୟୁରୋ): ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆଜି ବିଭିନ୍ନ ବିଭାଗୀୟ କାର୍ଯ୍ୟ ସହ 'ଆମ ସାଥୀ ଚାଟ୍ ବଟ୍'ର ଉପଯୋଗିତା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ହ୍ୱାଟସଆପ୍ ମାଧ୍ୟମରେ ବର୍ତ୍ତମାନ୍ ଉପଲବ୍ଧ ଥିବା ଆମ ସାଥୀ ଚାଟ୍ ବଟକୁ ରାଜସ୍ୱ ସେବା ପ୍ରଦାନ ନିମନ୍ତେ ଅଧିକ ସହଜ ଓ ଲୋକାଭିମୁଖୀ କରିବାକୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସାଧାରଣ ଲୋକେ କିପରି ଭାବେ ସହଜରେ ପ୍ରଶାସନକୁ ନିଜ ସମସ୍ୟା ଜଣାଇପାରିବେ ଏବଂ ତ୍ୱରିତ ସହାୟତା ପାଇପାରିବେ, ତାହାକୁ ସୁନିଶ୍ଚିତ କରିବା ପାଇଁ ଆମ ସାଥୀ ଚାଟ୍ ବଟ୍‌ର ଦକ୍ଷତା ବିକାଶ କରାଯାଉଛି। ଏହାଦ୍ୱାରା ହ୍ୱାଟ୍ସଆପ୍ ମାଧ୍ୟମରେ ଜନସାଧାରଣ ନିଜର ସମସ୍ୟା କିମ୍ବା ଅଭିଯୋଗ ସହଜରେ ଜଣାଇବା ସହ ତହସିଲଦାର୍ ଓ ଅନ୍ୟ ସମ୍ପର୍କିତ ଅଧିକାରୀ ତାହାକୁ ଗ୍ରହଣ କରି ତ୍ୱରିତ ପଦକ୍ଷେପ ନେଇପାରିବେ। ଏ ସଂକ୍ରାନ୍ତୀୟ ସମସ୍ତ ପ୍ରକ୍ରିୟା ରାଜସ୍ୱ ମନ୍ତ୍ରୀ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ବ୍ୟକ୍ତିଗତ ଅବଗତି ନିମନ୍ତେ ମଧ୍ୟ ଉପଲବ୍ଧ ହେବ। ଏଥିନିମନ୍ତେ ରାଜସ୍ୱ ବିଭାଗରେ ସ୍ୱତନ୍ତ୍ର କର୍ମଚାରୀ ନିଯୁକ୍ତ ହେବା ସହ ହ୍ୱାଟ୍ସଆପରେ ରାଜସ୍ୱ ସେବା ପ୍ରଦାନ ପ୍ରକ୍ରିୟା ସୁସମ୍ପାଦିତ ହେବ। ସେହିପରି ଅଭିଯୋଗ ଗ୍ରହଣ ପରେ ତ୍ୱରିତ ପଦକ୍ଷେପ ନିଆଯିବା ସହ ସମସ୍ୟାର ସମାଧାନ ପରେ ଜନସାଧାରଣଙ୍କ ମତାମତ ମଧ୍ୟ ନିଆଯିବ।

ଏଥିସହ ବର୍ତ୍ତମାନ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନ (ରୋଟି)ରେ ପ୍ରଶିକ୍ଷଣ ନେଉଥିବା ନୂତନ ଓଏଏସ ଓ ଓଆରଏସ ଅଧିକାରୀଙ୍କୁ ଆମ ସାଥୀ ଚାଟ୍ ବଟ୍ ମାଧ୍ୟମରେ ରାଜସ୍ୱ ସେବା ଏବଂ ଅଭିଯୋଗ ଶୁଣାଣି ସମ୍ପର୍କିତ ତାଲିମ୍ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଆଗାମୀ ଦିନରେ ରାଜ୍ୟର ସମସ୍ତ ତହସିଲଦାର୍ ଏବଂ ଅନ୍ୟାନ୍ୟ ରାଜସ୍ୱ ଅଧିକାରୀଙ୍କୁ ଆଭାସୀ ମାଧ୍ୟମରେ ତାଲିମ୍ ଦିଆଯିବା ସହ ପ୍ରଶାସନର ଦକ୍ଷତା ବିକାଶ କରାଯିବ। ଜନସାଧାରଣଙ୍କ ପାଇଁ ରାଜସ୍ୱ ସେବା ସହଜରେ ଉପଲବ୍ଧ କରାଯିବା ନେଇ ରାଜସ୍ୱ ବିଭାଗ ବଦ୍ଧପରିକର ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ବଡ଼ମ୍ବା-ଶଙ୍ଖାମେରି ଉନ୍ନୟନ ପରିଷଦ ଗଠିତ



ଭୁବନେଶ୍ୱର, ୫।୪ (ସଂଚାର ବ୍ୟୁରୋ) : ବଡ଼ମ୍ବା ବ୍ଲକର ଶଙ୍ଖାମେରି, କଣ୍ଟପଡ଼ା, ମଙ୍ଗରାଜପୁର ପଞ୍ଚାୟତର କଟକ, ଭୁବନେଶ୍ୱରରେ ରହୁଥିବା ବ୍ୟକ୍ତିମାନଙ୍କୁ ନେଇ ଶ୍ରୀଯୁକ୍ତ ନିରଞ୍ଜନ ମିଶ୍ର ଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ୩ ଗୋଟି ଗ୍ରାମର ପ୍ରାୟ ୩୦ ଜଣ ସଦସ୍ୟ ଏକତ୍ରିତ ହୋଇ ଗ୍ରାମର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପ୍ରତ୍ୟେକ ଙ୍କ ମଧ୍ୟରେ ଭାଇ ଚାରା ସୃଷ୍ଟି, ଶିକ୍ଷା ,କୃଷି, ଗମନାଗମନ ସ୍ୱାସ୍ଥ୍ୟ , ପରିବେଶ , ନିଯୁକ୍ତି, ନିଶା ନିବାରଣ, ଦୁର୍ନୀତି ନିବାରଣ, ଦକ୍ଷତା ବିକାଶ ପାଇଁ ଆଲୋଚନା କରାଯାଇଥିଲା। ଯୁବ ଗୋଷ୍ଠୀ, ମହିଳା ମାନଙ୍କ ଉନ୍ନତି ପାଇଁ ଏହି ଆଲୋଚନା ରେ ଅବସର ପ୍ରାପ୍ତ ସେନା ଅଧିକାରୀ ମାଧବ ଚନ୍ଦ୍ର ମହାପାତ୍ର, ଅବସର ପ୍ରାପ୍ତ ପ୍ରଶାସକ ବିଶ୍ୱନାଥ ମଲ୍ଲିକ, କୃପା ନିଧି ବିଶ୍ୱାଳ, ନାରାୟଣ କର, ହରି ହର ମହାନ୍ତି, ଅଧିବକ୍ତା ଶିଶିର କୁମାର ରାଉତ ରାୟ, ସନ୍ତୋଷ ପଟ୍ଟନାୟକ, ସତ୍ୟ ମଞ୍ଜରୀ ଦେବୀ ପ୍ରଭାତୀ ନନ୍ଦ, ପ୍ରଭାସିନି ରାଜଗୁରୁ ସୁଦର୍ଶନ ସାହୁ, ପ୍ରସନ୍ନକୁମାର ମିଶ୍ର, ବିଜୟ କୁମାର ପାଣି, ସଚି କାନ୍ତ ଦାସ, ପ୍ରମୁଖ ସକ୍ରିୟ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ. ଏବଂ ନିଜର ଅଭିମତ ପ୍ରକାଶ କରିଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ଏକ ନୂତନ କାର୍ଯ୍ୟକାରୀ ସମିତି ଗଠନ ପାଇଁ ଆଲୋଚନାରେ ସ୍ଥିର କରାଗଲା। ଉନ୍ନୟନ ପରିଷଦ ର ସଭ୍ୟ ସଂଗ୍ରହ ନିମନ୍ତେ ରାକେଶ ସ୍ୱାଇଁ, କୃଷ୍ଣ ଚନ୍ଦ୍ର ଷଡଙ୍ଗୀ, ବିଜୟ କୁମାର ରାଉତ, ବଂଶୀଧର ବିଶ୍ୱାଳ, ବିଜୁ ନନ୍ଦ, ସରୋଜ ସେଠୀ ପ୍ରମୁଖଙ୍କୁ ଦାୟିତ୍ୱ ଅର୍ପଣ କରାଗଲା। ପରବର୍ତ୍ତୀ ସଭାରେ ବିଧି ମୁତାବକ ବିଭିନ୍ନ ଲୋକ କଲ୍ୟାଣ କାରୀ କାର୍ଯ୍ୟକ୍ରମକୁ ରୂପାୟନ କରିବା ପାଇଁ ସ୍ଥିର କରାଗଲା। ସଭାପତିଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ଅନ୍ନ ପ୍ରସାଦ ସେବନ କରାଯାଇଥିଲା।

## ଉଦ୍ଭିଦ ବିଜ୍ଞାନରେ ଡକ୍ଟରେଟ୍ ଲାଭ



କେନ୍ଦ୍ରାପଡ଼ା,୫।୪(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଡେରାବିଶ ବ୍ଲକ୍ ବାରିମୂଳ ପଞ୍ଚାୟତର ନାଗେଶ୍ୱରପୁର ଗ୍ରାମର ମଧୁସୂଦନ ସାମଲ ଓ ପୁଷ୍ପଲତା ସାମଲଙ୍କ ଝିଅ ଈପ୍‌ସିତା ପ୍ରିୟଦର୍ଶିନୀ ସାମଲ ସେଞ୍ଚୁରିୟାନ ୟୁନିଭର୍ସିଟି ଅଫ ଟେକନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ, ଓଡିଶାରୁ ଉଦ୍ଭିଦ ବିଜ୍ଞାନରେ ସମ୍ମାନଜନକ ଡକ୍ଟରେଟ ଉପାଧି ପାଇଛନ୍ତି। ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ତଥା ଆସୋସିଏଟ ପ୍ରଫେସର ଡ ଜ୍ଞାନରଞ୍ଜନ ମହାଳିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଈପ୍‌ସିତା 'ଷ୍ଟଡିଜ୍ ଅନ ଆଲୋପ୍ୟାଥି ଫର ସଷ୍ଟେନେବ୍‌ଲ ୱିଡ୍ ମ୍ୟାନେଜମେଣ୍ଟ' ବିଷୟରେ ଗବେଷଣା କରୁଥିଲେ। ଉକ୍ତ ଗବେଷଣାତ୍ମକ ସନ୍ଦର୍ଭଟି ପ୍ରଫେସର ଶଙ୍କର ନାରାୟଣ ସିହ୍ନା, ୟୁନିଭର୍ସିଟି ଅଫ କଲ୍ୟାଣୀ, ୱେଷ୍ଟ ବେଙ୍ଗଲ ଓ ପ୍ରଫେସର ସମପମ ତାଙ୍ଗଜାଙ୍ଗ, ରାଜୀବ ଗାନ୍ଧି ୟୁନିଭର୍ସିଟି, ଅରୁଣାଚଳ ପ୍ରଦେଶଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। ତାଙ୍କ ନିବନ୍ଧ ବୋଟାନିକାଲ ସର୍ଭେ ଅଫ ଇଣ୍ଡିଆ, ଜେଏନୟୁ ଓ ଏଗ୍ରିଭିଜନ ଭଳି ଜାତୀୟ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କର୍ମଶାଳାରେ ବି ଉଚ୍ଚ ପ୍ରଶଂସିତ ହେବା ସହ ପୁରସ୍କୃତ ହୋଇଛି। ଈପ୍‌ସିତାଙ୍କ ବାପା ଜଣେ ବ୍ୟବସାୟୀ ଓ ମା' ଗୃହିଣୀ। ସେ ଏହି ସଫଳତା ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଈପ୍‌ସିତା ତାଙ୍କ ସଫଳତାର ଶ୍ରେୟ ବାପା-ମା', ଭାଇଭଉଣୀ, ଶିକ୍ଷକଶିକ୍ଷୟିତ୍ରୀ, ବନ୍ଧୁ, ପରିବାରବର୍ଗ ଓ ଗୁରୁଜନମାନଙ୍କୁ ଦେଇଛନ୍ତି।

## ୨୫ ପେଟି କଫ୍ ସିରପ୍ ଜବତ



ସୋନପୁର, ୫।୪ (ସଂଚାର ବ୍ୟୁରୋ) : ପେଟି ପେଟି କଫ୍ ସିରପ୍ ଜବତ । ପୁଣି ଥରେ ସୋନପୁରରୁ ଜବତ ହେଲା କଫ୍ ସିରଫ୍। ଘଟଣାରେ ଦୁଇ ଜଣଙ୍କୁ ଅଟକ ରଖିଛି ପୋଲିସ। ରିପୋର୍ଟ ଅନୁସାରେ, ରବିବାର ସୋନପୁର ପୋଲିସ ବିପୁଳ ପରିମାଣର କଫ୍ ସିରପକୁ ଚାଲାଣ ବେଳେ ଜବତ କରିଛି । ପ୍ରାୟ ୨୫ ପେଟିର କଫ୍ ସିରଫ୍ ସହ ଏକ ପିକ୍ ଅପ୍ ଭ୍ୟାନକୁ ଅଟକ ରଖାଯାଇଛି। ଭ୍ୟାନରେ ଏହାକୁ ଚାଲାଣ କରାଯାଉଥିଲା । ଜିଲ୍ଲାର ବ୍ଲକ୍ ଛକରୁ ଏସବୁକୁ ଜବତ କରାଯାଇଛି । ଯାଞ୍ଚ୍ ବେଳେ ଏସମସ୍ତ ସିରପ୍ ବେଆଇନ୍ ବୋଲି ପୋଲିସ ଜାମିବାକୁ ପାଇଛି। ଘଟଣାରେ ଦୁଇ ଜଣଙ୍କୁ ଅଟକ ମଧ୍ୟ ରଖାଯାଇଛି । ସୂଚନାଯୋଗ୍ୟ, ଏହି ଘଟଣା ନୂଆ ନୁହେଁ । ଗତ କିଛି ଦିନ ତଳେ ମଧ୍ୟ ସୋନପୁର ପୋଲିସ ବିପୁଳି ପରିମାଣର ଗଞ୍ଜେଇ ଏବଂ କଫ୍ ସିରପ୍ ଜବତ କରିଥିଲା ।

### ପୂରଣ ହେଲାନି ସାମ୍ବାଦିକଙ୍କ ଦାବି

## ମଇ ଦିବସରେ ଓୟୁଜେର ରାଜ୍ୟବ୍ୟାପୀ ଧାରଣା




ଭୁବନେଶ୍ୱର,୫।୪(ସଂଚାର ବ୍ୟୁରୋ): ସାମ୍ବାଦିକମାନଙ୍କର ବିଭିନ୍ନ ମୌଳିକ ଦାବି ପୂରଣ କରିବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉ ନ ଥିବାରୁ ଓଡ଼ିଶା ସାମ୍ବାଦିକ ୟୁନିଅନ୍ (ଓୟୁଜେ) ପକ୍ଷରୁ ଏନେଇ ଗଭୀର କ୍ଷୋଭ ପ୍ରକାଶ କରାଯାଇଛି। ଏଭଳି ଉଦାସୀନତା ପ୍ରତିବାଦରେ ଆସନ୍ତା ମଇ ଦିବସରେ ରାଜ୍ୟବ୍ୟାପୀ ପ୍ରତିବାଦସୂଚକ ଧାରଣା ଦେବା ସକାଶେ ୟୁନିଅନ୍ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ଆଜି ଓୟୁଜେ ରାଜ୍ୟ କାର୍ଯ୍ୟାଳୟରେ ଓଡ଼ିଶା ସାମ୍ବାଦିକ ୟୁନିଅନ୍‌ର କର୍ମକର୍ତ୍ତା ଓ ବରିଷ୍ଠ ସଦସ୍ୟଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପେନ୍‌ସନ୍, ପ୍ରୋଟେକ୍ସନ୍ ଓ ଆକ୍ରିଡେସନ୍ ପ୍ରସଙ୍ଗ ନେଇ ଓୟୁଜେ ଲଗାତାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ହେଁ ଅଦ୍ୟାବଧି ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ଏନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବୈଠକରେ ଅଧ୍ୟକ୍ଷତା କରି ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ଗତ ନିର୍ବାଚନରେ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଥିବା ବେଳେ ସାମ୍ବାଦିକମାନଙ୍କ ଅବସ୍ଥାରେ କୌଣସି ପରିବର୍ତ୍ତନ ଆସିନାହିଁ ବୋଲି ଦର୍ଶାଇଥିଲେ। ନିର୍ବାଚନ ସମୟରେ ସାମ୍ବାଦିକମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ବି ପାଳନ କରିବା ଦିଗରେ କୌଣସି ଆନ୍ତରିକତା ନ ଦେଖାଇବା ସାମ୍ବାଦିକଙ୍କ ପ୍ରତି ପ୍ରତାରଣା ବୋଲି ସେ କହିଥିଲେ। ଦୀର୍ଘ ୧୮ ବର୍ଷ ଧରି ରାଜ୍ୟରେ ଅଧିସ୍ୱୀକୃତି କମିଟି ଗଠନ ନ ହେବା, ୧୮ ରାଜ୍ୟରେ ପେନ୍‌ସନ୍ ମିଳୁଥିବା ବେଳେ ଓଡ଼ିଶାରେ ନ ମିଳିବା, ସାମ୍ବାଦିକଙ୍କ ଉପରେ ଆକ୍ରମଣ ବଢ଼ୁଥିଲେ ମଧ୍ୟ ସରକାର ଏହାକୁ ଅଣଦେଖା କରିବା, ମହିଳା ସାମ୍ବାଦିକଙ୍କ ବୃତ୍ତିଗତ ନିରାପତ୍ତା ଦିଗରେ ପଦକ୍ଷେପ ନିଆ ନ ଯିବା ଓ ଆବେଦନ କରିଥିବା ସଂଖ୍ୟାଧିକ ସାମ୍ବାଦିକଙ୍କୁ ସ୍ୱାସ୍ଥ୍ୟବୀମା ପରିସରଭୁକ୍ତ କରାଯାଇନଥିବାରୁ ଏହାକୁ ନେଇ ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ବୋଲି ସେ ଉଲ୍ଲେଖ କରିବା ସହ ଏହାର ପ୍ରତିବାଦରେ ଆସନ୍ତା ମଇ ଦିବସରେ ସାମ୍ବାଦିକମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନେଇଥିବା କହିଥିଲେ। ସେହିପରି ୟୁନିଅନ୍‌ର ସାଧାରଣ ସମ୍ପାଦକ କିଷାନ କୁମାର ରାଉତ ସରକାରଙ୍କ ସାମ୍ବାଦିକବିରୋଧୀ ମନୋଭାବକୁ ସମାଲୋଚନା କରିବା ସହ ଆଗାମୀ ଦିନରେ ଓୟୁଜେ ଏହାର ଦୃଢ଼ ପ୍ରତିବାଦ କରିବ ବୋଲି କହିଥିଲେ। ଉପସଭାପତି ସନ୍ତୋଷ କୁମାର ସିଂହଦେଓ, କୋଷାଧ୍ୟକ୍ଷ ଅମୂଲ୍ୟ କୁମାର ସ୍ୱାଇଁ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ କୁମାର ସାହୁ, ପ୍ରମୋଦ କୁମାର ସାମନ୍ତରାୟ, ସମ୍ପାଦକ ଦେବପ୍ରସାଦ ଦାଶ, ରତ୍ନରାଜ ସିଂ, ରୂପେଶ କୁମାର ସାହୁ, ଆଦିତ୍ୟ ମେକାପ, ରବୀନ୍ଦ୍ର ମହାକୁଡ଼, ଲୋକନାଥ ସିଂ, ରବୀନ୍ଦ୍ର ନାଥ ମଲ୍ଲିକ, ଶୁଭଙ୍କର ଜେନା, ଜିତେନ୍ଦ୍ର ପଟ୍ଟନାୟକ, ସୁଧାଂଶୁ ପାତ୍ର, ରାଜୀବ ମହାନ୍ତି, ନିରଞ୍ଜନ ପଣ୍ଡା, ସ୍ୱାତୀ ଜେନା ଓ ଚିନ୍ମୟ ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରି ସାମ୍ବାଦିକଙ୍କ ବିଭିନ୍ନ ଦାବି ପୂରଣ ଦିଗରେ ସରକାର ତତ୍ପରତା ପ୍ରକାଶ କରିବାକୁ ଦାବି କରିଥିଲେ।

ଲୋକସେବା ଭବନରେ ପ୍ରବେଶ ବ୍ୟବସ୍ଥାର ସରଳୀକରଣ, ପୂର୍ବ ଘୋଷିତ ସମସ୍ତ ସୁବିଧା ସୁଯୋଗକୁ ଅଧିକୃତ ଭାବେ ଲାଗୁ କରିବା ଓ କମିଟି ଗଠନ କରି ଆବେଦନକାରୀ ସମସ୍ତ ସାମ୍ବାଦିକଙ୍କୁ ତୁରନ୍ତ ଅଧିସ୍ୱୀକୃତି ପ୍ରଦାନ କରିବାକୁ ମଧ୍ୟ ବୈଠକରେ ଦାବି କରାଯାଇଥିଲା | ପ୍ରତିବାଦ ସତ୍ତ୍ୱେ ରାଜ୍ୟ ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

### ଦଳିତ ଅଧିକାର ଆନ୍ଦୋଳନର ରାଜ୍ୟସ୍ତରୀୟ କନଭେନସନ

## ମହାପୁରୁଷଙ୍କ ନାମରେ ନାମିତ ହେଉ ସାହି ଓ ପଡ଼ା




ଭୁବନେଶ୍ୱର,୫।୪(ସଂଚାର ବ୍ୟୁରୋ): ଅଖିଳ ଭାରତ ଦଳିତ ଅଧିକାର ଆନ୍ଦୋଳନ (ଏଆଇଡିଆରଏମ୍)ର ରାଜ୍ୟସ୍ତରୀୟ କନ୍‌ଭେନସନ ଆଜି ସ୍ଥାନୀୟ ଅଶୋକନଗରସ୍ଥିତ ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଛି। ବାବାଜୀ ଜେନା, ରାଣୀମୋତି ଛତ୍ରିଆ, ସୀମାଞ୍ଚଳ ବେହେରାଙ୍କୁ ନେଇ ଗଠିତ ସଭାପତିମଣ୍ଡଳୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କନଭେନସନରେ ଦାମୋଦର ବେହେରା ଏକ ଭିତ୍ତିପତ୍ର ଉପସ୍ଥାପନ କରିଥିଲେ। କନ୍‌ଭେସନରେ ସିପିଆଇ ଜାତୀୟ ସମ୍ପାଦକମଣ୍ଡଳୀ ସଦସ୍ୟ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ଉଦ୍‌ବୋଧନ ଦେଇ ଶତାବ୍ଦୀ ଶତାବ୍ଦୀ ଧରି ଜାତିଆଣ ବିଦ୍ୱେଷ, ଘୃଣା, ହିଂସା, ଭିଡ଼ ହତ୍ୟାର ଶିକାର ହୋଇ ଆସିଥିବା ଦଳିତ ସମାଜ ଉପରୁ ସାମାଜିକ ଶୋଷଣ ନିର୍ଯାତନା ବନ୍ଦ ପାଇଁ ବାବା ସାହେବ ଡଃ ଭୀମରାଓ ଆମ୍ବେଦକରଙ୍କ ଦ୍ୱାରା ପ୍ରଣିତ ଭାରତୀୟ ସମ୍ବିଧାନରେ ବ୍ୟବସ୍ଥା ଥିଲେ ମଧ୍ୟ ସମ୍ବିଧାନ ପ୍ରଣୟନର ୭୬ ବର୍ଷ ପରେ ବି ଏହାର ସୁଫଳରୁ ସଂଖ୍ୟାଗରିଷ୍ଠ ଦଳିତ ବର୍ଗକୁ ମିଳିପାରୁନଥିବାରୁ ଏନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଦଳିତଙ୍କ ପାଇଁ ଥିବା ସାମ୍ବିଧାନିକ ଅଧିକାର ଓ ଆଇନଗତ ଅଧିକାର ହାସଲ ପାଇଁ ଦଳିତ ଅଧିକାର ଆନ୍ଦୋଳନକୁ ପଡ଼ା, ବସ୍ତି, ଗ୍ରାମ, ଗ୍ରାମପଞ୍ଚାୟତ, ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ବ୍ୟାପକ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ଘରୋଇ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସ୍ଥାନ ସଂରକ୍ଷଣକୁ ସୁନିଶ୍ଚିତ କରିବା ସହ ଜାତି ନାମରେ ନାମିତ ବସ୍ତି, ପଡ଼ା, ସାହି ଅଥବା ଗ୍ରାମର ନାମ ପରିବର୍ତ୍ତନ କରି ମହାପୁରୁଷମାନଙ୍କ ନାମରେ ନାମିତ କରିବା ଦାବି ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ ସକାଶେ ଆଗତ ପ୍ରସ୍ତାବ ଗୃହୀତ ହୋଇଛି।

## ହନୁମାନ ଜୟନ୍ତୀ ପ୍ରସ୍ତୁତି, ଶୋଭାଯାତ୍ରାରେ ସାମିଲ ହେବ ୧୫ ହଜାରରୁ ଉର୍ଦ୍ଧ୍ୱ ବାଇକ



ସମ୍ବଲପୁର, ୫।୪ (ସଂଚାର ବ୍ୟୁରୋ) : ଆସନ୍ତା ୧୪ ତାରିଖରେ ଆୟୋଜିତ ହେବ ଭବ୍ୟ ହନୁମାନ ଜୟନ୍ତୀ ଯାତ୍ରା। ଏହାପୂର୍ବରୁ ଜୋରସୋରରେ ଚାଲିଛି ପ୍ରସ୍ତୁତି। ହନୁମାନ ଜୟନ୍ତୀ ପୂର୍ବରୁ ଆସନ୍ତା ୧୦ ତାରିଖରେ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଏହି ବିଶାଳ ବାଇକ ରାଲିର ଆୟୋଜନ କରାଯାଇଛି। ଏଥିରେ ପ୍ରାୟ ୧୫୦୦୦ରୁ ଅଧିକ ମୋଟର ସାଇକେଲ୍ ଶୋଭାଯାତ୍ରାରେ ବହାରିବ। ରବିବାର ଏହାର ସୂଚନା ଦେଇଛନ୍ତି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର। ଏହା ସହ ସମ୍ବଲପୁର ସହରର ୩୦ କିମି ପରିଧିରେ ହନୁମାନ ଜୟନ୍ତୀ ପାଇଁ ବ୍ୟାପକ ବୈଠକ, ସଭା ଓ ପଥପ୍ରାନ୍ତ ସଭାର ଅନୁଷ୍ଠିତ ହେଉଛି। ଆଜିଠାରୁ ଚାଏ ପେ ଚର୍ଚ୍ଚା ମାଧ୍ୟମରେ ଲୋକ ସମ୍ପର୍କ ଆରମ୍ଭ କରାଯାଇଛି। ସେହିପରି ୧୪ ତାରିଖରେ ଜୟନ୍ତୀ ଶୋଭାଯାତ୍ରାକୁ ଭବ୍ୟ କରିବା ପାଇଁ ୩୦ରୁ ଅଧିକ ସାଂସ୍କୃତିକ ଦଳ କଳା ପ୍ରଦର୍ଶନ କରିବେ। ମୟୂରଭଞ୍ଜର ଛଉରୁ ସମ୍ବଲପୁରୀ ଦୁଲ୍‌ଦୁଲି ସବୁକିଛି ଦେଖିପାରିବେ ସମ୍ବଲପୁରବାସୀ। ଆଜି ଏନେଇ ଏକ ପ୍ରେସମିଟ କରି ସୂଚନା ଦେଇଛନ୍ତି ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ସଭାପତି ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର।

## ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଆ ନାମଫଳକ ଲେଖା ଅଭିଯାନ




ଭୁବନେଶ୍ୱର, ୫।୪ (ସଂଚାର ବ୍ୟୁରୋ) : ଓଡ଼ିଆ ଅସ୍ମିତାକୁ ଜାଗ୍ରତ କରିବା ସକାଶେ ରାଜ୍ୟ ସରକାର ଓଡ଼ିଆ ପକ୍ଷ-୨୦୨୬ ପାଳନ କରୁଥିବା ବେଳେ ଆଜି ଅପରାହ୍ନରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଉପସଭାପତି ଡା. ସୁରେନ୍ଦ୍ରନାଥ ମହାନ୍ତି ଓ ଶ୍ରୀକାନ୍ତ ମିଶ୍ରଙ୍କ ନେତୃତ୍ୱ ଏବଂ ସାଧାରଣ ସମ୍ପାଦକ ଡା. ରାଧାନାଥ ପ୍ରହରାଜଙ୍କ ପରିଚାଳନାରେ ସ୍ଥାନୀୟ ରାଜମହଲ ଛକରୁ ଶିଶୁ ଭବନ ଛକ ପର୍ଯ୍ୟନ୍ତ ଓଡ଼ିଆ ନାମଫଳକ ଲେଖା ଅଭିଯାନ ଅନୁଷ୍ଠିତ ହୋଇଛି। ଉକ୍ତ ରାସ୍ତା ପାର୍ଶ୍ୱରେ ଥିବା ଦୋକାନରେ ପହଞ୍ଚି ଉତ୍କଳ ସମ୍ମିଳନୀର ସଦସ୍ୟମାନେ ବ୍ୟବସାୟୀମାନଙ୍କୁ ସେମାନଙ୍କ ବ୍ୟାବସାୟିକ ପ୍ରତିଷ୍ଠାନର ନାମଫଳକ ସ୍ପଷ୍ଟ, ସୁଦୃଶ୍ୟ ଓ ସମ୍ମାନଜନକ ଭାବେ ଓଡ଼ିଆରେ ଲେଖିବାକୁ ନିବେଦନ କରିଥିଲେ। ଏଥିସହ ସେମାନେ ଏ ସମ୍ପର୍କିତ ସରକାରୀ ଆଇନ (ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନ ଆଇନ-୧୯୫୬) ଓ ଦଣ୍ଡବିଧାନ ବ୍ୟବସ୍ଥା ନେଇ ବି ସେମାନଙ୍କୁ ସଚେତନତା କରାଇଥିଲେ। ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଅନେକ ବ୍ୟବସାୟୀ ଉତ୍କଳ ସମ୍ମିଳନୀକୁ ସାଧୁବାଦ ଜଣାଇଥିଲେ। ଏହି ଅଭିଯାନରେ ଡା. ବାନାମ୍ବର ପରିଡ଼ା, ଡା. କାଶୀନାଥ ରଥ, ତ୍ରିନାଥ ସାମନ୍ତରାୟ, ଲୋକନାଥ ରାଉତରାୟ, ଶୁଭେନ୍ଦ୍ର ପଟ୍ଟନାୟକ, କୁଞ୍ଜମୋହନ ସେଠୀ, ପଠାଣି ଜେନା, ଶିରୀଶ ପାତ୍ର, ବନ ବିହାରୀ ଚକ୍ର, ଶ୍ରୀକାନ୍ତ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ।

# ପାଣିରେ ପଡ଼ିଛି କୁକୁଡ଼ା ପାଳନ ଟଙ୍କା

ଭୁବନେଶ୍ୱର,୫।୪: ଆଦିବାସୀ ଅଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଘରୋଇ ଭାବେ କୁକୁଡ଼ା ପାଳନ ଲାଗି ସରକାର ଦେଇଥିବା ଅର୍ଥର ସିଂହଭାଗ ପାଣିରେ ପଡ଼ିଛି। ପ୍ରଦାନ କରାଯାଇଥିବା କୁକୁଡ଼ା ଚିଆଁ ବଞ୍ଚିନାହାନ୍ତି କି କୁକୁଡ଼ା ଘର ନିର୍ମାଣ ପାଇଁ ମିଳିଥିବା ଅର୍ଥ କାମରେ ଲାଗିନି। ଯେଉଁଠାରେ ବି କୁକୁଡ଼ା ପାଳନ ପାଇଁ ଘର ତିଆରି ହୋଇଛି, ସେଠାରେ କୁକୁଡ଼ା ନାହାନ୍ତି।

କୁକୁଡ଼ା ପାଳନରେ ଏଭଳି ଅନିୟମିତତାକୁ ଅଡିଟ୍ ସମୟରେ ଧରିଛନ୍ତି ସିଏଜି। ସଦ୍ୟ ପ୍ରକାଶିତ ରିପୋର୍ଟରେ ସିଏଜି ଦର୍ଶାଇଛନ୍ତି ଯେ ୨୦୧୯-୨୦୨୪ ମଧ୍ୟରେ ୧୫ଟି ଅଣୁ ପ୍ରକଳ୍ପ ସଂସ୍ଥା (ଏମପିଏ)ଙ୍କ ଦ୍ୱାରା କୁକୁଡ଼ା ପାଳନ କାର୍ଯ୍ୟକ୍ରମରେ ୧୨ କୋଟି ୭୬ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ପ୍ରାୟ ୩୪ ହଜାର ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଏହି ଯୋଜନାରେ ହିତାଧିକାରୀଙ୍କୁ କୁକୁଡ଼ା ଚିଆଁ, ଅଣ୍ଡା ଦିଆ କୁକୁଡ଼ା, ଲୁହା



ପଞ୍ଜୁରୀ ଆଦି ଯୋଗାଇ ଦିଆଯାଇଥିଲା।

ତେବେ ଅଡିଟ୍ ସମୟରେ ଦେଖିବାକୁ ମିଳିଥିଲା ଯେ କୁକୁଡ଼ା ଚିଆଁ ପାଇଥିବା ୧୨୪ ଜଣ ହିତାଧିକାରୀଙ୍କ ମଧ୍ୟରୁ ୯୫ ଜଣ ହିତାଧିକାରୀ ରିପୋର୍ଟ କରିଥିଲେ ଯେ ସେମାନଙ୍କୁ ମିଳିଥିବା କୁକୁଡ଼ା ଚିଆଁ ବଞ୍ଚିନଥିଲେ। ୮ ଜଣ ହିତାଧିକାରୀ କହିଥିଲେ ଯେ ୨୦ଟି କୁକୁଡ଼ା ଛୁଆ ମଧ୍ୟରୁ ୫ଟି ବି ବଞ୍ଚିପାରିନଥିଲେ। ତେଣୁ କୁକୁଡ଼ା ପାଳନ କାର୍ଯ୍ୟକ୍ରମ ସଫଳ ହୋଇ ନ ଥିବା ସିଏଜି ଦେଖିବାକୁ ପାଇଥିଲେ। ଆହୁରି ମଧ୍ୟ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀଙ୍କ ଦ୍ୱାରା ହିତାଧିକାରୀଙ୍କୁ ଦିଆଯାଇଥିବା କୁକୁଡ଼ା ଛୁଆମାନଙ୍କ ଖାଦ୍ୟ ଏବଂ ଜଳଯୋଗାଣ, ପ୍ରଜନନ ଓ ଲାଳନପାଳନ ଆଦି ବିଷୟ ଉପରେ ଦିଆଯାଇଥିବା ତାଲିମର କୌଣସି ରେକର୍ଡ ନ ଥିଲା।

ଏଥିସହ ଅଡିଟ୍ ସମୟରେ ଦେଖାଯାଇଥିଲା ଯେ ୧୧ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ ହଜାରେଟି କୁକୁଡ଼ା ପାଳନ କ୍ଷମତା ବିଶିଷ୍ଟ ସେଡ୍ ନିର୍ମାଣ ପାଇଁ ପ୍ରାୟ ୨୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଗୋଷ୍ଠୀକୁ ସେଡ୍ ନିର୍ମାଣ ବ୍ୟତୀତ କୁକୁଡ଼ା କିଣିବା ପାଇଁ ୫ ଲକ୍ଷ ୧୮ ହଜାର ଟଙ୍କା ଦିଆଯାଇଥିଲା। ତେବେ ଅଡିଟ୍ ସମୟରେ ଦେଖିବାକୁ ମିଳିଥିଲା ଯେ କୌଣସି ଏସଏଚ୍‌ଜି କୁକୁଡ଼ା କିଣିନଥିଲେ। ତିନିଟି ସ୍ଥାନରେ ଦେଖାଯାଇଥିଲା ଯେ କୁକୁଡ଼ା ଫାର୍ମ ପାଇଁ ତିଆରି ହୋଇଥିବା ଭିତ୍ତିଭୂମି ଏକ ବର୍ଷରୁ ଅଧିକ ସମୟ ଧରି ଅଚଳ ଅବସ୍ଥାରେ ରହିଥିଲା। ସରକାର ଅର୍ଥ ପ୍ରଦାନ କରିଥିଲେ ମଧ୍ୟ ଏସ୍‌ଏଚ୍‌ଜିଗୁଡ଼ିକର କୁକୁଡ଼ା ପାଳନ ଉପରେ କୌଣସି ନଜର ରଖି ନ ଥିଲେ। ପରବର୍ତ୍ତୀ ସମୟରେ ଆର୍ଥିକ କ୍ଷତିକୁ ଏଡ଼ାଇବା ପାଇଁ କୁକୁଡ଼ା ଚିଆଁ ଯୋଗାଣକୁ ସ୍ଥଗିତ ରଖାଯାଇଥିଲା।

ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଥିଲା ଯେ କୁକୁଡ଼ା ପାଳନ ଜରିଆରେ ଆଦିମ ଆଦିବାସୀମାନଙ୍କ ହାତକୁ ରୋଜଗାର ଯୋଗାଇ ସେମାନଙ୍କ ଆର୍ଥିକ ସଶକ୍ତ କରିବା ପାଇଁ ସରକାର ଯେଉଁ ଯୋଜନା କରିଥିଲେ ତାହା ଏକପ୍ରକାର ବିଫଳ ହୋଇଯାଇଛି। କୌଣସି ପ୍ରକାରେ ପ୍ରକଳ୍ପଗୁଡ଼ିକୁ ଚଳାଇବା ପାଇଁ ସରକାର ଗତ ବର୍ଷ କୁକୁଡ଼ା ଯୋଗାଣ ସକାଶେ ଓପଲଫେଡ୍‌କୁ ପତ୍ର ଲେଖିଥିବା ଜଣାଯାଇଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ସୋମବାର ୬ ଏପ୍ରିଲ ୨୦୨୬, ଭୁବନେଶ୍ୱର

Monday 6 April 2026, Bhubaneswar

# ହିମନ୍ତଙ୍କ ହ୍ୟାଟ୍ରିକ୍ ସମ୍ଭାବନା

ଆସାମ ବିଧାନସଭା ନିର୍ବାଚନ ଆଉ ମାତ୍ର ଚାରିଦିନ ପରେ, ଏପ୍ରିଲ ୯ ତାରିଖରେ ହେବାକୁ ଯାଉଛି ଭୋଟ। ଏହି ସମୟରେ ଭୋଟ ଭାଇବ, ଆଇଏଏନଏସ-ମାଟ୍ରିଜ, ଏବଂ ନ୍ୟୁଜ ଟାଭ ଭଳି ବିଭିନ୍ନ ପ୍ରତିଷ୍ଠିତ ସର୍ଭେ ଏଜେନ୍ସିଙ୍କ ରିପୋର୍ଟ କହୁଛି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱାଧୀନ ଏନଡିଏ ପୁନର୍ବାର ବିଜୟ ହାସଲ କରିବାର ସମ୍ଭାବନା ଅତ୍ୟନ୍ତ ଉଜ୍ଜ୍ୱଳ। ଏହି ସର୍ଭେଗୁଡ଼ିକ ଏକ ସ୍ପଷ୍ଟ ଚିତ୍ର ଦେଉଛନ୍ତି - ଏନଡିଏ ୮୦ରୁ ୯୦ ଆସନ ବା ଏପର୍ଯ୍ୟନ୍ତ ୯୫-୧୦୦ ଆସନ ଜିତିବାର ଆକଳନ କରାଯାଉଛି। ଅନ୍ୟପଟେ ବିରୋଧୀ ଇଣ୍ଡିଆ ବ୍ଲକ (କଂଗ୍ରେସ ନେତୃତ୍ୱାଧୀନ) ୨୧-୩୯ ବା ମାତ୍ର ୧୦-୩୩ ଆସନରେ ସୀମିତ ରହିବ। ଆସନ ସଂଖ୍ୟା ୧୨୬ ହୋଇଥିବାରୁ ଏନଡିଏର ସ୍ପଷ୍ଟ ବହୁମତ (୬୪ ଆସନ ଆବଶ୍ୟକ) ପାଇଁ ଏହା ଏକ ଲ୍ୟାଣ୍ଡସ୍ଲାଇଡ୍ ବିଜୟ ହେବ।

ସର୍ଭେର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ହିମନ୍ତ ବିଶ୍ୱ ଶର୍ମାଙ୍କ ବ୍ୟକ୍ତିଗତ ଲୋକପ୍ରିୟତା। ଭୋଟ ଭାଇବ ସର୍ଭେରେ ୪୮ ପ୍ରତିଶତ ଲୋକ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ପସନ୍ଦ କରୁଛନ୍ତି, ଯେତେବେଳେ କଂଗ୍ରେସର ଗୌରବ ଗୋଗୋଇଙ୍କୁ ମାତ୍ର ୩୭.୭ ପ୍ରତିଶତ ସମର୍ଥନ ମିଳିଛି। ଆଉ ଏକ ସର୍ଭେରେ ହିମନ୍ତଙ୍କ ସମର୍ଥନ ୫୨ ପ୍ରତିଶତରେ ପର୍ଯ୍ୟନ୍ତ ପହଞ୍ଚିଛି। ଯୁବକ, ମହିଳା ଏବଂ ଆଦିବାସୀ ଭୋଟରଙ୍କ ମଧ୍ୟରେ ତାଙ୍କର ପ୍ରଭାବ ଅତ୍ୟନ୍ତ ଗଭୀର। ଏହା କେବଳ ତାଙ୍କର ଲୋକପ୍ରିୟତାର ପ୍ରଦର୍ଶନ ନୁହେଁ, ବରଂ ଆସାମରେ ଗତ ପାଞ୍ଚ ବର୍ଷର ବିକାଶ ମଡେଲ, ଶାନ୍ତି ପ୍ରତିଷ୍ଠା ଏବଂ ସୀମାନ୍ତ ସୁରକ୍ଷାର ଫଳ। ହିମନ୍ତ ସରକାର ରାସ୍ତା, ବିଦ୍ୟୁତ୍, ଶିକ୍ଷା ଏବଂ କୃଷି କ୍ଷେତ୍ରରେ ଯେଉଁ କାର୍ଯ୍ୟ କରିଛନ୍ତି, ତାହା ଲୋକଙ୍କ ମନରେ ଏକ ପ୍ରୋ-ଇନକମ୍ବେନ୍ସି ଲହରୀ ସୃଷ୍ଟି କରିଛି। ଭୋଟ୍ ସେୟାରରେ ମଧ୍ୟ ଏନଡିଏ ୪୨.୭ ପ୍ରତିଶତ ରହିଥିବାବେଳେ ବିରୋଧୀ ୩୬.୧ ପ୍ରତିଶତରେ ରହିଛନ୍ତି। ଏହା ଦର୍ଶାଉଛି ଯେ ଆସାମୀୟ ଜାତୀୟତା, ଉନ୍ନୟନ ଏବଂ ସୁରକ୍ଷାର ମୂଳ ପ୍ରଶ୍ନରେ ଲୋକ ବିଜେପିକୁ ବିଶ୍ୱାସ କରୁଛନ୍ତି।



ଅନ୍ୟପକ୍ଷରେ କଂଗ୍ରେସ ଏବଂ ଏଆଇୟୁଡିଏଫ୍ ମିଳିତ ବିରୋଧୀ ଶିବିର ଏକ ବଡ଼ ସଂକଟର ସମ୍ମୁଖୀନ। ଗୌରବ ଗୋଗୋଇ ଜୋରହାଟ ଲୋକସଭା ବିଜୟ ପରେ ଆସାମ କଂଗ୍ରେସର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇଥିଲେ ମଧ୍ୟ ସର୍ଭେରେ ତାଙ୍କ ପ୍ରଭାବ ସୀମିତ ରହିଛି। ମୁସଲିମ୍ ଭୋଟ୍ ବ୍ୟାଙ୍କ ଉପରେ ନିର୍ଭର କରି କଂଗ୍ରେସ ପୁରୁଣା ରଣନୀତି ଚଳାଉଛି, କିନ୍ତୁ ଆଦିବାସୀ ଏବଂ ଆସାମୀୟ ହିନ୍ଦୁ ଭୋଟରଙ୍କ ମଧ୍ୟରେ ତାହା କାମ କରୁନାହିଁ। ଏଆଇୟୁଡିଏଫ୍ ମଧ୍ୟ ଦୁର୍ବଳ ହୋଇପଡ଼ିଛି। ବିରୋଧୀଙ୍କ ଏକତାର ଅଭାବ ଏବଂ ପୁରୁଣା ନେତୃତ୍ୱର ଅସଫଳତା ଏହି ସର୍ଭେରେ ସ୍ପଷ୍ଟ ଦୃଶ୍ୟମାନ ହୋଉଛି।

ତଥାପି ଏହି ସର୍ଭେଗୁଡ଼ିକ ଚୂଡ଼ାନ୍ତ ନୁହେଁ। ନିର୍ବାଚନରେ ଭୋଟ୍ ପ୍ରତିଶତ, ଶେଷ ମୁହୂର୍ତ୍ତର ପ୍ରଚାର ଏବଂ ସ୍ଥାନୀୟ କାରଣ ବହୁ ପରିବର୍ତ୍ତନ ଆଣିପାରେ। ଆସାମର ଜଟିଳ ଜାତିଗତ ଏବଂ ଧାର୍ମିକ ସମୀକରଣ ସର୍ବଦା ଆଶ୍ଚର୍ଯ୍ୟଜନକ ଫଳ ଦେଇଛି। ତଥାପି ଏହି ସର୍ଭେ ଏକ ବଡ଼ ସତ୍ୟ ପ୍ରକାଶ କରୁଛି - ଆସାମୀୟ ଲୋକ ବିକାଶ, ସ୍ଥିରତା ଏବଂ ଏକ ଶକ୍ତିଶାଳୀ ନେତୃତ୍ୱକୁ ପସନ୍ଦ କରୁଛନ୍ତି। ହିମନ୍ତ ସରକାରର ତୃତୀୟ କାର୍ଯ୍ୟକାଳ ଯଦି ଆସେ, ତାହା ଉତ୍ତର-ପୂର୍ବ ଭାରତର ରାଜନୀତିରେ ଏକ ନୂଆ ଯୁଗର ଆରମ୍ଭ ହେବ।

କିନ୍ତୁ ଗଣତନ୍ତ୍ରର ସ୍ୱାସ୍ଥ୍ୟ ପାଇଁ ଏକ ଶକ୍ତିଶାଳୀ ବିରୋଧୀ ଦରକାର। କଂଗ୍ରେସ ଏବଂ ଅନ୍ୟାନ୍ୟ ଦଳ ଯଦି ଏହି ସର୍ଭେକୁ ଚେତାବନୀ ଭାବେ ଗ୍ରହଣ କରି ନିଜର ରଣନୀତି ପରିବର୍ତ୍ତନ କରନ୍ତି, ତେବେ ଆଗାମୀ ନିର୍ବାଚନରେ ସେମାନେ ପୁନର୍ଜୀବିତ ହୋଇପାରିବେ। ଆସାମର ଲୋକ ନିର୍ବାଚନ ଦେବେ ଏବଂ ସେହି ଫଳ ହିଁ ଚୂଡ଼ାନ୍ତ ହେବ। ତଥାପି ପ୍ରି-ପୋଲ ସର୍ଭେ ଏକ ସତ୍ୟ କହୁଛି - ଆଜିର ଆସାମ ବିକାଶର ପଥରେ ଅଗ୍ରସର ହେବାକୁ ଚାହୁଁଛି ଏବଂ ହିମନ୍ତ ସେହି ପଥର ନେତୃତ୍ୱ ଦେଉଛନ୍ତି। ଏହା ଗଣତନ୍ତ୍ରର ସୌନ୍ଦର୍ଯ୍ୟ ଯେ ଲୋକଙ୍କ ମତ ହିଁ ସର୍ବୋପରି।

# ହାତ ଧରି ଚାଲୁଥା...

**ପ୍ରଫେସର ଡାକ୍ତର ସମ୍ରାଟ କର**



ଆମ ଓଡ଼ିଆର ଏକ ସଫଳ ଓ ସୁନ୍ଦର ଚରିତ୍ରଧର୍ମୀ ସିନେମାଟି ଥିଲା 'ହାତ ଧରି ଚାଲୁଥା...'। ପ୍ରେମ ପ୍ରସଙ୍ଗରେ ଜୀବନ ସଂଗୀନ ସହିତ ହାତ ଧରି ଆଗେଇବାର ସୁନ୍ଦର ଓ ଆବେଗଭରା ମୁହୂର୍ତ୍ତକୁ ନେଇ ଏହି ଚଳଚ୍ଚିତ୍ରଟି ବେଶ ଦର୍ଶକ ଆଦୃତ ହୋଇଥିଲା। ସାଥୀର ହାତ ଧରିବା ସୁସ୍ଥ ସମ୍ପର୍କର ଏକ ଚିହ୍ନ ଭାବରେ ପରିଗଣିତ। ଏହା ସାଥୀ ପ୍ରତି ଅଙ୍ଗୀକାରବଦ୍ଧତାକୁ ସୂଚାଏ। ସମ୍ପ୍ରତି ଯୁବପିଢ଼ି ପ୍ରତିଶ୍ରୁତିବଦ୍ଧତାକୁ ଭୟ କରୁଥିଲେ ବି ଶାରୀରିକ ସମ୍ପର୍କକୁ ପ୍ରାଧାନ୍ୟ ଦେଉଛନ୍ତି। ନିଃସଙ୍ଗତା ଦୂର କରିବା ପାଇଁ ଜଣେ ଅନ୍ୟ ଜଣଙ୍କ ସହ କଥା ହେଉଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଭାବନାତ୍ମକ ସଂଯୋଗର ଅଭାବ ଦେଖିବାକୁ ମିଳୁଛି। ତେବେ ଏହି ପରିପ୍ରେକ୍ଷୀରେ ଯୁବପିଢ଼ିର ଗୋଟିଏ ଗୋଷ୍ଠୀ ସାଥୀର ହାତ ଧରିବାକୁ ଏକ ଦୃଢ଼ ପ୍ରତିଶ୍ରୁତି ଭାବୁଛନ୍ତି। ହୁଏତ ଆପଣଙ୍କ ମନକୁ ପ୍ରଶ୍ନ ଆସୁଥିବ ଯେ ପ୍ରତିଶ୍ରୁତିବଦ୍ଧତାରୁ ଦୂରେଇ ଯାଉଥିବା ଆଜିର ପ୍ରଜନଙ୍କର ଏହା ପୁଣି କିଭଳି ଟ୍ରେଣ୍ଡ। ଅବଶ୍ୟ ଭିତରେ ହାତ ଧରିବାକୁ ଏବେ ଅନେକ ଲୋକ ଗୁରୁତ୍ୱ ଦେଉନାହାନ୍ତି। କିନ୍ତୁ ଯେଉଁମାନେ ଏକ ଦୀର୍ଘସ୍ଥାୟୀ ସମ୍ପର୍କ ଚାହୁଁଛନ୍ତି, ସେମାନେ ଭିତରେ ନିଜ ସାଥୀଙ୍କର ହାତ ଧରିବାକୁ ଆତ୍ମୀୟତା ଭାବୁଛନ୍ତି। ନୂତନ ପ୍ରଜନ୍ମଙ୍କ ପାଇଁ ଯୌନାକାଂକ୍ଷା ପୂରଣ କରିବା ଉଦ୍ଦେଶ୍ୟରେ ସାଥୀଟିଏ ଖୋଜିବା ଯେତେ ସହଜ ହୋଇଛି ସେତିକି କଷ୍ଟକର ହୋଇଯାଇଛି ବିଶ୍ୱାସ, ଭରସା କରି ଜୀବନ ବିତାଇ ପାରୁଥିବା ଜୀବନ ସାଥୀଟିଏ ଖୋଜିବା। ୱାନ ନାଇଟ ଷ୍ଟାଣ୍ଡ, ବ୍ଲାଇଣ୍ଡ ଡେଟର ଧାରା ଯେତେ ବ୍ୟାପକ ହେଉଛି ପ୍ରକୃତ ସାଥୀ ବାଛିବା ସେତେ କଠିନ ହେବାରେ ଲାଗିଛି। ଏହି କ୍ଷେତ୍ରରେ ପ୍ରଥମ ଦେଖାରେ ଶାରୀରିକ ସମ୍ପର୍କ କିମ୍ବା ଚୁମ୍ବନ ଅପେକ୍ଷା ହାତ ଧରିବା, ଫୁଲ ଦେବା କିମ୍ବା ସାଥୀଙ୍କ ବିଷୟରେ ଛୋଟ ଛୋଟ କଥା ଲକ୍ଷ୍ୟ କରିପାରୁଥିବା ଭଳି ସାଥୀଙ୍କୁ ପ୍ରକୃତ ସାଥୀର ମାନ୍ୟତା ଦେଉଛନ୍ତି ନୂତନ ପ୍ରଜନ୍ମ।

ଯେଉଁମାନଙ୍କ ପାଖରେ ଭାବନାର ଗୁରୁତ୍ୱ ଥାଏ, ସେମାନଙ୍କ ପାଇଁ ଶାରୀରିକ ସମ୍ପର୍କ ମୂଲ୍ୟବାନ। ଭାବପ୍ରବଣତାର ଘନିଷ୍ଠତା ଆଗରେ ଶାରୀରିକ ଘନିଷ୍ଠତା ତୁଚ୍ଛ। ଭାବାତ୍ମକ ସମ୍ପର୍କ ଆତ୍ମ ସମର୍ପଣ ଭଳି କାମ କରେ। ଅନ୍ୟ ପକ୍ଷରେ ଅନୁଧ୍ୟାନରୁ ଜଣା ପଡ଼ିଛି ଯେ, ଏବେ ଯୁବପିଢ଼ିଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମରେ ନିଜ ବ୍ୟକ୍ତିଗତ ଜୀବନକୁ ଦେଖାଇବାର ପ୍ରବୃତ୍ତି ବଢ଼ିବାରେ ଲାଗିଛି। ତେଣୁ ସେମାନେ ଏଭଳି କିଛି ମୁହୂର୍ତ୍ତ ନାହାନ୍ତି, ଯାହା ସେମାନେ ସାମାଜିକ ଗଣମାଧ୍ୟମରେ ଅନ୍ୟମାନଙ୍କୁ ଦେଖାଇ ପାରିବେ। ଯାହା ସେମାନଙ୍କୁ ସଫ୍ଟ ଲଞ୍ଚିଂ ଭଳି ଧାରାକୁ ଅନୁସରଣ କରିବାରେ ସାହାଯ୍ୟ କରିପାରିବ।

ଅନ୍ୟ ପକ୍ଷରେ ହାତ ଧରିବା କେବଳ ଏକ ରୋମାଞ୍ଚକର ଇଙ୍ଗିତ ହୋଇନଥାଏ। ହାତ ଧରିବା ସମର୍ଥନ, ଏକତା ଏବଂ ଶକ୍ତିକୁ ସୂଚୀତ କରେ। ବିଶେଷ କରି ନୂଆ ଭାବରେ ଗଢ଼ି ଉଠିଥିବା ସମ୍ପର୍କରେ ଏହା ଏକ ଦୃଢ଼ ସଂଯୋଗ ଭାବରେ କାମ କରିଥାଏ। ଏହା ଶବ୍ଦ ବିନିମୟ ବିନା ଏକ ଯୋଗାଯୋଗ ରକ୍ଷା କରିବାରେ ସହାୟକ ହୁଏ। ଯୁବପିଢ଼ିଙ୍କ କହିବା ମୁତାବକ ଭିଡ଼ରେ ବି ହାତ ଧରିବା ଦ୍ୱାରା ଏହା ପରସ୍ପରଙ୍କୁ ଆନ୍ତରିକ ଆବେଗ ପ୍ରଦାନ କରିଥାଏ। ଅନ୍ୟ ପକ୍ଷରେ ଯୌନ ସମ୍ପର୍କ କେବଳ ଏକ ଶାରୀରିକ ଆବଶ୍ୟକତା। ଏଥିରେ ଭାବାବେଗ ନଥିଲେ ମଧ୍ୟ ଚଳେ। ଆଧୁନିକ ଡେଟିଂ ଟ୍ରେଣ୍ଡରେ ପ୍ରତିଶ୍ରୁତିର ଅଭାବ ଥିବା ସମୟରେ ଏକ ସ୍ୱଚ୍ଛ ଓ ସ୍ଥାୟୀ ସମ୍ପର୍କ ପାଇଁ ଯୁବପିଢ଼ି ହାତ ଧରିବା ଭଳି ଭାବନାତ୍ମକ ସଂଯୋଗକୁ ଗୁରୁତ୍ୱ ଦେଉଛନ୍ତି।

ବାସ୍ତବରେ ଏହି ପ୍ରକ୍ରିୟା ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଇଥାଏ। ହାତ ଧରିବାରେ ମିଳୁଥିବା ଆଶ୍ୱାସନା ପରସ୍ପରଠାରୁ ଦୂରେଇ ଯିବାର ଆଶଙ୍କାକୁ କମାଇବାରେ ସହାୟକ ହୁଏ। ଏହା ବନ୍ଧନକୁ ଅଧିକ ଦୃଢ଼ କରିବା ସହ ବିଶ୍ୱାସ ବଢ଼ାଇଥାଏ। ନିଜ ପ୍ରିୟ ବ୍ୟକ୍ତିଙ୍କର ହାତ ଧରିବା ଏକ ସୁଖଦ ଅନୁଭବ ହୋଇଥାଏ। ଯାହା ଅକ୍ସିଟୋସିନ ହରମୋନ କ୍ଷରଣ କରାଇଥାଏ। ଏହା ରକ୍ତଚାପକୁ ହ୍ରାସ କରିବା ସହିତ ବିଶ୍ୱାସର ଭାବନାକୁ ବୃଦ୍ଧି କରେ। ଭାବପ୍ରଣତାକୁ ଦୃଢ଼ କରେ। ଜେନ ଜି ବିଶ୍ୱାସ କରନ୍ତି ସର୍ବସାଧାରଣ ସ୍ଥାନରେ ପରସ୍ପରର ହାତ ଧରିବା କେବଳ ଏକ ସାଧାରଣ ସଂକେତ ନୁହଁ ବରଂ ଏହା ସାନ୍ତ୍ୱନା, ସମର୍ଥନ ଓ ଘନିଷ୍ଠତାର ପ୍ରତୀକ ସ୍ୱରପ କାମ କରିଥାଏ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟରୋଡ଼, କଟକ-୭୫୩୦୦୯, ମୋବାଇଲ-୯୧୩୨୪୩୩୩୩୩**



# ଓଡ଼ିଆ ଜାତି ପାଇଁ ଅସ୍ମିତାର ପରିଚୟ - ଉତ୍କଳ ଦିବସ



**ଅମୂଲ୍ୟ କୁମାର ପଣ୍ଡା**

ପବିତ୍ର ଉତ୍କଳ ଦିବସ ପ୍ରତ୍ୟେକ ଓଡ଼ିଆର ମନ, ପ୍ରାଣ ଏବଂ ହୃଦୟ ସହ ଜଡ଼ିତ। ଆମ ଓଡ଼ିଆ ଜାତିର ଗର୍ବ ଓ ଗୌରବ ସେହି ମହାପୁରୁଷମାନେ ନିଜ ସ୍ୱାର୍ଥକୁ ତ୍ୟାଗ କରି ଉତ୍କଳ ଜନନୀର ସେବାରେ ନିଜକୁ ଉତ୍ସର୍ଗ କରିଥିଲେ ଏବଂ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଯେହେତୁ ଏପ୍ରିଲ ୧, ୧୯୩୬ ମସିହାରେ ଓଡ଼ିଶା ପ୍ରଥମ ଭାଷାଭିତ୍ତିକ ରାଜ୍ୟ ରୂପେ ଏକ ସ୍ୱତନ୍ତ୍ର ପ୍ରଦେଶର ମର୍ଯ୍ୟାଦା ପାଇଥିଲା, ଆମେ ଏହି ଦିନକୁ ଉତ୍କଳ ଦିବସ ବା ଓଡ଼ିଶା ଦିବସ ରୂପେ ପାଳନ କରୁଅଛୁ। ଏକଦା ନିଜର କଳା-ସଂସ୍କୃତି, ଭାଷା-ସାହିତ୍ୟ, ବାଣିଜ୍ୟ-ବ୍ୟବସାୟ ଓ ସାମାଜିକ-ସାମରିକ ପରମ୍ପରା ପାଇଁ ଏହି ରାଜ୍ୟ ବିଶେଷ ଭାବେ ପରିଚିତ ଥିଲା। କ୍ରମେ ଏକାଧିକ କାରଣରୁ ପ୍ରଥମେ ଏହାର ସ୍ୱାଧୀନତା ଏବଂ ପରେ ସାମାଜିକ ନିରାପତ୍ତା, ଭାଷା ଓ ସଂସ୍କୃତି ଆଦି ସବୁ କିଛି ବିପନ୍ନ ହୋଇଥିଲା। ଏହାର ଭୌଗୋଳିକ ସୀମା ସଙ୍କୋଚନ ପରେ, ଅଣ ଓଡ଼ିଆମାନେ, ତତ୍‌କାଳୀନ ବ୍ରିଟିସ୍ ସରକାରକୁ ପ୍ରଭାବିତ କରି, ଏହାକୁ ଖଣ୍ଡ ଖଣ୍ଡ କରି ବାଣ୍ଟିନେବାକୁ ମସୁଧା କରିଥିଲେ। ଏପରିକି କେତେକ ବଙ୍ଗୀୟ ପ୍ରକାଶ୍ୟରେ, ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା କି ଜାତି ନୁହେଁ, ଏଣୁ ଏହାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ନ ଦେଇ, ବାଂଲା ଭାଷାଭାଷୀ ଅଞ୍ଚଳରେ ମିଶାଇଦେବା ପାଇଁ ମତ ଦେଇଥିଲେ। ଯାହା ହେଉ, ସେମାନଙ୍କ ଷଡ଼୍‌ଯନ୍ତ୍ର ବିରୋଧରେ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ବ୍ୟାସକବି ଫକୀରମୋହନ ସେନାପତି, ପଣ୍ଡିତ ନୀଳକଣ୍ଠ ଦାଶ, କବିବର ରାଧାନାଥ ରାୟ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ, ସ୍ୱଭାବ କବି ଗଙ୍ଗାଧର ମେହେର, ବିଚିତ୍ରାନନ୍ଦ ଦାସ, କର୍ମବୀର ଗୌରୀଶଙ୍କର ରାୟ ଓ ହରିହର ମର୍ଦରାଜ ଦେବ ଆଦିଙ୍କ ନେତୃତ୍ୱରେ ପ୍ରତିବାଦର ସ୍ୱର ତୀବ୍ର ହୋଇଥିଲା। ଶେଷରେ ପରାଧୀନତା ଶୃଙ୍ଖଳରୁ ମୁକ୍ତ ହୋଇଥିଲେ ଆମେ ଏବଂ ଜନ୍ମ ନେଇଥିଲା ସ୍ୱତନ୍ତ୍ର ଓଡ଼ିଶା। ଏହା ଆଧୁନିକ ଓଡ଼ିଶା ଇତିହାସର ସବୁଠାରୁ ଉଲ୍ଲେଖନୀୟ ଘଟଣା। ଏହା ଥିଲା ଊନବିଂଶ ଶତାବ୍ଦୀରୁ ଆରମ୍ଭ ହୋଇଥିବା ଓଡ଼ିଶାର ନବଜାଗରଣର ଚୂଡ଼ାନ୍ତ ଫଳଶ୍ରୁତି। ସାଙ୍କେତିକ ଭାବେ ଏହା ଥିଲା ଓଡ଼ିଶାର ସ୍ୱକୀୟତାର ଘୋଷଣା। ଭାଷା ଭିତ୍ତିରେ ରାଜ୍ୟଗଠନ ହେବାରେ ଓଡ଼ିଶା ଭାରତର ପ୍ରଥମ ରାଜ୍ୟ। ୧୫୬୮ରେ ଶେଷ ହିନ୍ଦୁ ରାଜା ମୁକୁନ୍ଦ ଦେବଙ୍କ ଦେହାନ୍ତ ପରେ, ବ୍ରିଟିଶ ଶାସନରୁ ଅଲଗା ହୋଇ ଓଡ଼ିଶାକୁ ଏକ ଅଲଗା ରାଜ୍ୟ କରିବା ପାଇଁ ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗଙ୍ଗାଧର ମେହେର, ରାଧାନାଥ ରାୟ, ବାସୁଦେବ ସୁଢ଼ଳ ଦେବ ଓ କୃଷ୍ଣଚନ୍ଦ୍ର ଗଜପତିଙ୍କ ଚେଷ୍ଟାରେ ଆନ୍ଦୋଳନ ତେଜିଥିଲା। ପ୍ରଥମେ ଓଡ଼ିଶା ରାଜ୍ୟ ଛଅଟି ଜିଲ୍ଲା କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ ଓ ଗଞ୍ଜାମକୁ ନେଇ ତିଆରି କରାଯାଇଥିଲା। ସାର ଅଷ୍ଟିନ ହବାକ ଓଡ଼ିଶାର ପ୍ରଥମ ରାଜ୍ୟପାଳ ଭାବରେ ଶପଥ ନେଇଥିଲେ। ୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିଲା। ୧୯୯୨ ମସିହାରେ ଓଡ଼ିଶାର ୧୩ଟି ଜିଲ୍ଲାକୁ ପୁନର୍ବିଭାଜନ କରି ୩୦ଟି ଜିଲ୍ଲାରେ ଭାଗ କରାଗଲା। ପ୍ରତି ବର୍ଷ ଏପ୍ରିଲ ପହିଲା ଦିନଟିକୁ ଓଡ଼ିଶା ଦିବସ ରୂପେ ପାଳନ କରାଯାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର କର୍ଣ୍ଣଧାରମାନଙ୍କୁ ସମ୍ମାନ ଅର୍ପଣ କରାଯାଏ।

ଆସନ୍ତୁ ଏବେ ଜାଣିବା ଓଡ଼ିଶାର କିଛି ପୂର୍ବ ଇତିହାସ କଥା, ଯାହା ସମସ୍ତେ ଜାଣିବା ଉଚିତ୍। ଇଂରେଜମାନଙ୍କ ପୂର୍ବରୁ ଓଡିଶା ମରହଟ୍ଟା ଶାସକମାନଙ୍କଦ୍ୱାରା ଶାସିତ ହେଉଥିଲା। ମରହଟ୍ଟା ମାନଙ୍କର ଅତ୍ୟାଚାରରେ ସମଗ୍ର ଓଡ଼ିଶାବାସୀ ଅତିଷ୍ଠ ହୋଇପଡ଼ିଥିଲେ। ଏହାର ସୁଯୋଗ ନେଇଥିଲେ ହରକୋଟ୍ ସାହେବ। ଏହି ପରିପ୍ରେକ୍ଷୀରେ ହରକୋଟ ସାହେବ ପୁରୀର ମହନ୍ତଙ୍କ ପାଖକୁ ସଂମ୍ପୂର୍ଣ୍ଣ ନିରାପଦ ଯୋଗାଇଦେବା ପାଇଁ ବାର୍ତ୍ତା ପ୍ରେରଣ କରିଥିଲେ। ଏହା ପରେ ଖୋର୍ଦ୍ଧାରାଜାଙ୍କୁ ଏକ ଲକ୍ଷ ଟଙ୍କା ଲାଞ୍ଚ ଦେଇ ସୈନିକମାନଙ୍କର ଯାତାୟତର



ସୁବିଧା କରାଇ ଦେଇଥିଲେ। ମରହଟ୍ଟା ଓ ଇଂରେଜମାନଙ୍କ ମଧ୍ୟରେ ସଂଘର୍ଷ ପରେ ପୁରୀ ଇଂରେଜମାନଙ୍କ ଅଧିନକୁ ଚାଲିଯାଇଥିଲା। ପୁରୀର ସୁରକ୍ଷା ଦାୟିତ୍ୱ ନେଇଥିଲେ ମେଜର ଫ୍ଲେଚର୍। ଧିରେ ଧିରେ ମରହଟ୍ଟା ଶକ୍ତି ଇଂରେଜ ସାମର୍ଥ୍ୟ ପାଖରେ ହାର ମାନୁଥାଏ। ଇଂରେଜ ସୈନ୍ୟବାହିନୀ କଟକକୁ ଅକ୍ତିଆର କରିବାକୁ ଅଗ୍ରସର ହେଉଥାନ୍ତି। ଏହି ସମୟରେ ଅହମଦପୁର ଓ ମୁକୁନ୍ଦପୁରଠାରେ ମରହଟ୍ଟା ସୈନ୍ୟର ପ୍ରତିରୋଧର ସମ୍ମୁଖିନ ହୁଅନ୍ତି ଇଂରେଜ ସୈନ୍ୟ ମାତ୍ର ଇଂରେଜମାନଙ୍କର ସାମର୍ଥ୍ୟ ମରହଟ୍ଟା ଶକ୍ତିକୁ ଅତି ସହଜରେ ପରାସ୍ତ କଲେ। ଅକ୍ଟୋବର ମାସ ୧୪ ତାରିଖରେ ଇଂରେଜମାନେ ବାରବାଟୀ ଦୁର୍ଗ ଅଧିକାର କରନ୍ତି। ଏହାପରେ କଟକର ପରିଚାଳନା ପାଇଁ ଏକ କମିଶନ ଗଠନ କରାଗଲା, ଯେଉଁଥିରେ ହରକୋଟ୍, ଟି.ଏଚ୍.ଆର୍ଣ୍ଣେଷ୍ଟ ଓ ମାଲଭିଲେ ସଦସ୍ୟ ରହିଲେ। ଓଡ଼ିଶାର ରାଜା, ଜମିଦାରମାନେ ବ୍ରିଟିଶ ଶାସକମାନଙ୍କୁ କର ଦେବାକୁ ସମ୍ମତି ପ୍ରଦାନ କରାଗଲା। ଧିରେ ଧିରେ ବାଲେଶ୍ୱର ଓ ସମ୍ବଲପୁର ମଧ୍ୟ ଇଂରେଜମାନଙ୍କ ଅଧିନକୁ ଚାଲିଯାଏ। ସଂପୂର୍ଣ୍ଣ ଓଡିଶା ଦଖଲ ପରେ ୧୮୦୩ ଡିସେମ୍ବର ମାସରେ କମିଶନରଙ୍କ କାର୍ଯ୍ୟନିର୍ବାହକ କଲେକ୍ଟର ଜେମସ ହଡାରଙ୍କୁ ଭୂ-ରାଜସ୍ୱ ନୀତି ପାଇଁ ନିର୍ଦ୍ଦେଶ ଦେଲେ। ଧିରେ ଧିରେ ଓଡିଶା ସମ୍ପୂର୍ଣ୍ଣଭାବରେ ଇଂରେଜମାନଙ୍କ ଅଧିନକୁ ଚାଲିଗଲା। ଅର୍ଥନୀତି, ସମାଜନୀତି ସବୁକିଛିର ନିର୍ଦ୍ଧାରକ ସାଜିଲେ ଇଂରେଜମାନେ। ସାମାଜିକ ବିଧି ବ୍ୟବସ୍ଥାର ନବୀକରଣ ନାମରେ ଓଡ଼ିଆ ଜାତି ନିଜର ନିଜସ୍ୱ ସଂସ୍କୃତି ଓ ପରମ୍ପରା ହରାଇ ଦେଲା। ନୂତନ ଚିନ୍ତା ଚେତନାର ଆଗମନ ନାମରେ ନିଜସ୍ୱ ଫାଇଦା ଉଠାଇବା ପାଇଁ ଚାହିଁଲେ ଇଂରେଜ ସରକାର। ତେଣୁ ଉନବିଂଶ ଶତାବ୍ଦୀ ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ସର୍ବୋପରି ଜାତୀୟ ଜୀବନ ପାଇଁ ଥିଲା ଏକ ପରୀକ୍ଷାର ସମୟ।

୧୯୧୨ମସିହାରେ ଇଂରେଜ ସରକାର ଓଡିଶା-ବିହାରକୁ ନେଇ ବିହାର-ଓଡିଶା ପ୍ରଦେଶ ଗଠନ କରନ୍ତି। ଫଳରେ ବହୁ ଓଡିଆ ଭାଷାଭାଷୀ ଅଞ୍ଚଳ ଓଡିଶା ଡିଭିଜନ ଭିତରେ ନ ରହି ମାନ୍ଦ୍ରାଜ, ମଧ୍ୟ ପ୍ରଦେଶ ଓ ବଙ୍ଗପ୍ରଦେଶ ସହିତ ମିଶି ରହିଥିଲା। ତେଣୁ ଏ ସମସ୍ତ ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ ପ୍ରରମ୍ଭିକ ପ୍ରସ୍ତୁତି ଆରମ୍ଭ ହେଲା। ଓଡିଶାକୁ ଇଂରେଜ ଆଗମନର ଠିକ ଶହେ ବର୍ଷ ପରେ ଅର୍ଥାତ୍ ୧୯୦୩ ମସିହାରେ ଉତ୍କଳ ଗୌରବ ମଧୁସୂଦନ ଦାସ ଉତ୍କଳ ସମ୍ମିଳନୀ ଗଠନ କଲେ। ଏଥିରେ ତାଙ୍କୁ ସହଯୋଗ କରିଥିଲେ ଗୋପବନ୍ଧୁ ଓ ପାରଳାର ଗଜପତି ମହରାଜା କୃଷ୍ଣଚନ୍ଦ୍ର ନାରାୟଣ ଦେବ। ସେମାନଙ୍କ ଉଦ୍ୟମରେ ୧୯୬୩ ମସିହା ଅପ୍ରେଲ ମାସ ୧ ତାରିଖରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଘୋଷଣ କରାଗଲା। ବିହାରରେ ମିଶିଥିବା ଓଡ଼ିଶା ଡିଭିଜନରୁ ( କଟକ, ପୁରୀ, ବାଲେଶ୍ୱର, ଅନୁଗୁଳ ) ସମ୍ବଲପୁର ଜିଲ୍ଲା ଓ ସେତେବେଳର ମାନ୍ଦ୍ରାଜରୁ କେତେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ କରାଗଲା। ସେହିଦିନଠାରୁ ପ୍ରତିବର୍ଷ ଅପ୍ରଲ ପହିଲାକୁ ଉତ୍କଳ ଦିବସ ଭାବରେ ପାଳନ କରାଗଲା। ଏହା ହେଉଛି ଉତ୍କଳ ଦିବସର ମହାନ ଇତିହାସ। ଆମ ଜାତି ଆମ ଦେଶ କିପରି ସୁସଂଗଠିତ ହୋଇ ନିଜର ପ୍ରକୃତ ପରିଚୟ ପ୍ରାପ୍ତ ହୋଇ ପାରିଲା ସେ ସମ୍ପର୍କରେ ଆମ ଉତ୍ତର ପିଢ଼ି ଅବଗତ ହେବା ଉଚିତ। ସେମାନଙ୍କୁ ଐକ୍ୟ ଓ ସଂହତିର ଗୁଣଗାନ ପାଇଁ ପ୍ରେରଣା ପ୍ରଦାନ କରିବା ଉଚିତ। ଜୀବନ ଯନ୍ତ୍ରଣାରେ ଜର୍ଜରିତ ହୋଇ ଦେଶ ଓ ଜାତିର ଏକତା ଓ ପ୍ରଗତି ତଥା ଯେଉଁମାନେ ଚିନ୍ତା କରୁଥିଲେ ସେଇ ଗୋପବନ୍ଧୁ ଓ ମଧୁବାବୁଙ୍କୁ ଆଦର୍ଶ ଭାବେ ଗ୍ରହଣ କରି ବ୍ୟକ୍ତିତ୍ୱର ବିକାଶ ସାଧନା କରିବା ଆବଶ୍ୟକ। ଏକ ମହାନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରଖି ମହାପୁରୁଷମାନେ ଖଣ୍ଡ ବିଖଣ୍ଡିତ ଓଡ଼ିଶାକୁ ଏକାଠି କରିଥିଲେ। ବିଚ୍ଛିନ୍ନ ଓଡ଼ିଶାକୁ ଏକତ୍ର କରିବା ପାଇଁ ସେ ଯେଉଁ ଉଦ୍ୟମ କରିଥିଲେ, ତାହା ଓଡ଼ିଶାବାସୀ କେବେ ଭୁଲି ପାରିବେ ନାହିଁ। ମାତ୍ର ଦୁଃଖର କଥା ଯେ, ଆଜକୁ ୮୪ ବର୍ଷ ତଳେ ମଧୁ ବାବୁ ଯେଉଁ ସ୍ୱପ୍ନ ନେଇ ସ୍ୱତନ୍ତ୍ର ଉତ୍କଳର ଚିନ୍ତା କରିଥିଲେ, ତାହା ପରବର୍ତ୍ତୀ ପିଢ଼ି ନଷ୍ଟଭ୍ରଷ୍ଟ କରି ଦେଇଛନ୍ତି। ଖଣି, ଖାଦାନ, ଜଙ୍ଗଲ, ଜଳରେ ପରିପୂର୍ଣ୍ଣ ଓଡ଼ିଶା। ଓଡ଼ିଶାରେ ସବୁ ଥାଇ ମଧ୍ୟ ଆମ ରାଜ୍ୟର ଲୋକେ ଗରୀବ ହୋଇ ରହିଛନ୍ତି। ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶାରେ କାମ ମିଳୁ ନଥିବାରୁ ପେଟ ପୋଷିବା ପାଇଁ ଓଡ଼ିଆ ଲୋକ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ ଯାଉଛନ୍ତି। ଏସବୁର ସଜଡା ଦିଗ ପ୍ରତି ସଜାଗ ରହିଲେ ସେହି ମହାନ ବ୍ୟକ୍ତି ପ୍ରତି ଉଚିତ୍ ସମ୍ମାନ ହୋଇପାରିବ ବୋଲି ଆଶା କରାଯାଏ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ:୯୯୩୮୯୦୬୦୭୦**

# ଓଡ଼ିଶାର ଯୁବଶକ୍ତିଙ୍କ ସମ୍ଭାବନା ଓ ଆଶାର ଦିଗ୍‌ଦର୍ଶନ



**ମନସିଜ୍ ଦାସ**

ଓଡ଼ିଶାର ଯୁବପିଢିଙ୍କ ସ୍ୱପ୍ନ ଅନେକ। ଏଠି ସାଧନ ଅଛି, ସମ୍ଭାବନା ବି ରହିଛି। ଏଠାରେ ଭରପୁର ଭିତ୍ତିଭୂମି ରହିଛି। ଶ୍ରମଶକ୍ତି ଅଛି, ଯୁବ ଶକ୍ତି ବି ରହିଛି। ହେଲେ ଉଡ଼ାଣରେ ଇନ୍ଧନ ଭରିବା ପାଇଁ ଆବଶ୍ୟକ ଏକ ଉପଯୁକ୍ତ ଯୁବନୀତି। ସରକାର ଯୁବପିଢ଼ିଙ୍କୁ ଉତ୍କର୍ଷର ଶିଖରରେ ପହଞ୍ଚାଇବା ପାଇଁ ଉଦ୍ୟମ କରୁଛନ୍ତି। ହେଲେ ଏହା ଯଥେଷ୍ଟ ହେଉନାହିଁ। ନିଯୁକ୍ତି ବଜାରରେ ମୁକାବିଲା କରିବା ଭଳି ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବାକୁ ପଡ଼ିବ। ନବସୃଜନକୁ ପ୍ରୋତ୍ସାହନ ପାଇଁ ନୂଆ କିଛି କରିବାକୁ ପଡ଼ିବ। କାରଣ ଦକ୍ଷତାର ଉପଯୁକ୍ତ ବିନିଯୋଗ ନ ହେଲେ ଯୁବପିଢ଼ି ବିପଥଗାମୀ ହେବେ କିମ୍ବା ହତୋତ୍ସାହିତ ହୋଇ ନିଜକୁ ହିଁ ଶେଷ କରିଦେବେ। ଯାହା ସମାଜ ପାଇଁ ଆଦୌ ଶୁଭଙ୍କର ନୁହେଁ।

ଓଡ଼ିଶାର ମାଟିତଳେ ଖଣିଜ ସମ୍ପଦ ଭରି ରହିଥିବାବେଳେ ମାଟି ଉପରେ ଅନେକ ନଦନଦୀ ରହିଛି। ଏହାସହ ବିସ୍ତୀର୍ଣ୍ଣ ବେଳାଭୂମିକୁ ନେଇ ସମୃଦ୍ଧିର ସମ୍ଭାବନା ରହିଛି। ରାଜ୍ୟର ଖଣିଜ ସମ୍ପଦକୁ ଭିତ୍ତି କରି ଯାଜପୁର ଜିଲ୍ଲାର କଳିଙ୍ଗନଗରରେ ଅନେକ ବୃହତ୍ ଶିଳ୍ପ, ରାଉରକେଲାରେ ଇସ୍ପାତ କାରଖାନା, କୋରାପୁଟର ଦାମନଯୋଡ଼ି ଠାରୁ ଆରମ୍ଭ କରି ଅନୁଗୁଳ, ଝାରସୁଗୁଡ଼ାରେ ଅନେକ ଶିଳ୍ପ ଗଢ଼ି ଉଠିଛି। ଆଗକୁ ମଧ୍ୟ କେନ୍ଦୁଝର, ଜଗତସିଂହପୁର, କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ ବୃହତ ଶିଳ୍ପ ମୁଣ୍ଡ ଟେକିବାର ସମ୍ଭାବନା ରହିଛି। ଓଡ଼ିଶାର ଯୁବକମାନେ ମୁଖ୍ୟତଃ ଶିକ୍ଷା, ନିଯୁକ୍ତି ସୁଯୋଗ ଓ ଉଦ୍ୟୋଗ ଉପରେ ଧ୍ୟାନ ଦେଉଛନ୍ତି। ଏହି ସମୟରେ ସେମାନେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ସାମାଜିକ ଗଣମାଧ୍ୟମର ପ୍ରଭାବ ଭଳି ଚ୍ୟାଲେଞ୍ଜ ସହିତ ମଧ୍ୟ ସଂଘର୍ଷ କରୁଛନ୍ତି। ସ୍ଥିର ଓ ଗୁଣାତ୍ମକ ଚାକିରି ପାଇବା ଏକ ପ୍ରାଥମିକ ଚିନ୍ତାଧାରା। ଓଡ଼ିଶା ଅନେକ ସଫଳ ଯୁବ ଉଦ୍ୟୋଗୀ ସୃଷ୍ଟି କରିପାରିଛି। ଯେମିତି କି 'ଓୟୋ'ର ପ୍ରତିଷ୍ଠାତା ରାୟଗଡ଼ାର ରିତେଶ ଅଗ୍ରୱାଲ କମ ବୟସରେ ହୋଟେଲ ବ୍ୟବସାୟ ଆରମ୍ଭ କରି ଦେଶରେ ଚର୍ଚ୍ଚିତ ହୋଇପାରିଛନ୍ତି। ସେହିପରି ଦୁଗ୍ଧ ପ୍ରକ୍ରିୟାକରଣ ସଂସ୍ଥା ମିଲକ ମନ୍ତ୍ରାର ପ୍ରତିଷ୍ଠାତା ଶ୍ରୀକୁମାର ମିଶ୍ର ଜଣେ ସଫଳ ଯୁବ ଉଦ୍ୟୋଗୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ସେହିପରି ମୟୂରଭଞ୍ଜ ଜିଲ୍ଲା ଗୋବିନ୍ଦପୁରର ରାମଜିତ୍ ଟୁଡୁ ସାନ୍ତାଳୀ ଭାଷାର ଅଲଚିକି ଲିପିକୁ ଡିଜିଟାଇଜେସନ କରି ଅନେକଙ୍କ ପାଇଁ ହିରୋ ପାଲଟି ଯାଇଛନ୍ତି। କୋରାପୁଟ ଜିଲ୍ଲା ବୈପାରିଗୁଡ଼ାର ଝିଅ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି ବେଶୀ ଧାନ ବିହନ ସଂଗ୍ରହ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ଆମେରିକାର ସାନ୍ଫ୍ରାନସିସ୍କୋସ୍ଥିତ ପରିବେଶ ସୁରକ୍ଷା ପାଇଁ କାମ କରୁଥିବା ଆକ୍ସନ ଫର ନେଚର ପକ୍ଷରୁ ଅଗଷ୍ଟ ମାସରେ ୟଙ୍ଗ ଇକୋ ହିରୋ ପୁରସ୍କାର ପାଇଛନ୍ତି। ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ଧ୍ରିତିମୋକ୍ଷା ପାଣିଗ୍ରାହୀ ଅଣୁଅସ୍ତ୍ର ନିରସ୍ତ୍ରୀକରଣ ଅଭିଯାନରେ ଜାତିସଂଘ ଯୁବଗୋଷ୍ଠୀର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଓଡ଼ିଶା ଯୁବ ନବସୃଜନ ପାଣ୍ଠି ଯୋଜନା ଏବଂ ନାନୋ ୟୁନିକର୍ଣ୍ଣ ଯୋଜନା ନବସୃଜନଶୀଳ ଚିନ୍ତାଧାରାକୁ ବ୍ୟବସାୟରେ ପରିଣତ କରିବା ପାଇଁ ପାଣ୍ଠି, ପରାମର୍ଶ ପ୍ରଦାନ କରୁଛି। ରାଜ୍ୟ ସରକାର



ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଏବଂ ଷ୍ଟାର୍ଟଅପ ଓଡ଼ିଶା ପଦକ୍ଷେପ ମାଧ୍ୟମରେ ସହାୟକ ପରିବେଶ ପ୍ରତିଷ୍ଠା କରିଛନ୍ତି। ଭବିଷ୍ୟତ ପ୍ରତିଶ୍ରୁତିପୂର୍ଣ୍ଣ ହୋଇଥିଲେ ମଧ୍ୟ, ଅନେକ ଚ୍ୟାଲେଞ୍ଜ ରହିଛି। ରାଜ୍ୟରେ ଏକ ବୃହତ୍ କାର୍ଯ୍ୟକ୍ଷମ ବୟସ ଜନସଂଖ୍ୟା ୬୯% ସହିତ ପ୍ରଚୁର ପ୍ରାକୃତିକ ସମ୍ପଦ ରହିଛି। ତେଣୁ ସାମାଜିକ ଓ ଆର୍ଥିକ ପରିବର୍ତ୍ତନ ପାଇଁ ଏହାର ଯୁବଶକ୍ତିକୁ ବ୍ୟବହାର କରିବାକୁ ଓଡ଼ିଶା ଭଲ ସ୍ଥିତିରେ ଅଛି। ଏହି ସମ୍ଭାବନାକୁ ସାକାର କରିବା ପାଇଁ ସରକାର, ନାଗରିକ ସମାଜ ଏବଂ ଯୁବପିଢ଼ିଙ୍କ ସାମୂହିକ ପ୍ରୟାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାର ବିଶାଳ ଯୁବ ଜନସଂଖ୍ୟା ରାଜ୍ୟ ଜନସଂଖ୍ୟାର ୪୦%ରୁ ଅଧିକଙ୍କ ସାମୂହିକ ଶକ୍ତି ଓ ସମ୍ଭାବନାକୁ ଅତୁଲ୍ୟ ବୋଲି ବିବେଚନା କରାଯାଏ। ଭାରତର ମୋଟ ଜନସଂଖ୍ୟାର ସିଂହଭାଗ ହେଉଛନ୍ତି ୩୫ ବର୍ଷରୁ କମ ବୟସର। ଏଥିପାଇଁ ବିଶ୍ୱର ସବୁଠାରୁ ଯୁବ ଶ୍ରମଶକ୍ତି ମଧ୍ୟରେ ଭାରତ ସ୍ଥାନ ପାଇଛି। ଏହି ଯୁବଶକ୍ତି ଦେଶର ଅଭିବୃଦ୍ଧିର ଏକ ଶକ୍ତିଶାଳୀ ଇଞ୍ଜିନ ହୋଇପାରେ। ଏଥିପାଇଁ ଯୁବପିଢ଼ିଙ୍କୁ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ନିୟୋଜନ କରାଯିବା ଆବଶ୍ୟକ। ତେବେ ଯୁବ ଶ୍ରମଶକ୍ତିର ସଦବ୍ୟବହାର କରାନଗଲେ ସାମାଜିକ ଅସ୍ଥିରତା ସୃଷ୍ଟି ହୋଇପାରେ। ଏକ ସର୍ଭେ ଅନୁଯାୟୀ ୨୦୨୫ ଏପ୍ରିଲରେ ଦେଶର ସମଗ୍ର ବେକାରି ହାର ୫.୧ ପ୍ରତିଶତ ରହିଥିଲା। ସେହିପରି ସହରାଞ୍ଚଳର ଯୁବକମାନେ ଗ୍ରାମାଞ୍ଚଳ ଯୁବକଙ୍କ ତୁଳନାରେ ବେକାର ହେବାର ଆଶଙ୍କା ଅଧିକ। କାରଣ ସହରରେ ଉଚ୍ଚ ଆଶା, ଅଧିକ ପ୍ରତିଯୋଗିତା ଏବଂ ଜୀବନଯାପନ ପାଇଁ ଅଧିକ ଖର୍ଚ୍ଚ ହୋଇଥାଏ।

ଦକ୍ଷତା ବିକାଶ, ଉଦ୍ୟୋଗ ଓ ଅନ୍ତର୍ଭୁକ୍ତିକୃତ ଅଭିବୃଦ୍ଧି ଦ୍ୱାରା ଯୁବ ସମାଜର ଭବିଷ୍ୟତକୁ ଏକ ସୁବର୍ଣ୍ଣ ଯୁଗ ଭାବରେ କଳ୍ପନା କରାଯାଇଛି। ରାଜ୍ୟ ସରକାର ଏହାର ଯୁବ ଜନସଂଖ୍ୟାକୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ଆଇଟି, କୃଷି ଓ ଉତ୍ପାଦନ ଭଳି ପ୍ରମୁଖ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରାଯାଉଛି। ରାଜ୍ୟ ସରକାର ପ୍ରତିବର୍ଷ ଏକ ଲକ୍ଷ ଯୁବକଯୁବତୀଙ୍କୁ ଇ-ସ୍କିଲିଂ ସୁଯୋଗ ପ୍ରଦାନ କରିବା ସହ ସେମାନଙ୍କୁ ଶିଳ୍ପ ଆବଶ୍ୟକତା ସହିତ ସମନ୍ୱିତ କରିବା ପାଇଁ ନୂଆ ଓଡ଼ିଶା ଏବଂ ସ୍କିଲ ଭିଜନ-୨୦୩୦ ଭଳି ପଦକ୍ଷେପ ନେଇଛନ୍ତି। ନିଯୁକ୍ତି କ୍ଷମତା ବୃଦ୍ଧି କରିବା ପାଇଁ ବାଣିଜ୍ୟ, କୃତ୍ରିମ ବୁଦ୍ଧିମତ୍ତା ଶିକ୍ଷା ଓ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକର ସହଭାଗୀତା ଉପରେ ଧ୍ୟାନ ଦିଆଯାଉଛି। ସ୍ଥାନୀୟ ଅର୍ଥନୈତିକ ଅଭିବୃଦ୍ଧିକୁ ଆଗେଇ ନେବା ଏବଂ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଉଦ୍ୟୋଗୀ ହେବାକୁ ଯୁବପିଢ଼ିଙ୍କୁ ଉତ୍ସାହିତ କରାଯାଉଛି। ଚାକିରି ବଜାରରେ ଯୁବପିଢ଼ିଙ୍କ ହତାଶା ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଦକ୍ଷତାର ଅସମାନତା ଏବଂ ଆର୍ଥିକ ଚାପର ଜଟିଳ ସମସ୍ୟା କାରଣରୁ ଉଚ୍ଚ ଶିକ୍ଷିତଙ୍କ ମାନସିକ ସ୍ୱାସ୍ଥ୍ୟ ବିଗିଡ଼ିବା ସହ ସାମାଜିକ ସ୍ଥିରତା ଉପରେ ନାକାରାତ୍ମକ ପ୍ରଭାବ ପକାଉଛି। ନିଯୁକ୍ତି ପରୀକ୍ଷାରେ ଅନିୟମିତତା ମଧ୍ୟ ଯୁବପିଢ଼ିଙ୍କୁ ହତାଶ କରୁଛି।

ଶିକ୍ଷାଗତ ଯୋଗ୍ୟତା ଏବଂ ନିଯୁକ୍ତିଦାତାଙ୍କ ପ୍ରକୃତ ଚାହିଦା ମଧ୍ୟରେ ପ୍ରାୟତଃ ବ୍ୟବଧାନ ରହିଥାଏ। ପାଠ୍ୟକ୍ରମ ପ୍ରାୟତଃ ଅତ୍ୟଧିକ ତାତ୍ତ୍ୱିକ ହୋଇଥାଏ। ପ୍ରଯୁକ୍ତିବିଦ୍ୟାର ଦ୍ରୁତ ପ୍ରଗତି ଯଥା କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଯୋଗୁଁ ସମୟ ସହିତ ତାଳ ଦେଇ ନପାରି ଡିଗ୍ରୀଧାରୀମାନେ ଉପଲବ୍ଧ ଚାକିରି ପାଇଁ ନିଜକୁ ପ୍ରସ୍ତୁତ କରିପାରି ନଥାନ୍ତି। ଏହା ସହ ଆର୍ଥିକ ମାନ୍ଦାବସ୍ଥା, ନିଯୁକ୍ତି କ୍ଷେତ୍ରରେ ଅଭିବୃଦ୍ଧିର ଅଭାବ କାରଣରୁ ପର୍ଯ୍ୟାପ୍ତ ଗୁଣାତ୍ମକ ଚାକିରି ମିଳୁଛି। ଯୋଗ୍ୟତା ଅନୁସାରେ ଚାକିରି ମିଳୁ ନଥିବାରୁ ବାଧ୍ୟ ହୋଇ କମ ଦରମାରେ କାମ କରୁଛନ୍ତି। ଦୀର୍ଘକାଳୀନ ବେକାରି ଅର୍ଥାଭାବରୁ ଯୁବପିଢ଼ିଙ୍କ ମଧ୍ୟରେ ମାନସିକ ଅବସାଦ ଚାପ ବଢ଼ିଥାଏ। ଦକ୍ଷ ଯୁବପିଢ଼ି କର୍ମସଂସ୍ଥାନ ଅନ୍ୱେଷଣରେ ବାହାର ଦେଶକୁ ଚାଲିଯିବାର ସମ୍ଭାବନା ଅଧିକ। ଚାହିଦା ଅନୁଯାୟୀ ଦକ୍ଷତା ଏବଂ ବୃତ୍ତିଗତ ତାଲିମ ଉପରେ ଧ୍ୟାନ ଦେବା ପାଇଁ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷାନୁଷ୍ଠାନ ଓ ନିଯୁକ୍ତିଦାତାଙ୍କ ମଧ୍ୟରେ ସମନ୍ୱୟ ରଖି ବଜାର ଆବଶ୍ୟକତା ସହିତ ପାଠ୍ୟକ୍ରମକୁ ସଜାଡ଼ିବାକୁ ପଡ଼ିବ। ଯୁବ ଉଦ୍ୟୋଗୀମାନଙ୍କ ପାଇଁ ପାଣ୍ଠି, ପରାମର୍ଶ ଓ ସହାୟତାର ଆବଶ୍ୟକତା ରହିଛି। ଏଥିସହ ଯୁବପିଢ଼ିକୁ ମାନସିକ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରିବା ଆବଶ୍ୟକ।

**ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ**
**ଗୁରୁଗ୍ରାମ, ହରିୟାନା**

# ହର୍ମୁଜ୍‌ରୁ ତେହରାନ ପର୍ଯ୍ୟନ୍ତ ଟ୍ରମ୍ପ୍ ଏକୁଟିଆ



ୱାଶିଂଟନ, ୫।୪ଃବିଶ୍ୱର ଅନେକ ପ୍ରମୁଖ ଦେଶ ଆଉ ହର୍ମୁଜ୍ ପ୍ରଣାଳୀର ସଙ୍କଟର ମୁକାବିଲା କରିବା ପାଇଁ ଆମେରିକା ଉପରେ ନିର୍ଭର କରୁନାହାନ୍ତି। ଇରାନ ଯୁଦ୍ଧକୁ ନେଇ ଆମେରିକା ଏବଂ ଏହାର ୟୁରୋପୀୟ

## ଆମେରିକାର ହାତ ଛାଡ଼ିଲେ ଫ୍ରାନ୍ସ ଓ ୟୁରୋପ

ସହଯୋଗୀଙ୍କ ମଧ୍ୟରେ ମତଭେଦ ବଢୁଛି। ଉପସାଗରୀୟ କ୍ଷେତ୍ରର ତୈଳ ଏବଂ ଗ୍ୟାସ୍ ଉପରେ ନିର୍ଭରଶୀଳ ଦେଶଗୁଡ଼ିକ ଏହି ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥକୁ ପୁନଃ ଖୋଲିବା ପାଇଁ ଦ୍ରୁତ ଗତିରେ ପ୍ରୟାସ କରୁଛନ୍ତି। ସେହି ସମୟରେ, ଆମେରିକାର ଆଭିମୁଖ୍ୟ ନେଇ ବିଶ୍ୱବ୍ୟାପୀ ଅସନ୍ତୋଷ ମଧ୍ୟ ବଢୁଛି ।

ଜଳପଥ ଦେଇ ଜାହାଜ ଚଳାଚଳ ପୁନଃଆରମ୍ଭ କରିବା ବିଷୟରେ ଆଲୋଚନା କରିବା ପାଇଁ ବ୍ରିଟେନ ଚଳିତ ସପ୍ତାହରେ ୪୦ ରୁ ଅଧିକ ଦେଶର ଏକ ବୈଠକ ଡାକିଥିଲା। ବିଶ୍ୱ ବାଣିଜ୍ୟରେ ବାଧା ପାଇଁ ଇରାନକୁ ଦାୟୀ କରାଯାଇଥିଲା। ତେବେ ଏହି ପ୍ରସଙ୍ଗରେ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ମତଭେଦ ମଧ୍ୟ ସ୍ପଷ୍ଟ ଥିଲା । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଆମେରିକାର ସାମରିକ ଅଭିଯାନରେ ଯୋଗଦେବାକୁ ମନା କରିଦେଇଛନ୍ତି। କାର୍ଯ୍ୟାନୁଷ୍ଠାନ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ସେ କହିଥିଲେ ଯେ, ଏହା ଆମର ଯୁଦ୍ଧ ନୁହେଁ। ଆମେରିକା ନିଜେ କାର୍ଯ୍ୟାନୁଷ୍ଠାନ କରୁ। ୟୁରୋପୀୟ ଦେଶମାନେ ସାମରିକ ବିକଳ୍ପ ଅପେକ୍ଷା ଆଲୋଚନା ଏବଂ ଆର୍ଥିକ ଚାପକୁ ପ୍ରାଥମିକତା ଦେଉଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ସାମରିକ କାର୍ଯ୍ୟାନୁଷ୍ଠାନ ଅବାସ୍ତବ ଏବଂ ବିପଦପୂର୍ଣ୍ଣ ହେବ। ବାହାରିନ ଏହି ଅଞ୍ଚଳରେ ବାଣିଜ୍ୟ ଜାହାଜର ସୁରକ୍ଷା ପାଇଁ ଜାତିସଂଘରେ ଏକ ପ୍ରସ୍ତାବ ଉପସ୍ଥାପନ କରିଥିଲା, କିନ୍ତୁ ଏହାକୁ ଚୀନ୍‌ର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା ।

ଯୁଦ୍ଧ ଆମେରିକା ଏବଂ ୟୁରୋପ ମଧ୍ୟରେ ବଢୁଥିବା ଦୂରତାକୁ ମଧ୍ୟ ପ୍ରତିଫଳିତ କରୁଛି। ଯୁଦ୍ଧରେ ସହଯୋଗୀମାନେ ସମର୍ଥନ କରୁନଥିବାରୁ ଆମେରିକା ଅସନ୍ତୋଷ ପ୍ରକାଶ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନାଟୋର ଭବିଷ୍ୟତ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଗୋଟିଏ ପଟେ, ସେ ଉପସାଗରୀୟ କ୍ଷେତ୍ର ଉପରେ ନିର୍ଭରଶୀଳ ଦେଶମାନଙ୍କୁ ଜଳପଥ ନିଜେ ଖୋଲିବାକୁ ଅନୁରୋଧ କରିଥିଲେ, ଅନ୍ୟପଟେ ସେ ଇଙ୍ଗିତ ଦେଇଥିଲେ ଯେ ଆମେରିକା ମଧ୍ୟ ଏହାକୁ ଖୋଲିପାରେ, ଯାହା ତାଙ୍କ ନୀତିରେ ଥିବା ଦ୍ୱନ୍ଦ୍ୱକୁ ପ୍ରତିଫଳିତ କରୁଛି।

### ଟ୍ରମ୍ପଙ୍କ ଧମକରେ ଇରାନର ପାଲଟା ଜବାବ

# ଆମେରିକାକୁ ନର୍କ କରିଦେବୁ



ତେହେରାନ, ୫।୪ଃ ଚରମ ସ୍ଥିତିରେ ଇରାନ-ଆମେରିକା ଯୁଦ୍ଧ। ଦିନ ଗଡୁଛି ଲଢେଇ ଥମୁନି। ଆହୁରି ଉଗ୍ର ରୂପ ନେଉଛି ମଧ୍ୟପ୍ରାଚ୍ୟ ଯୁଦ୍ଧ। ପୁଣି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ୪୮ ଘଣ୍ଟାର ଡେଡଲାଇନ୍ ଦେଇଛନ୍ତି। ଏହାର କଡ଼ା ଜବାବ ଦେଇଛି ତେହେରାନ। ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ, ଇରାନ ତୀବ୍ର ପ୍ରତିଶୋଧ ନେବ ବୋଲି ଚେତାବନୀ ଦେଇଛି। ଆମେରିକା ଏବଂ ଇସ୍ରାଏଲ ପାଇଁ ସମଗ୍ର ମଧ୍ୟପ୍ରାଚ୍ୟକୁ ନର୍କରେ ପରିଣତ କରିବାକୁ ଧମକ ଦେଇଛି। ଇରାନ କେବଳ ଟ୍ରମ୍ପଙ୍କ ଧମକକୁ ଅଣଦେଖା କରିନାହିଁ ବରଂ ଆମେରିକାକୁ ଭୟଙ୍କର ପରିଣାମ ନେଇ ମଧ୍ୟ ଚେତାବନୀ ଦେଇଛି। ଇରାନ ଏହାକୁ ଏକ ମୂର୍ଖତାପୂର୍ଣ୍ଣ ପଦକ୍ଷେପ ବୋଲି କହିଛି । ତୁମ (ଆମେରିକା) ପାଇଁ ନର୍କର ଦ୍ୱାର ଖୋଲି ଦେବ। ଟ୍ରମ୍ପ ଧମକ ଦେଇଥିଲେ ଯେ ଯଦି ଇରାନ ୪୮ ଘଣ୍ଟା ମଧ୍ୟରେ ଶାନ୍ତି ଚୁକ୍ତି ଗ୍ରହଣ ନ କରେ, ତେବେ ସେ ଦେଶର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ନଷ୍ଟ କରିଦିଆଯିବ।

ଇରାନ କେବଳ ଟ୍ରମ୍ପଙ୍କ ଧମକକୁ ଅଣଦେଖା କରିନାହିଁ ବରଂ ଡ୍ରୋନ୍ ଏବଂ ମିସାଇଲ ସାହାଯ୍ୟରେ ଇସ୍ରାଏଲ ଏବଂ ଆମେରିକାର ଅନେକ ସୁବିଧାକୁ ଟାର୍ଗେଟ କରିଛି। ଇବ୍ରାହିମ ଜୋଲଫାଘାରିଙ୍କ ଏହି ବୟାନ ଏପରି ଏକ ସମୟରେ ଆସିଛି ଯେବେ ଟ୍ରମ୍ପ ଏବଂ ଇସ୍ରାଏଲ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ହୋର୍ମୁଜ ଖୋଲିବାକୁ ଇରାନ ଉପରେ ଚାପ ବୃଦ୍ଧି କରୁଛନ୍ତି। ପୂର୍ବରୁ ଟ୍ରମ୍ପ ହୋର୍ମୁଜ ଖୋଲିବାକୁ ୧୦ ଦିନ ସମୟ ଦେଇଥିଲେ। ଏବେ କହିଛନ୍ତି, ସମୟ ସରି ସରି ଆସୁଛି। କେବଳ ୪୮ ଘଣ୍ଟା ବାକି ଅଛି। ସେମାନଙ୍କ ଉପରେ ସର୍ବନାଶ ଆସିବା ପୂର୍ବରୁ, ପରମେଶ୍ୱର ସେମାନଙ୍କୁ ଆଶୀର୍ବାଦ କରନ୍ତୁ।

### ମଧ୍ୟପ୍ରାଚ୍ୟ ଯୁଦ୍ଧଃପାକିସ୍ତାନର ସ୍ଥିତି ସାଂଘାତିକ

# ୬ ମାସ ବନ୍ଦ ହେଲା ମନ୍ତ୍ରୀଙ୍କ ଦରମା




ଇସଲାମାବାଦ, ୫।୪ଃ ଇରାନ ସହିତ ଇସ୍ରାଏଲ ଓ ଆମେରିକୀୟ ଯୁଦ୍ଧରେ ପାକିସ୍ତାନର ସ୍ଥିତି ବେହାଲ ହେଲାଣି। ଦେଶରେ ଘୋର ଶକ୍ତି ସଂକଟ ସହ ଅର୍ଥନୈତିକ ସଂକଟ ମାଡି ଆସିଲାଣି। ପେଟ୍ରୋଲ, ଡିଜେଲ ୪୦୦ରୁ ୬୦୦ ଟଙ୍କା ମଧ୍ୟରେ ବିକ୍ରି ହେଉଥିବା ବେଳେ ଫଳ ଓ ପନିପରିବାର ଦାମ ନ କହିବା ଭଲ। ଏଭଳି ଆର୍ଥିକ ମାନ୍ଦାବସ୍ଥାରେ ପାକିସ୍ତାନ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ଆଗାମୀ ୬ ମାସ ପାଇଁ ମନ୍ତ୍ରୀମାନଙ୍କ ଦରମାକୁ ବନ୍ଦ କରାଯାଇଛି। ତେବେ ଦୁଇ ଦିନ ପୂର୍ବରୁ ପେଟ୍ରୋଲ ମୂଲ୍ୟ ୧୩୭ ପାକିସ୍ତାନୀ ଟଙ୍କା ଏବଂ ଡିଜେଲ ମୂଲ୍ୟ ୧୮୪ ଟଙ୍କା ବୃଦ୍ଧି କରାଯାଇଥିଲା। ତଥାପି,ଦେଶବ୍ୟାପୀ ପ୍ରତିବାଦ ପରେ, ସରକାର ଶୁକ୍ରବାର ପେଟ୍ରୋଲ ମୂଲ୍ୟ ୮୦ ଟଙ୍କା ହ୍ରାସ କରିଛନ୍ତି। ଦର ହ୍ରାସ ପରେ ପେଟ୍ରୋଲ ୩୭୮ ଓ ଡିଜେଲ ୫୨୦.୩୫ କରାଯାଇଛି।

ଶକ୍ତି ସଂକଟ ଯୋଗୁ ପାକିସ୍ତାନରେ ବର୍ଦ୍ଧିତ ମୁଦ୍ରାସ୍ଫୀତି ଏବଂ ଆର୍ଥିକ ସଙ୍କଟର ମୁକାବିଲା ପାଇଁ ଶାହବାଜ ସରିଫ ମଧ୍ୟ କଠୋର ପଦକ୍ଷେପ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ପ୍ରଥମେ କ୍ୟାବିନେଟ ମନ୍ତ୍ରୀମାନଙ୍କ ଦରମା ଦୁଇ ମାସ ପାଇଁ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା, କିନ୍ତୁ ଏବେ ମନ୍ତ୍ରୀମାନେ ଆଗାମୀ ୬ ମାସ ପାଇଁ ସେମାନଙ୍କ ଦରମା ପାଇବେ ନାହିଁ। ସେହିପରି ଜନତାଙ୍କ ଉପରେ ଚାପ କମ କରିବାକୁ ପେଟ୍ରୋଲ ଡିଜେଲ ମୂଲ୍ୟ ହ୍ରାସ କରିବା ନେଇ ମଧ୍ୟ ଶେହେବାଜ ଘୋଷଣା କରିଥିଲେ। ଏବଂ ଆଗାମୀ ମାସ ପର୍ଯ୍ୟନ୍ତ ତୈଳ ଦରରେ କୌଣସି ପରିବର୍ତ୍ତନ ହେବା ନାହିଁ ବୋଲି କହିଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ। ଦେଶର ଏହି ସଂକଟ ପାଇଁ ପଶ୍ଚିମ ଏସିଆରେ ହୋଇଥିବା ଯୁଦ୍ଧକୁ ଦାୟୀ କରିଛନ୍ତି ଶେହବାଜ। ଷ୍ଟ୍ରେଟ୍ ଅଫ ହରମୁଜ ବନ୍ଦ ପାଇଁ ଏଭଳି ସ୍ଥିତି ଉପୁଜିଛି ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ଗତ ତିନି ସପ୍ତାହ ଧରି ପ୍ରତିଦିନ ତୈଳ ଦର ବୃଦ୍ଧି ପାଉଛି, କିନ୍ତୁ ସାଧାରଣ ଲୋକଙ୍କ ଅସୁବିଧାକୁ ବିଚାର କରି ଆମେ ଜନସାଧାରଣଙ୍କ ଉପରେ ବୋଝ ଲଦି ନାହୁଁ। ଏହି ସମୟ ମଧ୍ୟରେ ସରକାର ପ୍ରାୟ ୧୨୯ ବିଲିୟନ ଟଙ୍କାର ସବସିଡି ପ୍ରଦାନ କରିଛନ୍ତି।

# ୩୬ ଘଣ୍ଟା ପରେ ଉଦ୍ଧାର ହେଲେ ପାଇଲଟ


ଇରାନକୁ ଚକମା ଦେଲା ଆମେରିକା

ୱାଶିଂଟନ, ୫।୪ଃଇରାନ ମାଟିରେ ଇରାନକୁ ଚକମା ଦେଲା ଆମେରିକା। ସୁରକ୍ଷିତ ଭାବେ ପାଇଟଙ୍କୁ ଉଦ୍ଧାର କଲା। ହେଲେ ଏବେ ପ୍ରଶ୍ନ- କେମିତି ଖସିଆସିଲେ ପାଇଲଟ୍? ଏନେଇ ପେଣ୍ଟାଗନ ଯାହା କହିଛି ତାହା ଆଶ୍ଚର୍ଯ୍ୟ କରିଦେବ। ଆମେରିକାର ଏଫ-୧୫ ଲଢୁଆ ବିମାନର ଇରାନ ଗୁଳି କରି ଖସାଇ ଦେଇଥିଲା। ଉଭୟ କୁ ସଦସ୍ୟ ଖସି ପଡ଼ି ଇରାନ ମାଟିରେ ପଡ଼ିଥିଲେ। ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ସେମାନଙ୍କୁ ଧରିବାକୁ ଚେଷ୍ଟା କରିଥିଲେ କିନ୍ତୁ ଆମେରିକୀୟ ସେନା ଇରାନ ମାଟିରୁ ଉଭୟ ପାଇଲଟଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲା। ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାଇଲଟ୍ ଉଦ୍ଧାରକୁ ନେଇ ସ୍ପଷ୍ଟ କରିଛନ୍ତି। କହିଛନ୍ତି- ଆମେରିକୀୟ ସେନା ଆମର ଜଣେ ସର୍ବୋତ୍ତମ କୁ ସଦସ୍ୟଙ୍କୁ ସୁରକ୍ଷିତ ଉଦ୍ଧାର କରିବା ଆମେରିକୀୟ ଇତିହାସର ସବୁଠାରୁ ସାହସିକ ପଦକ୍ଷେପ। ଇରାନ ମାଟିରେ ଦୁଇ ଦିନ ରହିବା ପରେ ଆମେରିକୀୟ ପାଇଲଟଙ୍କ ସୁରକ୍ଷିତ ଉଦ୍ଧାରର କାହାଣୀ ହଲିଉଡ୍ ଫିଲ୍ମଠୁ ବି କମ୍ ନୁହେଁ। ରିପୋର୍ଟ ଅନୁସାରେ ଆମେରିକୀୟ ସେନା ଉଦ୍ଧାର କାର୍ଯ୍ୟ ସିଆଇଏ ସିକ୍ରେଟ ଅପରେସନ କରିଥିଲା। ଏହି ଅଭିଯାନ ଇରାନ ମଧ୍ୟରେ ଗୁଜବ ପ୍ରଚାର କରିଥିଲା ଯେ ଆମେରିକୀୟ ସେନା ଅଧିକାରୀଙ୍କୁ ପୂର୍ବରୁ ଠାବ କରିସାରିଛି। ତାଙ୍କୁ ସ୍ଥଳପଥରେ ଦେଶ ବାହାରକୁ ନେଇଯାଉଛି। ଅଧିକାରୀଙ୍କୁ ଖୋଜିବା ଏବଂ ଠାବ କରିବା ପାଇଁ ଏହାର ବିଶେଷ କ୍ଷମତା ବ୍ୟବହାର କରିଥିଲା ସିଆଇଏ। ଅଧିକାରୀ କହିଛନ୍ତି, ବଡ଼ ଘାସ ଗଦାରେ ଛୁଞ୍ଚି ଖୋଜିବା ପରି ଏହା ଏକ କଷ୍ଟକର ଅଭିଯାନ ଥିଲା। ଧରାପଡ଼ିବା ଭୟରେ ଗୋଟିଏ ଦିନରୁ ଅଧିକ ସମୟ ପାଇଁ ପାହାଡ଼ରେ ଲୁଚି ରହିଥିଲେ ପାଇଲଟ। ସିଆଇଓ ବ୍ୟତୀତ ଅନ୍ୟ କେହି ତାଙ୍କୁ ଦେଖିବା କଷ୍ଟକର ଥିଲା। ସିଆଇଏ ତୁରନ୍ତ ପେଣ୍ଟାଗନ୍, ଆମେରିକୀୟ ସେନା ଏବଂ ହ୍ୱାଇଟ୍ ହାଉସ୍ ସହିତ ପାଇଲଟଙ୍କ ସଠିକ୍ ସ୍ଥାନ ସେୟାର କରିଥିଲା। ତା'ପରେ ରାଷ୍ଟ୍ରପତି ଟ୍ରମ୍ପ୍ ତୁରନ୍ତ ଏକ ଉଦ୍ଧାର ଅଭିଯାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

### ଆତଙ୍କୀ ଦେଶର ଫୁଟାଣି

## ଦିଲ୍ଲୀ ଏବଂ ମୁମ୍ବାଇ ପରେ ଟାର୍ଗେଟରେ କୋଲକାତା



ନୂଆଦିଲ୍ଲୀ, ୫।୪ଃ ଭାରତ ବିରୋଧରେ ବିଷ ଓଗାଳିଲା ପାକିସ୍ତାନ। ଦିଲ୍ଲୀ, ମୁମ୍ବାଇ ପରେ ଏବେ କୋଲକାତାକୁ ଟାର୍ଗେଟ। ଧମକ ଦେଇଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ୍। କହିଛନ୍ତି ଯଦି ଭବିଷ୍ୟତରେ କୌଣସି ସଂଘର୍ଷ ହୁଏ, ତେବେ ପାକିସ୍ତାନର ପ୍ରତିକ୍ରିୟା ସୀମିତ ରହିବ ନାହିଁ। ଏହା କୋଲକାତା ପର୍ଯ୍ୟନ୍ତ ବିସ୍ତାରିତ ହୋଇପାରେ। ସିଆଲକୋଟରେ ସାମ୍ବାଦିକଙ୍କ ସହ କଥାବାର୍ତ୍ତା କରି ଆସିଫ୍ ଭାରତକୁ ଚେତାବନୀ ଦେଇଛନ୍ତି। କହିଛନ୍ତି, ଭବିଷ୍ୟତରେ ଯେକୌଣସି ଦୁଃସାହସିକ କାର୍ଯ୍ୟର ପ୍ରୟାସ କୋଲକାତା ଉପରେ ଆକ୍ରମଣ ସହିତ ମୁକାବିଲା କରାଯିବ। ଯେ ଯଦି ଭାରତ ଏକ ଫେକ୍ ଫ୍ଲାଗ ଅପରେସନ୍ ପାଇଁ ଚେଷ୍ଟା କରେ, ତେବେ ପାକିସ୍ତାନ ଭାରତର ପୂର୍ବ ମହାନଗର କୋଲକାତା ଉପରେ ଆକ୍ରମଣ କରିବ। ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଭାରତ ପାକିସ୍ତାନକୁ ଦୋଷ ଦେବା ପାଇଁ ମିଥ୍ୟା ପତାକା ଅପରେସନ୍ ଯୋଜନା କରୁଛି। ଏପରି ଘଟଣାରେ ଭାରତ ନିଜ କର୍ମଚାରୀ କିମ୍ବା ପାକିସ୍ତାନୀ ବନ୍ଦୀମାନଙ୍କୁ ବ୍ୟବହାର କରିପାରେ। ସେ ତାଙ୍କ ଦାବିକୁ ସତ କରିବା ପାଇଁ କୌଣସି ଠୋସ୍ ପ୍ରମାଣ ପ୍ରଦାନ କରିନାହାଁନ୍ତି।

### ହିମ୍ମତ ଦେଖାଇଲେ ହିମନ୍ତ

# ଛାଡପତ୍ର ନେଇ ଘରକୁ ଫେରିଲା ଝିଅ

## ଡିଜେ ବଜାଇ ସ୍ୱାଗତକଲା ପରିବାର




ମେରଠ, ୫।୪ଃ ସୋସିଆଲ ମିଡିଆ ଯୁଗରେ ଏମିତି ସବୁ ଘଟଣା ସାମ୍ନାକୁ ଆସୁଛି, ଆଖିରେ ନଦେଖିଲେ ବିଶ୍ୱାସ କରିବା କଷ୍ଟକର। ଅନ୍ୟପଟେ ଲୋକେ ଲୋକପ୍ରିୟତା କମାଇବାକୁ ଏଭଳି ସବୁ କାଣ୍ଡ କରନ୍ତି, ଯାହା ଭାରତ ଭଳି ରକ୍ଷଣଶୀଳ ସମାଜ ପାଇଁ ନୂଆ ଘଟଣା । ଠିକ୍ ସେହିଭଳି ଏକ ଭିଡିଓ ଉତ୍ତର ପ୍ରଦେଶର ମେରଠରୁ ସାମ୍ନାକୁ ଆସିଛି। ମେରଠର ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ଏକ ପରିବାର ତାଙ୍କ ଝିଅ ସହିତ ଉତ୍ସବ ପାଳନ କରୁଥିବାର ଦେଖିବାକୁ ମିଳିଛି। ତାଙ୍କୁ ମାଳ ପିନ୍ଧାଇ ମିଠା ଖୁଆଉଛନ୍ତି, ପରିବାର ସଦସ୍ୟ ନାଚୁଛନ୍ତି ଏବଂ ବାପା ଖୁସିରେ ଝୁମି ଉଠୁଛନ୍ତି। ଏହି ଦୃଶ୍ୟ ଦେଖିଲେ ଆପଣଙ୍କୁ ଲାଗିବ ଯେ, ଝିଅ ହୁଏତ ୟୁପିଏସସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି କିମ୍ବା ଖେଳରେ ସ୍ୱର୍ଣ୍ଣ ପଦକ ଜିତିଛି। କିନ୍ତୁ ଏହି ଉତ୍ସବ ଏକ ଭିନ୍ନ କାରଣ ପାଇଁ।

କୋର୍ଟ ଯେତେବେଳେ ଝିଅର ଛାଡପତ୍ରକୁ ମଞ୍ଜୁର କଲେ, ସେତେବେଳେ ପରିବାରରେ ଖୁସିର ଲହରୀ ଖେଳିଗଲା। ପରିବାର ଲୋକେ ମେରଠ କୋର୍ଟରେ ମିଠା ବାଣ୍ଟିଥିଲେ ଏବଂ ଢୋଲର ତାଳେ ତାଳେ ନାଚିଥିଲେ। ଏହି ଉତ୍ସବର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି ଏବଂ ଏହା ଆଲୋଚନାର ବିଷୟ ପାଲଟିଛି। ମେରଠର ଶାସ୍ତ୍ରୀ ନଗର ଅଞ୍ଚଳର ଜଣେ ଅବସରପ୍ରାପ୍ତ ବିଚାରପତି ଡକ୍ଟର ଜ୍ଞାନେନ୍ଦ୍ର ଶର୍ମା ୨୦୧୮ ମସିହାରେ ତାଙ୍କ ଝିଅ ପ୍ରଣିତାଙ୍କୁ ଶାହଜାହାନପୁରର ବାସିନ୍ଦା ଗୌରବ ଅଗ୍ନିହୋତ୍ରୀଙ୍କ ସହ ବିବାହ କରାଇଥିଲେ। ଗୌରବ ସେନାରେ ଜଣେ ମେଜର ଏବଂ ଜଳନ୍ଧରରେ କାର୍ଯ୍ୟରତ। ପ୍ରଣିତାଙ୍କର ମଧ୍ୟ ଏକ ପୁଅ ଅଛି। ଶ୍ୱଶୁର ଘର ଲୋକଙ୍କଠାରୁ ନିର୍ଯାତନା ପାଇବା ପରେ ପ୍ରଣିତା ଛାଡ଼ପତ୍ର ନେବାକୁ ସ୍ଥିର କରିଥିଲେ।



### ଭାରତୀୟ ଇଞ୍ଜିନିୟରଙ୍କ ପ୍ରୟାସ

## ନିର୍ମାଣ ଚାଲିଛି କୃତ୍ରିମ ସୂର୍ଯ୍ୟ

ନୂଆଦିଲ୍ଲୀ ୦୫।୦୪ଃ ବେଙ୍ଗାଲୁରୁରେ ଇଞ୍ଜିନିୟରମାନଙ୍କର ଏକ ଟିମ୍ ଅସମ୍ଭବ ପ୍ରୟାସ କରୁଛନ୍ତି । ପୃଥିବୀରେ ସୂର୍ଯ୍ୟ ଶକ୍ତିର ନକଲ ନିର୍ମାଣ କରୁଛନ୍ତି । ଏହି ପ୍ରୟାସ ସଫଳ ହେଲେ, ସେମାନଙ୍କ କାର୍ଯ୍ୟ ଉର୍ଜ୍ଜା ଉତ୍ପାଦନ କ୍ଷେତ୍ରରେ ଭାରତକୁ ନୂଆ ପରିଚୟ ଦେବ। ବେଙ୍ଗାଲୁରୁ ସ୍ଥିତ ଷ୍ଟାର୍ଟଅପ୍ 'ପ୍ରନୋସ୍ ଫ୍ୟୁଜନ୍' ପରମାଣୁ ଫ୍ୟୁଜନ୍ ବା ମିଶ୍ରଣ ଉପରେ କାମ କରୁଛି । ଏହା ସେହି ପ୍ରକ୍ରିୟା ଯାହା ନକ୍ଷତ୍ରମାନଙ୍କୁ ଶକ୍ତି ପ୍ରଦାନ କରେ । ଜୀବାଶ୍ମ ଇନ୍ଧନ କିମ୍ବା ପାରମ୍ପରିକ ପରମାଣୁ ଶକ୍ତି ଭଳି ଏହା ପରମାଣୁର ଦହନ କିମ୍ବା ବିଭାଜନ ଉପରେ ନିର୍ଭର କରେ ନାହିଁ। ଏହା ପରିବର୍ତ୍ତେ, ପ୍ରଚୁର ପରିମାଣର ଉର୍ଜ୍ଜା ଉତ୍ପନ୍ନ ଲାଗି ଏହା ଉଦ୍‌ଯାନ ଭଳି ହାଲୁକା ତତ୍ତ୍ୱକୁ ଫ୍ୟୁଜ୍ କରେ, ଠିକ୍ ଯେମିତି ସୂର୍ଯ୍ୟ ଭିତରେ ହୁଏ ।

### ● ଆସାମ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ବଡ ଅଭିଯୋଗ

# ପତ୍ନୀଙ୍କ ପାଖରେ ୩ ଦେଶର ପାସପୋର୍ଟ



ନୂଆଦିଲ୍ଲୀ, ୫।୪ଃ ଆସାମ ବିଧାନସଭା ନିର୍ବାଚନ ପାଇଁ ରାଜନୈତିକ କାର୍ଯ୍ୟକଳାପ ଉଷ୍ମ ହେବାରେ ଲାଗିଛି । ନିର୍ବାଚନ ରାଲି ସହିତ, ନେତାମାନେ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଟାର୍ଗେଟ କରିବାରେ କୌଣସି ସୁଯୋଗ ହାତଛଡ଼ା କରୁ ନାହାନ୍ତି । ରବିବାର କଂଗ୍ରେସ ମୁଖପାତ୍ର ପବନ ଖେରା ଏକ ସାମ୍ବାଦିକ ସମ୍ମିଳନୀରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କୁ ଟାର୍ଗେଟ କରି ତାଙ୍କ ପତ୍ନୀଙ୍କ ପାଖରେ ତିନୋଟି ଦେଶର ପାସପୋର୍ଟ ଥିବା ଅଭିଯୋଗ କରିଛନ୍ତି। ଏହି ସମୟରେ, ଆସାମ ମୁଖ୍ୟମନ୍ତ୍ରୀ କଂଗ୍ରେସ ମୁଖପାତ୍ରଙ୍କ ଅଭିଯୋଗର ଜବାବ ଦେଇଛନ୍ତି। ପବନ ଖେରା ସାମ୍ବାଦିକ ସମ୍ମିଳନୀ ସମୟରେ କହିଛନ୍ତି, ଭାରତୀୟ ରାଜନୀତିରେ, ଜଣେ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ପରିବାର ବିରୋଧରେ ଏତେ ବଡ଼ ଖୁଲାସା ପୂର୍ବରୁ ବହୁତ କମ୍ ଘଟିଛି। ଆମେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଛୁ। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏବଂ ତାଙ୍କ ପତ୍ନୀ ଜମି ହଡ଼ପ, ମନ୍ଦିର ଦାନ, ସରକାରୀ ସବସିଡି ଆତ୍ମସାତ ଏବଂ ଚିଟ୍ ଫଣ୍ଡ ଦୁର୍ନୀତି ସମେତ ଅନେକ ଦୁର୍ନୀତିରେ ଜଡିତ ଅଛନ୍ତି। ତଥାପି, ଆଜି ଆମେ ଆପଣଙ୍କ ସମ୍ମୁଖରେ ଯେଉଁ ଦସ୍ତାବିଜ ଉପସ୍ଥାପନ କରୁଛୁ ତାହା ଭାରତ ବାହାରର ଦସ୍ତାବିଜ ସହିତ ଜଡିତ। ଆଚମ୍ବିତ କଲା ଭଳି ସୂଚନା ହେଉଛି ଯେ, ହିମନ୍ତ ବିଶ୍ୱ ଶର୍ମାଙ୍କ ପତ୍ନୀଙ୍କ ପାଖରେ ଗୋଟିଏ କିମ୍ବା ଦୁଇଟି ନୁହେଁ, ବରଂ ତିନୋଟି ପାସପୋର୍ଟ ଅଛି। ତିନୋଟି ପାସପୋର୍ଟ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ତାଙ୍କର ଏକ ୟୁଏଇ ଗୋଲ୍ଡେନ କାର୍ଡ ଅଛି, ଯାହା ୧୪ ମାର୍ଚ୍ଚ, ୨୦୨୨ ରେ ଜାରି କରାଯାଇଥିଲା, ଯାହା ୧୩ ମାର୍ଚ୍ଚ, ୨୦୨୭ ରେ ଶେଷ ହେଉଛି। ତାଙ୍କ ପାଖରେ ଆଣ୍ଟିଗୁଆ ଏବଂ ଇଜିପ୍ଟର ପାସପୋର୍ଟ ମଧ୍ୟ ଅଛି। ଅନ୍ୟ କିଛି ମଧ୍ୟ ଥାଇପାରେ, କିନ୍ତୁ ଆମେ ସେସମ୍ପର୍କରେ ଜାଣି ନାହୁଁ । ବର୍ତ୍ତମାନର ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଭାରତୀୟ ନାଗରିକ ନୁହଁନ୍ତି । ଯଦି ସେ ଭାରତୀୟ ନାଗରିକ, ତେବେ ତାହା ବେଆଇନ। ଯଦି ଏହି ପାସପୋର୍ଟଗୁଡ଼ିକ ବେଆଇନ ନୁହେଁ, ତେବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଏହା ବିଷୟରେ ଜଣାଇବା ଉଚିତ୍ ଏବଂ ତଦନ୍ତ କରାଯିବା ଉଚିତ। କଂଗ୍ରେସ ମୁଖପାତ୍ର ଅଭିଯୋଗ କରିଛନ୍ତି, ଆସାମରେ ଡକାୟତମାନଙ୍କର ସରକାର ଅଛି। ସେ ଦେଶ ଛାଡ଼ିବାକୁ ଯୋଜନା କରୁଛନ୍ତି। ଯଦି ସେ ନିର୍ବାଚନରେ ହାରନ୍ତି ତେବେ ସେ ଦେଶ ଛାଡିବାକୁ ପ୍ରସ୍ତୁତ ହେଉଛନ୍ତି । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ପବନ ଖେରାଙ୍କ ସାମ୍ବାଦିକ ସମ୍ମିଳନୀର ଜବାବ ଦେଇଛନ୍ତି। ସେ ଇନଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି, ଏହା କଂଗ୍ରେସ ଦଳ ଭିତରେ ଗଭୀର ହତାସ ଏବଂ ଆତଙ୍କକୁ ପ୍ରତିଫଳିତ କରୁଛି। ଆସାମ ଏକ ଐତିହାସିକ ଜନାଦେଶ ଆଡ଼କୁ ନିର୍ଣ୍ଣାୟକ ଭାବରେ ଆଗକୁ ବଢୁଥିବା ବେଳେ, ଏପରି ହତାସଜନକ ଆକ୍ରମଣ କେବଳ ସେମାନଙ୍କର ଦୁର୍ବଳତାକୁ ପ୍ରକାଶ କରୁଛି।

# ଗୋମାଂସ ନେଇ ଆସାମ ରାଜନୀତି ଉଷ୍ମ

### ହିମନ୍ତଙ୍କ ଟାର୍ଗେଟରେ ଏଜେପି ପ୍ରାର୍ଥୀ କୁଙ୍କି



ଗୌହାଟି, ୫।୪ଃ ଆସାମ ବିଧାନସଭା ନିର୍ବାଚନ ପାଇଁ ସମସ୍ତ ରାଜନୈତିକ ଦଳ ରାଲି କରୁଛନ୍ତି। ଏହି ସମୟରେ, ଆରୋପ ପ୍ରତ୍ୟାରୋପ ଧାରା ମଧ୍ୟ ଜାରି ରହିଛି। ନିର୍ବାଚନ ପୂର୍ବରୁ, ରାଜ୍ୟ ରାଜନୀତିରେ ଗୋମାଂସ ବିବାଦକୁ ନେଇ କଡ଼ା ମୁକାବିଲା ଦେଖିବାକୁ ମିଳୁଛି । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଆସାମ ଜାତୀୟ ପରିଷଦ (ଏଜେପି) ପ୍ରାର୍ଥୀ କୁଙ୍କି ଚୌଧୁରୀ ଏବଂ ତାଙ୍କ ମାଆ ସୁଜାତା ଗୁରୁଙ୍ଗ ଚୌଧୁରୀଙ୍କୁ ଟାର୍ଗେଟ କରିଛନ୍ତି। ସେମାନେ ଗୋମାଂସ ଖାଇଥିବା ହିମନ୍ତ ଅଭିଯୋଗ କରିଛନ୍ତି। ଆସାମ ବିଧାନସଭା ନିର୍ବାଚନ ପୂର୍ବରୁ ଏପରି ଅଭିଯୋଗ ଏଜେପି ଏବଂ ବିଜେପି ମଧ୍ୟରେ ରାଜନୈତିକ ଉତ୍ତେଜନା ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆସାମରେ ଗୋମାଂସ ଖାଇବାର ସଂସ୍କୃତିକୁ ଉତ୍ସାହିତ କରାଯାଇପାରିବ ନାହିଁ। ସେ ଦାବି କରିଛନ୍ତି, ତାଙ୍କ ପରାମର୍ଶ ପରେ, ମୁସଲିମ ସମ୍ପ୍ରଦାୟର ଅନେକ ସଦସ୍ୟ ଏବେ ଗୋମାଂସ ବଦଳରେ ମହିଷା ମାଂସ ଖାଉଛନ୍ତି। ସେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି, ରାଜ୍ୟର ପଶୁ ସୁରକ୍ଷା ଆଇନ ଉଲ୍ଲଂଘନ କରୁଥିବା ଲୋକଙ୍କୁ ତିନି ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ହୋଇପାରେ। ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି, ମୁଁ ଗୋମାଂସ ଖାଉଥିବା ଲୋକଙ୍କୁ ଛାଡିବି ନାହିଁ। ଆଇନ ଅନୁଯାୟୀ ମୁଁ ସେମାନଙ୍କ ବିରୋଧରେ ଏଫଆଇଆର ରୁଜୁ କରିବି। ତାଙ୍କର ଏହି ବୟାନ ରାଜନୈତିକ ପରିବେଶକୁ ଆହୁରି ଉଷ୍ମ କରିଛି। ଏଜେପି ଏହାକୁ ରାଜନୈତିକ ଫାଇଦା ହାସଲ କରିବାର ପ୍ରୟାସ ବୋଲି କହିଛି। ଗୋମାଂସ ବିବାଦ ମଧ୍ୟରେ, କୁଙ୍କି ଚୌଧୁରୀ ଗୁଆହାଟୀରେ ଏକ ରାଲି ସମୟରେ ବିରୋଧର ସମ୍ମୁଖୀନ ହୋଇଥିଲେ। ଏକ ଭାଇରାଲ ଭିଡିଓରେ ପ୍ରଦର୍ଶନକାରୀମାନେ 'ଏଜେପି ଗୋ ବ୍ୟାକ୍!' ସ୍ଲୋଗାନ ଦେଉଥିବାର ଦେଖାଯାଇଛି। ଚୌଧୁରୀ ଅଭିଯୋଗ କରିଛନ୍ତି, ବିଜେପିର ଆଇଟି ସେଲ୍ ତାଙ୍କର ଏକ ଏଆଇ-ଜେନେରେଟେଡ୍ ଭିଡିଓ ତିଆରି କରି ସୋସିଆଲ ମିଡିଆରେ ପ୍ରସାରିତ କରିଛି। ସେ ପ୍ରଶ୍ନ କରିଛନ୍ତି, ବିଜେପି ଏତେ ହତାସ କାହିଁକି? ବିଜେପିର ଆଇଟି ସେଲ୍ ଏପରି ଭିଡିଓ ତିଆରି କରିବାରେ ଏତେ ଟଙ୍କା ଏବଂ ପ୍ରୟାସ କାହିଁକି ଖର୍ଚ୍ଚ କରୁଛି? ଯଦି ସେମାନେ ଭିଡିଓ ତିଆରି କରିବାକୁ ଚାହାଁନ୍ତି, ତେବେ ମୋ ଘରକୁ ଆସିପାରିବେ ଏବଂ ମୁଁ ଏକ ବିବୃତି ଦେବି।

### ଭୋଟ୍ ନଦେଲେ ନାଗରିକତା କଟିଯିବା ଭୟ

# ଘରମୁହାଁ ଲକ୍ଷ ଲକ୍ଷ ଶ୍ରମିକ, ଟ୍ରେନ୍‌ରେ ପ୍ରବଳ ଭିଡ଼



ମୁମ୍ବାଇ, ୫।୪ଃ ସମ୍ପ୍ରତି ଦେଶର ବିଭିନ୍ନ କୋଣରୁ ଚଳାଚଳ କରୁଥିବା ଟ୍ରେନ୍‌ଗୁଡ଼ିକର ସାଧାରଣ ବଗିଗୁଡ଼ିକ ଯାତ୍ରୀଙ୍କ ଭିଡ଼ ବଢ଼ିବାରେ ଲାଗିଛି । ଏହି ଭିଡ଼ ସାଧାରଣ ଲୋକଙ୍କର ନୁହେଁ । ଏ ଭିଡ଼ ହେଉଛି ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକଙ୍କର। ଭୋଟ୍ ନଦେଲେ ପଞ୍ଜିକରଣ ରଦ୍ଦ ଏବଂ ନାଗରିକତା

**ଗତ ବର୍ଷ ବହୁ ଲୋକଙ୍କୁ ବାଦ୍ ଦିଆଯାଇଥିଲା**

ହରାଇବା ଭୟରେ ସେମାନେ ବାଧ୍ୟରେ ନିଜ ପେଟପାଟଣା କାମ ଛାଡ଼ି ଘରମୁହାଁ ହୋଇଛନ୍ତି। ଟ୍ରେର ଭିଡ଼ ବାଖଣୁଛି ସେମାନଙ୍କର ଅସହାୟତାର କାହାଣୀ। ନିଜର ଭିଟାମାଟିର ପରିଚୟକୁ ବଞ୍ଚାଇବା ପାଇଁ ସେମାନେ ହଜାର ହଜାର ମାଇଲ ଯାତ୍ରା କରୁଛନ୍ତି।

ଟ୍ରେନ୍‌ରେ ଅତ୍ୟଧିକ ଭିଡ଼ ଏବଂ ଶ୍ରମିକଙ୍କ ପାଖରେ ସମ୍ବଳର ଅଭାବ ଏକ ମାନବିକ ସଙ୍କଟ ସୃଷ୍ଟି କରିଛି। ପଶ୍ଚିମବଙ୍ଗ ସମେତ ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନର ତାରିଖ ପାଖେଇ ଆସୁଥିବାରୁ, ମୁମ୍ବାଇ, ବେଙ୍ଗାଲୁରୁ, ଦିଲ୍ଲୀ, ଅହମଦାବାଦ ଏବଂ ଉତ୍ତର ପ୍ରଦେଶ ଭଳି ସହରରୁ ଦିନ ମଜୁରିଆ ଏବଂ ଶ୍ରମିକ ନିଜ ନିଜ ଘରକୁ ଫେରୁଛନ୍ତି। ପ୍ରବାସୀ ଶ୍ରମିକଙ୍କ ଏହି ହଠାତ୍ ପ୍ରତ୍ୟାବର୍ତ୍ତନ ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ (ଏସ୍ଆଇଆର୍) ପ୍ରକ୍ରିୟା ସହିତ ଜଡିତ। ଶ୍ରମିକମାନଙ୍କ ମଧ୍ୟରେ କଥାଟି ନିଆଁ ପରି ବ୍ୟାପିଯାଇଛି ଯେ ଯଦି ସେମାନେ ଚଳିତ ନିର୍ବାଚନରେ ଭୋଟ୍ ନ ଦିଅନ୍ତି, ତେବେ ସେମାନଙ୍କ ନାମ ଭୋଟର ତାଲିକାରୁ ସ୍ଥାୟୀ ଭାବରେ ବାଦ୍ ଦିଆଯିବ। କିଛି ଲୋକ ଅଭିଯୋଗ କରିଛନ୍ତି, ଗତ ବର୍ଷ ଏପରି ଅନେକ ମାମଲା ଘଟିଥିଲା । ପ୍ରକାଶିତ ତାଲିକାରୁ ବହୁ ଲୋକଙ୍କୁ ବାଦ୍ ଦିଆଯାଇଥିଲା ଏବଂ କିଛିଙ୍କୁ ବେଆଇନ ପ୍ରବାସୀ ଘୋଷଣା କରାଯାଇଥିଲା।

ପୁଣେର ଅନେକ ଶ୍ରମିକ ଏନ୍ଆର୍‌ସି ପ୍ରକ୍ରିୟାରୁ ସେମାନଙ୍କ ନାମ ବାଦ ଦିଆଯିବା ପରେ ସେମାନଙ୍କ ପରିବାର ସହ୍ୟ କରିଥିବା ମାନସିକ ଯନ୍ତ୍ରଣା ଅନୁଭବ କରିସାରିଛନ୍ତି। ଏହି କାରଣରୁ ସାଧାରଣ ଶ୍ରମିକଙ୍କ ପାଇଁ, ଭୋଟଦାନ କେବଳ ଏକ ଗଣତାନ୍ତ୍ରିକ ଅଧିକାର ନୁହେଁ ବରଂ ଭବିଷ୍ୟତରେ ନାଗରିକତା ସମ୍ବନ୍ଧୀୟ ଆଇନଗତ ବିବାଦ ବିରୋଧରେ ଏକ ଢାଲ ମଧ୍ୟ ପାଲଟିଛି। ମହଙ୍ଗା ଟିକେଟ୍ ଏବଂ ସାଧାରଣ କମ୍ପାର୍ଟମେଣ୍ଟ ପାଇଁ ସଂଘର୍ଷ ସେମାନଙ୍କ ପାଇଁ ଏକ ବାଧ୍ୟବାଧକତା ହୋଇଯାଇଛି । ଶ୍ରମିକମାନଙ୍କ ପାଇଁ ଘରକୁ ଫେରିବା ଏକ କଷ୍ଟକର ଯାତ୍ରା ପ୍ରମାଣିତ ହେଉଛି।



ଓଡ଼ିଆ ଅସ୍ମିତା ପାଇଁ ଦୌଡ଼

# 'ଐତିହ୍ୟ ମାରାଥନ'ରେ ଚନ୍ଦନ ଚାମ୍ପିଅନ୍

ଭୁବନେଶ୍ୱର,୫।୪(ସଂଚାର ବ୍ୟୁରୋ): ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ 'ଓଡ଼ିଆ ପକ୍ଷ'ରେ ଆଜି ପଞ୍ଚମ ଦିନରେ ରାଜଧାନୀର ଐତିହାସିକ ଏକାମ୍ର କ୍ଷେତ୍ରରେ 'ଐତିହ୍ୟ ଗଣଦୌଡ଼' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସକାଳ ସାଢ଼େ ୫ଟାରେ ସ୍ଥାପତ୍ୟର ଅନନ୍ୟ ନିଦର୍ଶନ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଏହି ମାରଥନ୍ ଆରମ୍ଭ ହୋଇଥିଲା।

ମୁକ୍ତେଶ୍ୱର ମନ୍ଦିର ପୀଠରୁ ବାହାରି ଐତିହ୍ୟ ଗଣଦୌଡ଼ ରାମେଶ୍ୱର ମନ୍ଦିର, ବିବେକାନନ୍ଦ ମାର୍ଗ, ଉତ୍କଳ କନିକା ଗ୍ୟାଲେରିଆ ମଲ୍, ଲୁଇସ୍ ରୋଡ୍, ବିଜେବି କଲେଜ ଓ ରବି ଟକିଜ ଛକ ଦେଇ ଐତିହାସିକ ରାଜାରାଣୀ ମନ୍ଦିରଠାରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ହଜାର ହଜାର କ୍ରୀଡ଼ାବିତ୍, ଯୁବଗୋଷ୍ଠୀ, ଦିବ୍ୟାଙ୍ଗ ଓ ସ୍ଥାନୀୟ ଜନସାଧାରଣଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉତ୍ସାହର ସହ ସାମିଲ ହୋଇ ଓଡ଼ିଶାର ସମୃଦ୍ଧ କୀର୍ତ୍ତିରାଜିର ସୁରକ୍ଷା ଓ ପ୍ରଚାର ପାଇଁ ସଂକଳ୍ପ ନେଇଥିଲେ।

ଏହି ଗଣଦୌଡ଼ରେ ଚନ୍ଦନ ସାମଲ ପ୍ରଥମ, ସିଦ୍ଧାର୍ଥ କୁମାର ମିଶ୍ର ଦ୍ୱିତୀୟ ଓ ବିଜୟ ଅଗ୍ରୱାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ଅତିଥିମାନେ ପଦକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଐତିହ୍ୟ ଗଣଦୌଡ଼ରେ ସାମିଲ ହୋଇଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପଦକ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକାମ୍ର ବିଧାୟକ ବାବୁ ସିଂ କହିଥିଲେ ଯେ ଏହି ଗଣଦୌଡ଼ କେବଳ ଏକ କ୍ରୀଡ଼ା କାର୍ଯ୍ୟକ୍ରମ ନୁହେଁ, ବରଂ ନିଜ ଐତିହ୍ୟ ସହ ଯୁବପିଢ଼ିକୁ ଯୋଡ଼ିବାର ଏକ ସୁନ୍ଦର ପ୍ରୟାସ। ରାଜ୍ୟର ପ୍ରାଚୀନ ମନ୍ଦିର ଓ କୀର୍ତ୍ତିରାଜି ହେଉଛି ଓଡ଼ିଆ ଅସ୍ମିତାର ପ୍ରତୀକ ଏବଂ ଏହାର ସଂରକ୍ଷଣ କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ଶେଷରେ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ଅଭିଯାନ ମାଧ୍ୟମରେ ଯୁବପିଢ଼ିକୁ ନିଜ ମାଟିର ଗୌରବମୟ ଇତିହାସ ସହ ଯୋଡ଼ିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଥିଲେ।

କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ଓ ବିଜୟ କୁମାର ସ୍ୱାଇଁଙ୍କ ସମେତ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ଓ ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ସଙ୍ଗୀତା ଶିବାନୀ ଯୋଗଦେଇଥିଲେ।

# ସେଣ୍ଟ୍ରାଲ ଏସିଆନ ହ୍ୟାଣ୍ଡବଲ୍‌ରେ ଭାରତକୁ ବ୍ରୋଞ୍ଜ



ଭୁବନେଶ୍ୱର,୫।୪(ସଂଚାର ବ୍ୟୁରୋ): ଉଜ୍‌ବେକିସ୍ତାନର ସମରକାନ୍ଦଠାରେ ଗତ ୩୦ରୁ ଆରମ୍ଭ ହୋଇଥିବା ସେଣ୍ଟ୍ରାଲ ଏସିଆନ ହ୍ୟାଣ୍ଡବଲ ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଛି। ଏଥିରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିପାରିଛି। ପଦକ ଲଢେଇରେ ଭାରତ ୨୫-୨୦ ଗୋଲରେ କଜାକିସ୍ତାନକୁ ପରାସ୍ତ କରି ତୃତୀୟ ସ୍ଥାନ ହାସଲ କରିଛି। ପ୍ରତିଯୋଗିତାରେ ଓଡ଼ିଆ ପୁଅ ସ୍ୱସ୍ତିକ ମହାପ୍ରସାଦ ପତି ଉନ୍ନତ ପ୍ରଦର୍ଶନ କରିଥିଲେ। ପ୍ରଶିକ୍ଷକ ଗୌରୀ ଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ଉଚ୍ଚକୋଟୀର ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ଜିତିଛି। ସୂଚନାଯୋଗ୍ୟ ଯେ ଗତବର୍ଷ ସେପ୍ଟେମ୍ବରରେ ପ୍ରଥମ ଏସିଆନ ଯୁବ ହ୍ୟାଣ୍ଡବଲ ଭାରତୀୟ ଦଳରେ ସ୍ଥାନ ପାଇ ଜୋର୍ଡାନ୍ ଗସ୍ତ କରିଥିଲେ ସ୍ୱସ୍ତିକ। ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନଙ୍କ ଖେଳରେ ଅନୁପ୍ରାଣିତ ହୋଇ କୋଚ୍ ଗୌରୀଶଙ୍କର ମିଶ୍ରଙ୍କ ନିକଟରୁ ପ୍ରଶିକ୍ଷଣ ନେଉଛନ୍ତି ସ୍ୱସ୍ତିକ। ଗତ ୨୦୨୪ରେ ଆର୍ଯ୍ୟନ ମଧ୍ୟ ଏହି ପ୍ରତିଯୋଗିତାରେ ବ୍ରୋଞ୍ଜ ଜିତିଥିଲେ। ସ୍ୱସ୍ତିକ ଓ ଗୌରୀଶଙ୍କରଙ୍କ ଏହି ସଫଳତା ପାଇଁ ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ସିତେନ୍ଦ୍ରନାଥ ଦାସ ଓ ଭୁବନେଶ୍ୱର ହ୍ୟାଣ୍ଡବଲ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

● ତାଳଚେର ହିଙ୍ଗୁଳା ଯାତ୍ରାରେ ଅଘଟଣ

## ଛିଣ୍ଡିଲା ଡ୍ରାଗନ୍ ଦୋଳି, ୪ ଗୁରୁତର



ତାଳଚେର,୫।୪(ସଂଚାର ବ୍ୟୁରୋ): ଅନୁଗୁଳ ତାଳଚେର ହିଙ୍ଗୁଳା ଯାତ୍ରାରେ ଘଟିଛି ଅଘଟଣ। ଡ୍ରାଗନ ଦୋଳି ଛିଡ଼ିପଡ଼ିବାରୁ ୪ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଡ୍ରାଗନ ଦୋଳିଟି ଚାଲୁଥିବା ସମୟରେ ଅଚାନକ ମଝିରୁ ଛିଡ଼ି ଛଅ ଫୁଟ ତଳେ ପଡ଼ିଯାଇଥିଲା। ଫଳରେ ସେଥିରେ ବସିଥିବା ଲୋକଙ୍କ ମଧ୍ୟରୁ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ୨୦ ଜଣଙ୍କର କୌଣସି କ୍ଷତି ହୋଇନାହିଁ। ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ସ୍ଥାନୀୟ ପବିତ୍ର ମୋହନ ପ୍ରଧାନ ସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଘର ତାଳଚେର ଓ ଜରପଡା ଅଞ୍ଚଳରେ ବୋଲି ସୂଚନା ମିଳିଛି। ତେବେ ଦୋଳିଟି ପୁରୁଣା ହୋଇଥିବାରୁ ଏହାର ବିଭିନ୍ନ ଯନ୍ତ୍ରାଂଶ ଖରାପ ହୋଇଥିବା କାରଣରୁ ଏଭଳି ଅଘଟଣ ଘଟିଥିବା କୁହାଯାଉଛି।

● କର୍ଣ୍ଣାଟକ ରାଜ୍ୟ ସମବାୟ ଗୃହ ନିର୍ମାଣ ଫେଡେରେସନ୍‌ର ପରିଦର୍ଶନ

## ସିସିଏଚ୍‌ଏସ୍‌ଏଲ୍‌ର କାର୍ଯ୍ୟଦକ୍ଷତାକୁ ପ୍ରଶଂସା



ଭୁବନେଶ୍ୱର,୫।୪(ସଂଚାର ବ୍ୟୁରୋ): ରାଜ୍ୟର ଅଗ୍ରଣୀ କ୍ୟାପିଟାଲ କୋପରେଟିଭ ହାଉସିଂ ସୋସାଇଟି ଲିଃ (ସିସିଏଚ୍‌ଏସ୍‌ଏଲ୍)କୁ କର୍ଣ୍ଣାଟକ ରାଜ୍ୟ ସମବାୟ ଗୃହ ନିର୍ମାଣ ଫେଡେରେସନ, ବେଙ୍ଗାଲୁରୁର ସଦସ୍ୟମାନେ ପରିଦର୍ଶନ କରିଛନ୍ତି। ଏଥିରେ ଫେଡେରେସନ୍‌ର ଉପସଭାପତି ଜିପି ପାଟିଲ ତଥା ପରିଚାଳନା ନିର୍ଦ୍ଦେଶକ ଗୋପାଳକୃଷ୍ଣ, ଅତିରିକ୍ତ ରେଜିଷ୍ଟ୍ରାରଙ୍କ ସମେତ ଏକ ପନ୍ଦର ଜଣ ସଦସ୍ୟ ରହିଥିଲେ। ସିସିଏଚ୍‌ଏସ୍‌ଏଲ୍‌ର ସଭାପତି ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ସମେତ ଜୟନ୍ତ କୁମାର ପଟ୍ଟନାୟକ, ଦିଲୀପ କୁମାର ଜେନା, ଶାଶ୍ୱତୀ ଦାସ, ଦୀପକ କୁମାର ପରିଡା ଓ ଶେଖ ନିୟମାତୁଲ୍ଲା, ସମିତିର ନିର୍ଦ୍ଦେଶକମାନେ ଉପସ୍ଥିତ ରହି ଉପରୋକ୍ତ ପ୍ରତିନିଧିମଣ୍ଡଳୀଙ୍କୁ ସ୍ୱାଗତ କରିବା ସହ ସମ୍ପୂର୍ଣ୍ଣ ଉତ୍କଳୀୟ ପରମ୍ପରାରେ ସ୍ୱାଗତ କରିଥିଲେ। ଏଥିସହ ସେମାନେ ସମିତି ପ୍ରତିଷ୍ଠା ପରଠାରୁ ଅଦ୍ୟାବଧି ସମସ୍ତ ଉଲ୍ଲେଖନୀୟ କାର୍ଯ୍ୟକ୍ରମର ବ୍ୟାଖ୍ୟା କରିଥିଲେ। କର୍ଣ୍ଣାଟକ ହାଉସିଂ ଫେଡେରେସନର ଏମଡି ଗୋପାଳକୃଷ୍ଣ କ୍ୟାପିଟାଲ ହାଉସିଂ ସୋସାଇଟିର ୨୦୨୪-୨୫ ର ବାଲାନ୍ସସିଟ ସହ ସମିତିର ସମ୍ପୂର୍ଣ୍ଣ ବିବରଣୀ ଅଧ୍ୟୟନ କରି ସମବାୟ ଗୃହ ନିର୍ମାଣ କ୍ଷେତ୍ରରେ ଏହି ରାଜଧାନୀ ସମବାୟ ଗୃହନିର୍ମାଣ ସମିତିର ପ୍ରତିଷ୍ଠା ଅତୁଳନୀୟ ବୋଲି କହିଥିଲେ। ଏହି ପ୍ରତିନିଧିମଣ୍ଡଳୀର ଶିବକୁମାର ଗୌଡା, ପୂର୍ବତନ ଏମପି, କେଏସ ମୋରିନ, ଅତିରିକ୍ତ ନିବନ୍ଧକ, ବିସି ଶିବଲିଙ୍ଗେଗୌଡ଼ା, ସୁମା ଜନାର୍ଦ୍ଦନ, ଏସବିଏମ ମଞ୍ଜୁ, ବାଲଚନ୍ଦ୍ର ମୁଁଜାନେ, ସୋମଶେଖର ଗୋମାଇକ ଏହି ଗସ୍ତରେ ସନ୍ତୋଷ ପ୍ରକାଶ କରିବା ସହ ଓଡ଼ିଶାରେ ଏଭଳି ଏକ ପ୍ରାଥମିକ ଗୃହ ନିର୍ମାଣ ସଂସ୍ଥାର କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିଥିଲେ। ପରିଶେଷରେ ସମିତିର ପରିଚାଳନା କମିଟି ସମ୍ପାଦକ ହିମାଂଶୁ ଶେଖର ପଟ୍ଟନାୟକ, ଆକାଉଟାଣ୍ଟ କମଳ କୁମାର ମହାନ୍ତି ଓ ସମିତିର ସମସ୍ତ କର୍ମଚାରୀ ପରିଦର୍ଶନରେ ଆସିଥିବା ପ୍ରତିନିଧିମଣ୍ଡଳୀର ସଦସ୍ୟମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ଲଘୁ ଖଣିଜ ଚୋରି, ବର୍ଷକୁ ବର୍ଷ ବଢୁଛି



ଭୁବନେଶ୍ୱର,୫।୪: ଲଘୁ ଖଣିଜ ଦ୍ରବ୍ୟ ବିଶେଷକରି ରାଜ୍ୟରେ ବାଲି ଚୋରିକୁ ରୋକିବାପାଇଁ ସରକାର କଠୋର ପଦକ୍ଷେପ ଗ୍ରହଣ କରୁଥିବାବେଳେ ଚୋରି କିନ୍ତୁ ବଢ଼ି ବଢ଼ି ଚାଲିଛି। ଚୋରି କରୁଥିବା ବେଳେ ଧରାପଡୁଥିବା ଯାନବାହାନ ସଂଖ୍ୟା ଓ ଜରିମାନାରୁ ଏହା ଜଳ ଜଳ ଦିଶୁଛି।

ସରକାରୀ ସୂଚନାରୁ ଜଣାପଡ଼ିଛି ଯେ ଲଘୁ ଖଣିଜ ଦ୍ରବ୍ୟ ଚୋରି ସମୟରେ ଜବତ ହୋଇଥିବା ଗାଡ଼ିମୋଟର ସଂଖ୍ୟା ଗତ ୨୦୨୪-୨୫ ବର୍ଷରେ ୪୬୭୬ ଥିବାବେଳେ ୨୦୨୫-୨୬ ବର୍ଷର ଫେବୃଆରୀ ସୁଦ୍ଧା ଏହି ସଂଖ୍ୟା ୫ ହଜାରକୁ ଅତିକ୍ରମ କରିଯାଇଛି। ସେହିଭଳି ଜୋରିମାନା ଆଦାୟ ସଂଖ୍ୟା ଏହି ସମୟରେ ୪୮ କୋଟିରୁ ବୃଦ୍ଧି ପାଇ ୫୨ କୋଟି ଟଙ୍କାକୁ ଅତିକ୍ରମ କରିଯାଇଛି।

ଲଘୁ ଖଣିଜ ସାମଗ୍ରୀ ଚୋରି କରି ଧରାପଡୁଥିବା ଗାଡିମୋଟର ସଂଖ୍ୟା ସବୁଠାରୁ ଅଧିକ ରହିଛି ବାଲେଶ୍ୱର ଜିଲ୍ଲାରେ। ୨୦୨୫-୨୬ ବର୍ଷରେ ଏହି ଜିଲ୍ଲାରେ ୬୫୧ଟି ଗାଡିମୋଟର ଜବତ ହୋଇଛି। ଏହା ପଛକୁ ରହିଛି ଗଞ୍ଜାମ। ଏହି ଜିଲ୍ଲାରେ ୫୨୪ଟି ଯାନବାହାନ ଜବତ ହୋଇଛି। କୋରାପୁଟ ଜିଲ୍ଲାରେ ୩୫୪, ମୟୂରଭଞ୍ଜରେ ୩୧୨ ଓ ରାୟଗଡ଼ାରେ ଏହି ସଂଖ୍ୟା ୨୩୧ ରହିଛି। ୨୦୨୪-୨୫ ବର୍ଷରେ ଦେବଗଡ଼ ଜିଲ୍ଲାରେ ଲଘୁ ଖଣିଜ ସାମଗ୍ରୀ ଚୋରି ସମୟରେ ମାତ୍ର ଗୋଟିଏ ଯାନ ଧରାପଡ଼ିଥିବା ବେଳେ ପରବର୍ଷ ଏହି ସଂଖ୍ୟା ଜିଲ୍ଲାରେ ୨୭ରେ ପହଞ୍ଚିଛି।

ସେହିଭଳି ଗାଡ଼ିମୋଟର ଜବତ ଭଳି ଜରିମାନା ଆଦାୟ କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲା ଆଗରେ ରହିଛି। ଏହି ଜିଲ୍ଲାରେ ଜରିମାନା ଆଦାୟ ୮ କୋଟି ଟଙ୍କାରେ ପହଞ୍ଚିଲାଣି। ଦେବଗଡ଼ ଜିଲ୍ଲାରେ ଏହା ସବୁଠାରୁ କମ୍ ୧୩ ଲକ୍ଷ ଟଙ୍କା ଉପରେ ରହିଛି। ନବରଙ୍ଗପୁର ଜିଲ୍ଲାରେ ଏହି ଜରିମାନା ସଂଖ୍ୟା ୧୩ କୋଟି ଟଙ୍କାରୁ ଅଧିକ ରହିଛି।

ଉଲ୍ଲେଖନୀୟ ଯେ ରାଜ୍ୟରେ ସରକାରୀ ତାଲିକାରେ ୩୯୧୩ଟି ଲଘୁ ଖଣିଜ ଉତ୍ସ ଥିବା ବେଳେ ସେଥିରୁ ବର୍ତ୍ତମାନ ମାତ୍ର ୧୮୦୭ଟି ଚାଲୁଛି। ଏଥି ମଧ୍ୟରୁ ସର୍ବାଧିକ ୨୦୮ଟି ଗଞ୍ଜାମ ଜିଲ୍ଲାରେ ଥିବା ବେଳେ କଳାହାଣ୍ଡିରେ ୧୫୮ଟି ରହିଛି। ବଲାଙ୍ଗିରରେ ଏହି ସଂଖ୍ୟା ୧୦୮ ଥିବା ବେଳେ ଢେଙ୍କାନାଳରେ ୧୦୩ଟି ରହିଛି। ଭଦ୍ରକ ଜିଲ୍ଲାରେ ସବୁଠାରୁ କମ୍ ମାତ୍ର ୨ଟି ଲଘୁ ଖଣିଜ ଉତ୍ସ ରହିଛି। ଏଠାରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ସରକାରୀ ନିୟମ ଅନୁଯାୟୀ ହୋଇଥାଏ ଓ ସରକାରୀ ଖାତାକୁ ଏ ବାବଦ ରାଜସ୍ୱ ଯାଇଥାଏ।

ତେବେ ରାଜ୍ୟର ବିଭିନ୍ନ ନଦୀଶଯ୍ୟାରୁ ଚୋରାରେ ଲଘୁଖଣିଜ ଦ୍ରବ୍ୟ ଅର୍ଥାତ୍ ବାଲି ଉଠାଯାଇଥାଏ। ମାଫିଆମାନେ ସରକାରୀ ନିୟମକୁ 'ଫୁ' କରି ଯାନ୍ତ୍ରିକ ପଦ୍ଧତିରେ ରାତାରାତି କୋଟି କୋଟି ଟଙ୍କାର ବାଲି ଚୋରି କରିନେଉଛନ୍ତି। ଏମାନଙ୍କ ବିରୁଦ୍ଧରେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା କୁହାଯାଉଥିଲେ ମଧ୍ୟ ବର୍ଷକୁ ବର୍ଷ ଜବତ ଯାନବାହନ ଓ ଆଦାୟ ଜରିମାନାରୁ ଏମାନଙ୍କ ପ୍ରାଦୁର୍ଭାବ କମିବା ପରିବର୍ତ୍ତେ ବଢ଼ି ଚାଲିଥିବା ଦେଖିବାକୁ ମିଳୁଛି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମଙ୍ଗଳବାର...

ନେଇଥିଲେ। ଏହି ଅବଧି ଆସନ୍ତାକାଲି ଅର୍ଥାତ୍ ଏପ୍ରିଲ ୬ ତାରିଖରେ ଶେଷ ହେଉଛି ବୋଲି ଟ୍ରମ୍ପ୍ କହିଥିଲେ। ସେହିପରି ଫକ୍ସ ନ୍ୟୁଜ୍ ସହ ଏକ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି ଯେ ତେହେରାନ ଅଧିକାରୀମାନେ ତାଙ୍କ ପ୍ରଶାସନ ସହ ଯୋଗାଯୋଗ କରିଥିଲେ ଓ କୂଟନୈତିକ ଆଲୋଚନାର ଅଂଶ ଭାବେ ଅଧିକ ସମୟ ପାଇଁ ଅନୁରୋଧ କରିଥିଲେ।

ଗତ ୧୦ ଦିନ ଧରି ଆମେରିକା ଓ ଇରାନ ମଧ୍ୟରେ ଆଲୋଚନା ପାଇଁ ପ୍ରୟାସ କରାଯାଇଛି। ଏହି ଆଲୋଚନା ସିଧାସଳଖ ଭାବେ କରାଯାଇନଥିଲା, ବରଂ ପାକିସ୍ତାନ, ଇଜିପ୍ଟ ଓ ତୁର୍କୀ ଭଳି ଦେଶ ମାଧ୍ୟମରେ କରାଯାଇଥିଲା। ଲକ୍ଷ୍ୟ ଥିଲା ଯୁଦ୍ଧ ରୋକିବା ଓ ହର୍ମୁଜ ପ୍ରଣାଳୀକୁ ପୁନଃ ଖୋଲିବା। କିନ୍ତୁ ଏପର୍ଯ୍ୟନ୍ତ କୌଣସି ଗୁରୁତ୍ୱପୂର୍ଣ୍ଣ ଫଳାଫଳ ହାସଲ ହୋଇପାରିନାହିଁ। ହର୍ମୁଜ ପ୍ରଣାଳୀ ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ, ଯାହା ବିଶ୍ୱର ପ୍ରାୟ ୨୦ରୁ ୩୦ ପ୍ରତିଶତ ତୈଳ ଯୋଗାଣ କରେ। ଏହି ପ୍ରଣାଳୀ ଉପରେ ଏବେ ବି ଇରାନର କବଜା ରହିଥିବା ବେଳେ ଭାରତ, ରୁଷ ଓ ଚୀନ ଭଳି କିଛି ଦେଶର ଜାହଜକୁ ବାଦ୍ ଦେଲେ ଅନ୍ୟଦେଶ ବିଶେଷ କରି ଆମେରିକାକୁ ସହଯୋଗ କରୁଥିବା ରାଷ୍ଟ୍ରମାନଙ୍କ ପ୍ରତି ପ୍ରତିବନ୍ଧକ ଲଗାଇଛି ଇରାନ।

ଟ୍ରମ୍ପଙ୍କ ଧମକର ଜବାବ ଦେଇ ଇରାନର ଜଣେ ଶୀର୍ଷ କମାଣ୍ଡର କହିଛନ୍ତି, 'ଯଦି ଆମେରିକା ଓ ଇସ୍ରାଏଲ୍ ଇରାନର ଭିତ୍ତିଭୂମି ଉପରେ ଆକ୍ରମଣ କରନ୍ତି, ତା'ହେଲେ ତା'ର ଜବାବ ପଶ୍ଚିମ ଏସିଆରେ ଥିବା ସମସ୍ତ ଆମେରିକୀୟ ସୈନ୍ୟ ଠିକଣା ଓ ଇସ୍ରାଏଲ୍‌ର ଭିତ୍ତିଭୂମି ଉପରେ ବିଧ୍ୱଂସକ ଆକ୍ରମଣ ମାଧ୍ୟମରେ ଦିଆଯିବ'।

ସେପଟେ ନାଟୋ ଉପରେ ଟ୍ରମ୍ପ ଆଉ ବିଶ୍ୱାସ ରଖିନାହାଁନ୍ତି। ସେ କହିଛନ୍ତି ଯେ ଏହା ଏକ କାଗଜ ବାଘ। ଏକଥା ପୁଟିନ ମଧ୍ୟ ଜାଣିଛନ୍ତି। ଇରାନ ମାମଲାରେ ନାଟୋର ସଦସ୍ୟ ରାଷ୍ଟ୍ର ଆମେରିକାକୁ ସହଯୋଗ କରିବାକୁ ମନା କରିଦେଇଛନ୍ତି, ଯାହା ପରେ ଟ୍ରମ୍ପ ନାଟୋ ଛାଡ଼ିବା ନେଇ ବିଚାର କରୁଥିବା କହିଛନ୍ତି। ଏହା ପୂର୍ବରୁ ନାଟୋ ସହଯୋଗୀ ରାଷ୍ଟ୍ରଙ୍କୁ ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀକୁ ଯୁଦ୍ଧ ଜାହାଜ ପଠାଇବା ପାଇଁ କହିଥିଲେ। ହେଲେ ଅଧିକାଂଶ ରାଷ୍ଟ୍ର ଟ୍ରମ୍ପଙ୍କ କଥାକୁ ଏଡ଼ାଇ ଯାଇଥିଲେ। ୟୁରୋପ ଓ ଫ୍ରାନ୍ସ ଭଳି ରାଷ୍ଟ୍ର ମଧ୍ୟ ଏହି ପ୍ରସଙ୍ଗରେ ଟ୍ରମ୍ପଙ୍କ ହାତ ଛାଡ଼ିଦେଇଛନ୍ତି।

## ବିଜେପିର...

ମଧ୍ୟରେ ଥିବା ସାଂସ୍କୃତିକ ଐକ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏଥିସହ ଗତ ଦୁଇ ବର୍ଷରେ ଓଡ଼ିଶାର ଡବଲ ଇଞ୍ଜିନ ସରକାରର ସଫଳତାର ଚିତ୍ର ଦେଖାଇ ପଶ୍ଚିମବଙ୍ଗ ଲୋକଙ୍କୁ ବିଜେପି ସପକ୍ଷରେ ଭୋଟ ଦେବା ସକାଶେ ଅପିଲ କରିଥିଲେ। ଏଥିସହ ସେ ମେଦିନାପୁର ଅଞ୍ଚଳରେ ବି ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧନ କରିଥିଲେ। ପଶ୍ଚିମବଙ୍ଗର ବହୁ ଲୋକ ଓଡ଼ିଶାରେ ଦାଦନ ଶ୍ରମିକ ଭାବେ କାମ କରୁଛନ୍ତି। ସେମାନଙ୍କୁ ବିଜେପି ସପକ୍ଷରେ ଭୋଟ ଦେବାକୁ ମୋହନ ଅପିଲ୍ କରିଥିଲେ।

ଜଣେ ପ୍ରଭାବଶାଳୀ ଆଦିବାସୀ ନେତା ତଥା ମୁଖ୍ୟମନ୍ତ୍ରୀ ଭାବେ ଦଳ ବିଜେପିର ଜାତୀୟ ଆଭିମୁଖ୍ୟକୁ ଆଦିବାସୀ ସମ୍ପ୍ରଦାୟ ପାଖରେ ସଫଳତାର ସହ ପହଞ୍ଚାଉଛନ୍ତି ମୋହନ। ଆଜି ଆସାମର ହଁସନ, ମୁରାରାଇ ଓ ନାଲହଟି ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଦାଖଲ ର୍‍ୟାଲିରେ ଯୋଗ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଆସାମରେ ତିନି ବର୍ଷର ବିଜେପି ସରକାର ବିରୋଧରେ ଜନମତ ସୃଷ୍ଟି ହୋଇନାହିଁ। ସେଠାରେ ମୁଖ୍ୟମନ୍ତ୍ରୀ ଆଦିବାସୀ ଲୋକଙ୍କୁ ବିକାଶମୂଳକ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ସଚେତନ କରିବେ। ନିଜେ ଜଣେ ଆଦିବାସୀ ହେବା ସହ କିଭଳି ଗୋଟିଏ ବିକଶିତ ରାଜ୍ୟର ଶାସନ ମଙ୍ଗ ଧରିଛନ୍ତି ସେଇ ଉଦାହରଣ ଦେଇ ମୋହନ ଭୋଟରଙ୍କୁ ବିଜେପି ମେଣ୍ଟ ସପକ୍ଷରେ ଭୋଟ ଦେବାକୁ ଅପିଲ କରିଛନ୍ତି।

ରାଜନୈତିକ ସମୀକ୍ଷକଙ୍କ ମତରେ ଶ୍ରୀ ମାଝୀଙ୍କୁ ରାଜ୍ୟ ବାହାରେ ଜାତୀୟ ସ୍ତରର ପ୍ରଚାରକ ଭୂମିକାକୁ ଆଣି ଦଳ ଦୁଇଟି ଏଜେଣ୍ଡା ହାସଲ କରୁଛି। ପ୍ରଥମତଃ ସେ ଦଳ ମଧ୍ୟରେ ଜଣେ ରାଇଜିଂ ଷ୍ଟାରର ମାନ୍ୟତା ପାଇଛନ୍ତି, ଯିଏ ଦଳର ଆଭିମୁଖ୍ୟକୁ ନିଜ ରାଜ୍ୟ ସୀମା ବାହାରେ ମଧ୍ୟ ପ୍ରଚାର ପ୍ରସାର କରିପାରୁଛନ୍ତି। ଦ୍ୱିତୀୟତଃ ଜଣେ ସାଧାରଣ ଲୋକଙ୍କ ନେତା ଭାବେ ତାଙ୍କର ଥିବା ଭାବମୂର୍ତ୍ତି ଓ ସରଳତା ତାଙ୍କୁ ଅନ୍ୟ ରାଜ୍ୟର ଗ୍ରାମୀଣ ଭୋଟରଙ୍କ ପାଖରେ ପହଞ୍ଚିବାରେ ଯଥେଷ୍ଟ ସହଯୋଗ କରୁଛି।

## ପୂର୍ବତଟ...

ସର୍ଦ୍ଦ୍ୟ ନିଷ୍ପତ୍ତି ଅନୁସାରେ, ପୂର୍ବତଟ ରେଳବାଇର ରାଜସ୍ୱ ଆଦୌ ପ୍ରଭାବିତ ହେବାର ସମ୍ଭାବନା ନାହିଁ ବୋଲି କୁହାଯାଇଛି।

ଷ୍ଟେସନଗୁଡ଼ିକ ଯେଉଁ ଜୋନ୍ ଅଧିନରେ ଆସିଲେ ବି ସେହିସବୁ ଷ୍ଟେସନରେ ମାଲ ପରିବହନ ନିରବଚ୍ଛିନ୍ନ ଭାବେ ଜାରି ରହିବ। ସମସ୍ତ ସୀମାରେଖା ମଧ୍ୟରେ ରେଳ ଚଳାଚଳ ମଧ୍ୟ ନିରବଚ୍ଛିନ୍ନ ଜାରି ରହିବ। ରେଳ ସେବାରେ କୌଣସି ବ୍ୟାଘାତ ଉପୁଜିବ ନାହିଁ। ପଲାସା-ଭୁବନେଶ୍ୱର, ପଲାସା-କଟକ ଓ ଇଚ୍ଛାପୁରମ-କଟକ ମେମୁ/ଯାତ୍ରୀବାହୀ ସେବା ସମେତ ବର୍ତ୍ତମାନ ଚଳାଚଳ କରୁଥିବା ସମସ୍ତ ଟ୍ରେନର କାର୍ଯ୍ୟସୂଚୀ, ମାର୍ଗ କିମ୍ବା ଯାତାୟାତ କୌଣସି ପରିବର୍ତ୍ତନ ବିନା ଜାରି ରହିବ।

ବିଶାଖାପଟ୍ଟନମ୍ ଡିଭିଜନରେ ଯାତ୍ରୀ ସେବାଗୁଡ଼ିକର ସୁଗମ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ଏହା କେବଳ ଏକ ବୈଷୟିକ ସଂଶୋଧନ। ପୂର୍ବତଟ ରେଳବାଇ ଓ ଦକ୍ଷିଣ ତଟ ରେଳବାଇ ମଧ୍ୟରେ କର୍ମଚାରୀ ନିୟୋଜନ ସମେତ ସ୍ଥାନାନ୍ତରଣର ପଦ୍ଧତିକୁ ଚୂଡ଼ାନ୍ତ ରୂପ ଦିଆଯାଉଛି। ସମସ୍ତ ରେଳ କର୍ମଚାରୀଙ୍କ ସ୍ୱାର୍ଥ ଓ ସେବା ସର୍ତ୍ତାବଳୀ ନିୟମ ଅନୁଯାୟୀ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିବ। ଓଡ଼ିଶା ପ୍ରତି ଭାରତୀୟ ରେଳବାଇର ପ୍ରତିବଦ୍ଧତା ଅତୁଟ ରହିଛି। ଓଡ଼ିଶାରେ ରେଳ ନେଟୱାର୍କ ସମ୍ପ୍ରସାରଣ, ଷ୍ଟେସନ ଆଧୁନିକୀକରଣ, ବନ୍ଦେ ଭାରତ ସେବା ଓ ପୂର୍ବତଟ ରେଳବାଇ ଅଧୀନରେ ନବଗଠିତ ରାୟଗଡ଼ା ଡିଭିଜନ ଆଦିରେ ରେକର୍ଡ ପୁଞ୍ଜି ବ୍ୟୟ ଏହି ପ୍ରତିବଦ୍ଧତାର ପ୍ରମାଣ ବୋଲି ଭାରତୀୟ ରେଳବାଇ ପକ୍ଷରୁ ଜାରି ସ୍ପଷ୍ଟୀକରଣରେ କୁହାଯାଇଛି।

## ଉଡୁଛି...

ଆନୁମାନିକ ମୂଲ୍ୟ ପାଖାପାଖି ୫୫ କୋଟି ଟଙ୍କା ହେବ। ସେହିପରି ଆସାମରୁ ୨୦ କୋଟି ଟଙ୍କା ମୂଲ୍ୟର ୬ ଲକ୍ଷ ୮୪ ହଜାର ୬୨୭ ଲିଟର ମଦ ଜବତ କରାଯାଇଛି। ଆହୁରି ତାମିଲନାଡୁରୁ ୭୪ ହଜାର ୨୯ ଲିଟର ଓ କେରଳରୁ ୬୪ ହଜାର ୮୬୨ ଲିଟର ମଦ ଜବତ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ତାମିଲନାଡୁରୁ ସର୍ବାଧିକ ୬୭ କୋଟି ଟଙ୍କା ମୂଲ୍ୟର ଡ୍ରଗ୍ସ ବି ଜବତ ହୋଇଥିବା ବେଳେ ପଶ୍ଚିମବଙ୍ଗରୁ ୬୫ କୋଟି, ଆସାମରୁ ୫୬ କୋଟି, କେରଳରୁ ୪୧ କୋଟି ଟଙ୍କାର ଡ୍ରଗ୍ସ ଜବତ ହୋଇଛି। ଏହାଛଡ଼ା ଭୋଟରଙ୍କୁ ପ୍ରଲୋଭିତ କରିବା ସକାଶେ ଉଦ୍ଦିଷ୍ଟ ୧୫୦ କୋଟି ଟଙ୍କା ମୂଲ୍ୟର ଉପହାର ପଶ୍ଚିମବଙ୍ଗରୁ ଜବତ ହୋଇଛି। ତାମିଲନାଡୁରୁ ୬୩ କୋଟି ଟଙ୍କା ମୂଲ୍ୟର ଉପହାର ସାମଗ୍ରୀ ଓ ଆସାମରୁ ୧୩ କୋଟି ଟଙ୍କାର ଉପହାର ସାମଗ୍ରୀ ଜବତ ହୋଇଛି। ଜବତ ସମସ୍ତ ସାମଗ୍ରୀର ମୂଲ୍ୟ ୬୫୧ କୋଟି ୫୧ ଲକ୍ଷ ଟଙ୍କା ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ତେବେ ଉପରୋକ୍ତ ରାଜ୍ୟମାନଙ୍କ ମଧ୍ୟରେ ସାମଗ୍ରିକ ଭାବେ କ୍ୟାସ, ମଦ, ଡ୍ରଗ୍ସ, ଉପହାର ଆଦି ଜବତ ହେବାରେ ପଶ୍ଚିମବଙ୍ଗ ସବୁଠାରୁ ଆଗରେ ରହିଛି।

## ଅନ୍ତିମ...

ପ୍ରଦାନ କରିବା ମୋଦି ସରକାରଙ୍କ ଶାସନର ମୂଳମନ୍ତ୍ର। ସମାଜର ପ୍ରତ୍ୟେକ ବର୍ଗକୁ ସମାନ ସୁଯୋଗ, ଅଧିକାର ଓ ସମ୍ମାନଜନକ ଜୀବନ ପ୍ରଦାନ କରିବା ଆମ ସରକାରଙ୍କ ପ୍ରାଥମିକତା। ପ୍ରଧାନମନ୍ତ୍ରୀଙ୍କ 'ସବ୍ କା ସାଥ୍, ସବ୍ କା ବିକାଶ' ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ସରକାରଙ୍କ ଏହି ନିଷ୍ପତ୍ତି ଡବଲ ଇଞ୍ଜିନ ସରକାରଙ୍କ 'ଅନ୍ତ୍ୟୋଦୟ ସଂକଳ୍ପ' ବା ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ବିକାଶ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଐତିହାସିକ ନିଷ୍ପତ୍ତି ସମାଜର ଅନ୍ତିମ ଶ୍ରେଣୀରେ ଥିବା ମେଧାବୀ ପ୍ରତିଭାମାନଙ୍କୁ ସଶକ୍ତ କରିବା ସହ ରାଜ୍ୟର ସାଧାରଣ ଗରିବ ପରିବାରର ଛାତ୍ରଛାତ୍ରୀଙ୍କ ମେଡିକାଲ ଓ ଇଞ୍ଜିନିୟରିଂ ପଢ଼ିବା ସ୍ୱପ୍ନକୁ ସାକାର କରିବାରେ ଏକ ପ୍ରମୁଖ ମାଧ୍ୟମ ହେବ। ସେହିପରି ଏହି ନିଷ୍ପତ୍ତି ପାଇଁ ରାଜ୍ୟର ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସମେତ ବିଭାଗ ସହ ଜଡ଼ିତ ସମସ୍ତଙ୍କୁ କେନ୍ଦ୍ର ମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ ଗତବର୍ଷ ଅଗଷ୍ଟ ୬ ତାରିଖରେ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ପତ୍ର ଲେଖି ରାଜ୍ୟ ସରକାରଙ୍କ ଅଧୀନରେ ଥିବା ମେଡିକାଲ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏସଇବିସି/ଓବିସି ଛାତ୍ରଛାତ୍ରୀଙ୍କ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ସହ ମେଡିକାଲ ଶିକ୍ଷାରେ ଏସସିମାନଙ୍କ ପାଇଁ ୧୬.୨୫ ପ୍ରତିଶତ ଏବଂ ଏସଟିମାନଙ୍କ ପାଇଁ ୨୨.୫୦ ପ୍ରତିଶତକୁ ସଂରକ୍ଷଣ ବୃଦ୍ଧି କରିବା ସକାଶେ ପ୍ରସ୍ତାବ ଦେଇଥିଲେ। ଏହାଛଡ଼ା ଗତ ବର୍ଷ ଏପ୍ରିଲ ୧୭ରେ ମଧ୍ୟ ଶ୍ରୀ ପ୍ରଧାନ ଏସଇବିସି ଓ ଓବିସିଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦେବା ନେଇ ଶ୍ରୀ ମାଝୀଙ୍କୁ ଚିଠି ଲେଖିଥିଲେ। ତା'ଛଡ଼ା ସେ ମଧ୍ୟ ଗତ ୨୦୧୯ ଜୁଲାଇ ୨୫, ୨୦୨୦ ଜାନୁଆରୀ ୧୫ ଓ ଡିସେମ୍ବର ୩୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଓବିସି ଓ ଏସଇବିସି ବର୍ଗ ପାଇଁ ଶିକ୍ଷାନୁଷ୍ଠାନ ଓ ସରକାରୀ ଚାକିରିରେ ସଂରକ୍ଷଣ ବୃଦ୍ଧି କରିବା ସକାଶେ ଅନୁରୋଧ କରିଥିଲେ।

ପ୍ରକାଶ ଥାଉ କି, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଅନୁରୋଧ କ୍ରମେ ଗତ ୨୦୨୫ ମେ ୧୪ରେ ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଥମ ଥର ରାଜ୍ୟରେ ଶିକ୍ଷା କ୍ଷେତ୍ର (ଉଚ୍ଚ ଶିକ୍ଷା ଓ ଉଚ୍ଚ ମାଧ୍ୟମିକ ଶିକ୍ଷା)ରେ ୧୧.୨୫ ପ୍ରତିଶତ ଆସନ ସଂରକ୍ଷଣ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି।

## ଆଉ ଭର୍ତ୍ତି...

ସିଲିଣ୍ଡରରେ ବି ଗ୍ୟାସ୍ ଭର୍ତ୍ତି କରାଯିବ ନାହିଁ। ଗ୍ୟାସ ବିକ୍ରି ନେଇ ଇ-କେୱାଇସି କରାଯିବ। କେବଳ ଯାହା ନାଁରେ କାର୍ଡ ଥିବ, ସେମାନେ ହିଁ ଗ୍ୟାସ ଏଜେନ୍ସିରୁ ଗ୍ୟାସ ଟାଙ୍କି ନେଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

ଯୋଗାଣ ବିଭାଗର ଏଭଳି ନିଷ୍ପତ୍ତି ଆଗାମୀ ଦିନରେ ରାଜ୍ୟରେ ଅନାହାର ପରିସ୍ଥିତି ସୃଷ୍ଟି କରିବ ବୋଲି ସତର୍କ କରାଇଦେଇଛନ୍ତି ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା। ପାଠପଢା ପିଲା କେଉଁଠୁ ଗ୍ୟାସ ପାଇବେ? ଛୋଟ ପରିବାର କେମିତି ଚଳିବ? ସରକାର ଲୋକଙ୍କୁ ଗ୍ୟାସ ଦେଇପାରୁନାହାନ୍ତି। ହୋଟେଲ ସବୁ ବନ୍ଦ ହେଲାଣି। ଏବେ ସରକାର ଯେଉଁ ନିଷ୍ପତ୍ତି ନେଲେ, ତା' ନିଶ୍ଚିତ ଭାବେ କଳାବଜାରୀକୁ ପ୍ରୋତ୍ସାହିତ କରିବ। ତେଣୁ ସରକାର ଏହାର ପୁନର୍ବିଚାର କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଜେନା କହିଛନ୍ତି। ସେହିପରି ସମାନ ଦାବି କରିଛନ୍ତି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି। ଗରିବଗୁରୁବା ଲୋକେ ମୁଖ୍ୟତଃ ୫ କିଲୋବିଶିଷ୍ଟ ଗ୍ୟାସ ଟାଙ୍କି ବ୍ୟବହାର କରିଥାନ୍ତି। ବଜାରରେ ୫ କିଲୋବିଶିଷ୍ଟ ଗ୍ୟାସ ଟାଙ୍କି ଭର୍ତ୍ତି ନ ହୋଇପାରିଲେ ସେମାନେ ଖାଇବାକୁ ପାଇବେନି ବୋଲି କହିଛନ୍ତି ଶ୍ରୀ ବାହିନୀପତି।

## ପଞ୍ଚାୟତରେ...

ହାତ ମିଳାଇ ବିଜେପିକୁ ପଛରେ ପକାଇବା ପାଇଁ ଯେଉଁ ଯୋଜନା କରୁଛନ୍ତି, ତାହା ଫଳବତୀ ହେବନାହିଁ ବୋଲି ଆଲୋଚନା ହେଉଛି।

ବିଜେଡିକୁ କଂଗ୍ରେସ ନେତାମାନେ କିଭଳି ଦୃଷ୍ଟିରେ ଦେଖନ୍ତି, ତା' ଗତ ରାଜ୍ୟସଭା ନିର୍ବାଚନ ସମୟରେ ଦେଖିବାକୁ ମିଳିଥିଲା। କଂଗ୍ରେସର ସାନଖେମୁଣ୍ଡି ବିଧାୟକ ରମେଶ ଜେନା ସିଧାସଳଖ ବିଜେଡି ବିରୋଧରେ ବିଷ ଓଗାଳିବା ସହ କ୍ରସ ଭୋଟିଂ କରିଥିଲେ। ତାଙ୍କର ଏକମାତ୍ର ଅଭିଯୋଗ ଥିଲା ଯେ ସେ ମେଣ୍ଟ ଗଠନ ବିରୋଧରେ। ବିଜେଡି ସରକାର କିଭଳି ତାଙ୍କୁ ବର୍ଷାଧିକ କାଳ ଜେଲ୍‌ରେ ରଖିଥିଲା, ସେ ତିକ୍ତ ଅନୁଭୂତି ବି ରମେଶ ବଖାଣିଥିଲେ। ଆଉ କିଛି ନେତା ଏଭଳି ଅଭିଯୋଗକୁ ମନ ଭିତରେ ଚାପି ଧରିଛନ୍ତି।

ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଆସୁଥିବା ବେଳେ ବିଜେଡି ଓ କଂଗ୍ରେସ ନିଜ ନିଜ ସ୍ତରରେ ରଣନୀତି ପ୍ରସ୍ତୁତିରେ ଲାଗିଛନ୍ତି। ଦୁଇ ଦଳର ଏକମାତ୍ର ଲକ୍ଷ୍ୟ ହେଉଛି ବିଜେପିକୁ ପଛରେ ପକାଇବା। ହେଲେ ଦୁଇ ଦଳ କିଭଳି ଲଢ଼ିବେ ତାହା ହେଉଛି ସବୁଠାରୁ ବଡ଼ ପ୍ରଶ୍ନ। ସଦ୍ୟ ରାଜ୍ୟସଭା ନିର୍ବାଚନ ଜିଣିଥିବା ବିଜେଡିର ସନ୍ତୃପ୍ତ ମିଶ୍ର ଏ ନେଇ କହିଥିଲେ ଯେ ଦୁଇ ଦଳର ମେଣ୍ଟ କେବଳ ରାଜ୍ୟସଭା ନିର୍ବାଚନ ପାଇଁ। ଏହାପରେ ଦୁଇ ଦଳ ପୂର୍ବ ସ୍ଥିତିକୁ ଫେରିଯିବେ। ହେଲେ ଏହାକୁ ଦୁଇ ଦଳର ଶୀର୍ଷ ନେତାମାନେ ସହଜରେ ଗ୍ରହଣ କରିନାହାନ୍ତି।

ଅନ୍ୟ ପକ୍ଷରେ ବିଜେଡିରେ ଚାଲିଥିବା ଗୋଷ୍ଠୀ କନ୍ଦଳ ଓ ଦଳରୁ ୧୧ ଜଣ ବିଧାୟକଙ୍କ ନିଲମ୍ବନ ପରେ ଦଳ ଏବେ କଂଗ୍ରେସକୁ ଆଶାବାଡ଼ି କରି ଆଗକୁ ବଢ଼ିବାକୁ ଚାହୁଁଛି। କିନ୍ତୁ କଂଗ୍ରେସର ଅନେକ ନେତା ଏଭଳି ମେଣ୍ଟ କଲେ ପଞ୍ଚାୟତ ସ୍ତରରେ ସେମାନଙ୍କର କ୍ଷତି ହେବ ବୋଲି କହୁଛନ୍ତି। କାରଣ ଗତ ନୂଆପଡ଼ା ଉପନିର୍ବାଚନ ସମୟରେ ବିଜେପିର ମୁକାବିଲା କରିବା ପାଇଁ ଦୁଇ ଦଳ ମେଣ୍ଟ ପାଇଁ ପ୍ରସ୍ତୁତ ହୋଇଥିଲେ ହେଁ ତଳ ସ୍ତରର କର୍ମୀମାନେ ତାହାକୁ ଗ୍ରହଣ କରି ନ ଥିଲେ। ସମାନ ସ୍ଥିତି ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଦେଖିବାକୁ ମିଳିବ ବୋଲି ରାଜନୈତିକ ବିଶ୍ଳେଷକମାନେ ଏବେଠାରୁ ଆକଳନ କରୁଛନ୍ତି।

## ଶ୍ରୀମନ୍ଦିରରେ...

ବ୍ୟବସ୍ଥା ମଧ୍ୟ କରାଯିବ। ପ୍ରଥମେ ଏହା ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯିବ। ପରେ ଏହାର ସଫଳତା ଅନୁଭୂତ ହେଲେ ବ୍ୟବସ୍ଥାକୁ ଶତପ୍ରତିଶତ ଲାଗୁ କରାଯିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

## ପଞ୍ଚଦଣ୍ଡ ମିଳନରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ



ହିଞ୍ଜିଳିକାଟୁ, ୫।୪(ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ଥାନା ତୋଠା ସାହିରେ ଆଜି ଆଜି ପଞ୍ଚୁଦଣ୍ଡ ମହାମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜେମାଦେଈପୁର ଶାସନ, ଖାରିଆ , ଶାହାସପୁର, ଭାବନ୍ଦ ଓ ସୁନାପଲ୍ଲୀ ଗ୍ରାମର ଦଣ୍ଡଦଳ ଅଂଶଗ୍ରହଣ କରିଥିବା ବେଳେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ବାଜାବାଜଣାରେ ଗଳିକନ୍ଦି ପ୍ରକମ୍ପିତ ହୋଇଉଠିଥିଲା। ସକାଳୁ ଯାତ୍ରା କମିଟି ଓ ବରିଷ୍ଠ ନାଗରିକମାନେ ମିନିଷ୍ଟାଡ଼ିୟମରୁ ୫ଟି ଦଣ୍ଡଦଳକୁ ଫୁଲଚନ୍ଦନ ଦେଇ ବରଣ କରିଥିଲେ। ପରେ ସେଠାରୁ ବିରାଟ ଶୋଭାଯାତ୍ରାରେ ସାହିକୁ ଅଣାଯାଇଥିଲା । ତାପରେ ଦଣ୍ଡ ପୁଜ୍ଞା କର୍ତ୍ତାଙ୍କ ଗୃହ ନିକଟରେ ପହଞ୍ଚିବା ପରେ ପ୍ରାରମ୍ଭିକ ବନ୍ଦନା କାର୍ଯ୍ୟକ୍ରମ ହୋଇଥିଲା। ଏହାପରେ ରୀତିନୀତି ମୁତାବକ ଠାକୁରଙ୍କର ଅନ୍ୟାନ୍ୟ କାର୍ଯ୍ୟକ୍ରମ ହେବାପରେ ମଧ୍ୟାହ୍ନରେ ଧୂଳିଦଣ୍ଡ, ପାଣିଦଣ୍ଡ ଓ ଅଗ୍ନିଦଣ୍ଡ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ପଞ୍ଚୁଦଣ୍ଡ ଓ ପଞ୍ଚଶମ୍ଭୁ ମହାମିଳନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ହୁଳହୁଳି, ଘଣ୍ଟ, ଢୋଲ ଶବ୍ଦରେ ପ୍ରକମ୍ପିତ ହୋଇଥିଲା ପରିବେଶ। ସନ୍ଧ୍ୟା ଆଳତିରେ ସହସ୍ରାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିବା ବେଳେ ରାତିରେ ସାମୁହିକ ପ୍ରସାଦସେବନ ଅନୁଷ୍ଠିତ ହୋଇଥିଲା। ମଧ୍ୟରାତ୍ରରେ ସମସ୍ତ ଦଣ୍ଡଦଳ ପକ୍ଷରୁ ପାରମ୍ପରିକ ନାଟକ ପରିବେଷିତ ହୋଇଥିଲା ।

## ବିଶରପୁର ଭଗବତ ମେଳଣ ଉଦ୍‌ଯାପିତ



ବାଲିଅନ୍ତା, ୫।୪ (ସଂଚାର ବ୍ୟୁରୋ):ବାଲିଅନ୍ତା ବ୍ଲକ ପ୍ରତାପରୁଦ୍ରପୁର ପଞ୍ଚାୟତ ଅଧୀନ ବିଶରପୁର ଗ୍ରାମରେ ୨ ଦିନ ଧରି ଚାଲିଥିବା ଭଗବତ ମେଳନ ଉଦଯାପିତ ହୋଇଯାଇଛି । ପଡୋଶୀ ଗ୍ରାମର ୪ ବିମାନ ଶୋଭାଯାତ୍ରାରେ ମେଳଣ ପଡିଆକୁ ଆସିଥିଲେ । ଏନେଇ ଗ୍ରାମରେ ଆୟୋଜିତ ସଭାରେ ସରକାରଙ୍କ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢ଼ାଲି, ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି, ମାଗୁଣି ସେଠି, ଜିଲ୍ଲା ସାଂଗଠନିକ ସମ୍ପାଦିକା ଝିଲ୍ଲୀ ସାମନ୍ତରାୟ,ବିଜେପି କୃଷକ ମୋର୍ଚ୍ଚା ସଭାପତି ସଞ୍ଜୟ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଗ୍ରାମ କମିଟି ପକ୍ଷରୁ ନିମନ୍ତ୍ରିତ ଅତିଥିବୃନ୍ଦଙ୍କୁ ସମ୍ମାନିତ କରାଯାଇଥିଲା । କମିଟି ସଭାପତି -ମନୋରଞ୍ଜନ ଭଞ୍ଜ,ସମ୍ପାଦକ ସମୀର ପରିଡା, ଉପ ସଭାପତି-ମଧୁସୁଦନ ମହାନ୍ତି,ସାଧାରଣ ସମ୍ପାଦକ ଭାଗ୍ୟରଥି ସେଠୀ,କୋଷାଧ୍ୟକ୍ଷ ଦାଶରଥି ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଉପଦେଷ୍ଟା-ପୂର୍ଣ୍ଣ ଚନ୍ଦ୍ର ଖଟୁଆ ମଞ୍ଚ ପରିଚାଳନା କରିଥିଲେ । ମନୋହରି ଦୋକାନ ଖୋଲିଥିଲା, ଆତସବାଜି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଐତିହ୍ୟ ଗଣଦୌଡ଼




ଢେଙ୍କାନାଳ, ୫।୪ (ସଂଚାର ବ୍ୟୁରୋ): ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଆଜି ଢେଙ୍କାନାଳରେ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି । ସକାଳ ୬ ଘଟିକା ୩୦ ମିନିଟ୍ ସମୟରେ ସ୍ଥାନୀୟ ମିନି - ଷ୍ଟାଡ଼ିୟମ ଠାରୁ ଆରମ୍ଭ ହୋଇଥିବା ଏହି ଐତିହ୍ୟ ଗଣଦୌଡ଼କୁ ଅତିରିକ୍ତ ଜିଲ୍ଲାପାଳ ( ରାଜସ୍ୱ ) ଶ୍ରୀ ଲଳିତ ମୋହନ ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଦିପ୍ତୀ ରଂଜନ ସେଠୀ, କ୍ରୀଡ଼ା ଅଧିକାରୀ ଶ୍ରୀ ଦୟାନିଧି ପାତ୍ର, ପର୍ଯ୍ୟଟନ ଅଧିକାରୀ ଶ୍ରୀ ସ୍ୱସ୍ତି ରଂଜନ ସାହୁ, କ୍ରୀଡ଼ା ସଂଘର ସମ୍ପାଦକ ଶ୍ରୀ ନଳିନୀ କୁମାର ଦାସ, ଅଗ୍ନିଶମ ଅଧିକାରୀ ଶ୍ରୀ ଦୀନବନ୍ଧୁ ମଲ୍ଲିକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ସାହୁ ପ୍ରମୂଖ ପତାକା ଦେଖାଇ ଆରମ୍ଭ କରିଥିଲେ । ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ଐତିହ୍ୟ ଗଣଦୌଡ଼ରେ ସାମିଲ ହୋଇ ମିନି ଷ୍ଟାଡ଼ିୟମ ଠାରୁ ବାହାରି ରଥଗଡ଼ା ଦେଇ ଶ୍ରୀବଳରାମ ମନ୍ଦିର ଅତିକ୍ରମ କରି ମିନି ଷ୍ଟାଡିୟମ ଠାରେ ପହଞ୍ଚିଥିଲେ । ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଓ ଭାଷା ସାହିତ୍ୟକୁ ଆଗେଇ ନେଇ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟ ଗଠନରେ ସହଯୋଗ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଶ୍ରୀ ସତ୍ୟନାରାୟଣ କର ଏହି ଐତିହ୍ୟ ଗଣ ଦୌଡ଼ ଉତ୍ସବ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

## ବିଦ୍ୟାଳୟରେ ଖଡ଼ିଛୁଆଁ ଉତ୍ସବ



ଡେରାବିଶ, ୫।୪ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଆଜି ଖଡ଼ିଛୁଆଁ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟରେ ନୂତନ କରି ଶିଶୁବାଟିକା ଶ୍ରେଣୀରେ ନାମ ଲେଖାଇଥିବା କୋମଳମତି ଶିଶୁମାନଙ୍କୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଚନ୍ଦନ ଚର୍ଚ୍ଚିତ କରି ପାଛୋଟି ନେବା ସହ ଆଦରରେ ମିଷ୍ଟାନ୍ନ ଖୁଆଇଥିଲେ। ପରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ମା ସରସ୍ୱତୀଙ୍କ ଆବାହନ ପୂର୍ବକ ଖଡ଼ି ଛୁଆଇଁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ନାମରେ ତିନୋଟି ବୃତ ଅଙ୍କନ କରି ବିଦ୍ୟାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜେନାମଣି ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅଭିରାମ ମିଶ୍ର ଓ ସହକାରୀ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦେବୀ ନୂତନ ଛାତ୍ରଛାତ୍ରୀମାନଙ୍କୁ ଖଡ଼ି ଛୁଆଇଁଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଅଭିଭାବକମାନେ ଉପସ୍ଥିତ ରହିଥିଲେ।

### ମହାକାଳପଡ଼ାରେ ମାଟି ମାଫିଆ ସକ୍ରିୟ

# ଗୋଚର ଜମିରୁ ଚାଲିଛି ମାଟି ଚାଲାଣ

### ନିଘୋଡ଼ ନିଦରେ ତହସିଲ ପ୍ରଶାସନ

### ଲକ୍ଷ ଲକ୍ଷ ରାଜସ୍ୱ ହରାଉଛନ୍ତି ସରକାର



ମହାକାଳପଡ଼ା, ୫।୪(ସଂଚାର ବ୍ୟୁରୋ): ମହାକାଳପଡା ତହସିଲ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ବର୍ତ୍ତମାନ ସକ୍ରିୟ ହୋଇ ଉଠିଛନ୍ତି ମାଟି ମାଫିଆ। ସେମାନଙ୍କ ଆତଙ୍କ ଏବେ ଚରମ ସୀମାରେ ପହଞ୍ଚିଛି। ଖରାଦିନ ହେତୁ ଏହାର ସୁଯୋଗ ନେଇ କେତେକ ଅସାମାଜିକ ବ୍ୟକ୍ତି ରାତି-ଦିନ ଜେସିବି ଟ୍ରାକ୍ଟର ସାହାଯ୍ୟରେ ମନଇଛା ମାଟି ଖୋଳି ନେଉଥିବା ଦେଖିବାକୁ ମିଳୁଛି।

ସ୍ଥାନୀୟ ତହସିଲ କର୍ତ୍ତୃପକ୍ଷ ଏନେଇ ଆଖିବୁଜି ଦେଇଥିବାରୁ ମାଫିଆ ମାନେ ଏମିତି ମାଟି ଲୁଟୁବାରେ ସଫଳ ହୋଇପାରୁଛନ୍ତି ବୋଲି ଅଭିଯୋଗ ହେଉଛି। ସରକାରୀ, ଗୋଚର ଜମିକୁ ନିଶାନା କରି ଜେସିବି ସାହାଯ୍ୟରେ ମାଟି ତାଡ଼ି ମାଟିକୁ ଟ୍ରାକ୍ଟର ମାଧ୍ୟମରେ ବୋହି ନେଇ ବିକ୍ରି କରୁଛନ୍ତି। ପ୍ରତିଦିନ ଶହ ଶହ ଟ୍ରିପ ମାଟି ଚୋରାରେ ବିକ୍ରି ହେଉଥିବାରୁ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି। ଗୋଚର ଜମି ନଷ୍ଟ ହେବାରୁ ପଶୁପାଳନ ଓ ଗ୍ରାମୀଣ ଜୀବିକା ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିବା ନିଶ୍ଚିତ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ପ୍ରଶାସନ ସମସ୍ତ କଥା ଜାଣିଥିଲେ ସୁଦ୍ଧା କୌଣସି କଡ଼ା ପଦକ୍ଷେପ ନେଉ ନାହାଁନ୍ତି। ରାଜସ୍ୱ ନିରୀକ୍ଷକମାନେ ମଧ୍ୟ ଖବର ପାଇବା ପୂର୍ବରୁ ମାଫିଆଙ୍କୁ ସୂଚନା ଦେଉଛନ୍ତି। ଯାହା ଫଳରେ ମାଫିଆ ମାନଙ୍କ ସାହସ ଆହୁରି ବଢ଼ିଯାଉଛି ଓ ସେମାନେ ନିର୍ଭୟରେ ଏହି ଅବୈଧ କାରବାର ଚାଲୁ ରଖିଛନ୍ତି। କେତେକ ସ୍ଥାନରେ ଦିନରେ ମଧ୍ୟ ଖୋଲାଖୋଲି ଭାବରେ ମାଟି ଖନନ ହେଉଥିବା ଦେଖିବାକୁ ମିଳୁଛି। ଯାହା ପ୍ରଶାସନର କାର୍ଯ୍ୟକୁଶଳତା ଉପରେ ପ୍ରଶ୍ନ ଉଠାଇଛି।

## ୭ରୁ ୯ ଦିନିଆ ମାଦଳ ମହୁରୀ ଉତ୍ସବ

ବାରିପଦା, ୫।୪ (ସଂଚାର ବ୍ୟୁରୋ): ସ୍ଥାନୀୟ ସହିଦ ସ୍ମୃତି ଭବନରେ ଦୁର୍ଯ୍ୟୋଧା-ସରସ୍ୱତୀ ସାଂସ୍କୃତିକ ପରିଷଦ ଓ ସୌଖିନ କଳାକାର କ୍ଲବ ଆନୁକୂଲ୍ୟରେ ଚଳିତ ମାସ ୭ ତାରିଖରୁ ୯ ତାରିଖ ମଧ୍ୟରେ ମାଦଳ ମହୁରୀ ଉତ୍ସବ-୨୦୨୬ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ଅବସରରେ କ୍ଷୀରୋଦ ବିହାରୀ ସିଟଙ୍କ ଅଧ୍ୟକ୍ଷତରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ସନ୍ଧ୍ୟାରେ ଗୁହିରାମ ଜେନାଙ୍କ ନିର୍ଦ୍ଦେଶିତ ନାଟକ "ମହାବିଭ୍ରାଟ" ଓ ଧନଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ ନାଟକ "ରାଜଧାନୀରେ କରୋନା ଠକ", ୨ୟ ସନ୍ଧ୍ୟାରେ ଜ୍ଞାନ ପଣ୍ଡାଙ୍କ ନିର୍ଦ୍ଦେଶିତ ନାଟକ "ଗ୍ରେଟ ନୁଙ୍ଗୁରା" ଓ ମହେଶ ସାହୁଙ୍କ ନିର୍ଦ୍ଦେଶିତ "ମିଛୁଆ ରାଧୁଆ" ନାଟକ ଏବଂ ଶେଷ ସନ୍ଧ୍ୟାରେ "ମରୀଚିକାର ଛାଇ" ନାଟକ ଓ ଝୁମର ନୃତ୍ୟର କାର୍ଯ୍ୟକ୍ରମ ରହିଛି ବୋଲି ସମସ୍ତ ନାଟକର ନାଟ୍ୟକାର ତଥା ମୁଖ୍ୟ ଆୟୋଜକ କ୍ଷୀରୋଦ ବିହାରୀ ସିଟ ଜଣାଇଛନ୍ତି ।

## ଓଡ଼ିଆ ପକ୍ଷ ଅବସରରେ ଐତିହ୍ୟ ଗଣଦୌଡ଼




କେନ୍ଦ୍ରାପଡ଼ା, ୫।୪ (ସଂଚାର ବ୍ୟୁରୋ): ଏପ୍ରିଲ ଓଡିଶା ଦିବସ ଠାରୁ ୧୪ ଏପ୍ରିଲ ପର୍ଯ୍ୟନ୍ତ ପାଳିତ ହେଉଥିବା "ଓଡିଆ ପକ୍ଷ" ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଆଜି ଏକ ଐତିହ୍ୟ ଗଣ ଦୌଡ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୫୦୦ ରୁ ଅଧିକ ଛାତ୍ରଛାତ୍ରୀ, ଅଭିଭାବକ, ପିଇଟି, ବରିଷ୍ଠ ନାଗରିକ, ସାମ୍ବାଦିକ ଓ ସମାଜର ବିଭିନ୍ନ ବର୍ଗର ଲୋକମାନେ ଯୋଗଦେଇ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ରଘୁରାମ ଆର. ଆୟର ଓ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲ୍ଲାପାଳ ତାଙ୍କ ଉଦ୍‌ବୋଧନରେ ଏହି ଗଣ ଦୌଡର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ବିସ୍ତାରିତ ଆଲୋକପାତ କରିଥିଲେ ଏବଂ ଓଡ଼ିଆ ସଂସ୍କୃତି ଓ ଐତିହ୍ୟ ପ୍ରତି ଗର୍ବବୋଧ ବୃଦ୍ଧି ପାଇଁ ଏପରି କାର୍ଯ୍ୟକ୍ରମ ଅତ୍ୟନ୍ତ ଉପକାରୀ ବୋଲି କହିଥିଲେ। ଏହି ଐତିହ୍ୟ ଗଣଦୌଡ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରୁ ଆରମ୍ଭ ହୋଇ ବଳଦେବ ଜୀଉ ମନ୍ଦିର, ବଡଦାଣ୍ଡ, ମାଉସୀମା ମନ୍ଦିର ମାର୍ଗ ହୋଇ ପୁଣି ଷ୍ଟାଡିୟମରେ ସମାପ୍ତ ହୋଇଥିଲା। କାର୍ଯ୍ୟକ୍ରମଟିକୁ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପରିଚାଳନା କରିଥିଲେ।

### ମହାକାଳପଡ଼ା ପୁଲିସ ବିରୋଧରେ ଏସ୍‌ପିଙ୍କୁ ସ୍ମାରକପତ୍ର

# ପୁଲିସ ରାଜନୀତିକରଣ କରୁଛି: ବିଜେଡି




ମହାକାଳପଡ଼ା/କେନ୍ଦ୍ରାପଡ଼ା, ୫।୪ (ସଂଚାର ବ୍ୟୁରୋ): ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଆଜି ମହାକାଳପଡ଼ା ପୁଲିସ ପ୍ରଶାସନର ରାଜନୀତିକରଣ ମନୋଭାବ ବିରୋଧରେ କଠୋର ସ୍ୱର ଉଠାଇଛନ୍ତି। ଏହି ପ୍ରସଙ୍ଗରେ ମହାକାଳପଡ଼ା ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଏକ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ଏସପିଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଅତନୁଙ୍କ ପ୍ରତିନିଧିତ୍ୱରେ ବାରଡାଙ୍ଗ ଗ୍ରାମ ପଞ୍ଚାୟତର ସରପଞ୍ଚ ଅରବିନ୍ଦ ଜେନା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅନୁରାଧା ସ୍ୱାଇଁ, ଧର୍ମପଦ ଦାସ ଓ ଅନ୍ୟାନ୍ୟ ଦଳୀୟ କର୍ମୀମାନେ ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମହାକାଳପଡ଼ା ଅଞ୍ଚଳରେ ପୁଲିସ କାର୍ଯ୍ୟକଳାପରେ ରାଜନୀତିକ ପ୍ରଭାବ ପଡୁଥିବା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ପୂର୍ବରୁ ରାଜଗଡ ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀଙ୍କ ବିରୋଧରେ ମିଛ ମାମଲା ରଜୁ ହୋଇଥିବା ଦାବି କରାଯାଇଛି, ଯାହାକୁ ନେଇ ରାଜନୈତିକ ପରିବେଶ ଉତ୍ତେଜନାପୂର୍ଣ୍ଣ ହୋଇଯାଇଛି। ଏହି ଘଟଣାକୁ ନେଇ ପୂର୍ବରୁ ଦଳ ତରଫରୁ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା ବେଳେ, ସାଧାରଣ ଲୋକମାନେ କିପରି ଅନାବଶ୍ୟକ ଭାବେ ଅଭିଯୋଗର ଶିକାର ହେଉଛନ୍ତି ସେଥି ପ୍ରତି ମଧ୍ୟ ସ୍ମାରକପତ୍ରରେ ଦର୍ଶାଯାଇଛି।

ଅତନୁ ସବ୍ୟସାଚୀ ନାୟକ ଗଣମାଧ୍ୟମକୁ କହିଛନ୍ତି ଯେ, ପୋଲିସ ପ୍ରଶାସନ ନିରପକ୍ଷ ରହିବା ଆବଶ୍ୟକ, କିନ୍ତୁ ଏପରି ଘଟଣା ଦେଖି ଲାଗୁଛି ଯେ କିଛି ସ୍ଥାନରେ ରାଜନୀତିକ ଚାପରେ ପୁଲିସ କାର୍ଯ୍ୟ କରୁଛି। ଯାହା ଲୋକତନ୍ତ୍ର ପାଇଁ ଶୁଭ ସଙ୍କେତ ନୁହେଁ। ସେ ଆହୁରି କହିଛନ୍ତି ଯେ, ଯଦି ଏହି ପ୍ରକାର ଅଭିଯୋଗ ଉପରେ ଶୀଘ୍ର ତଦନ୍ତ ହୋଇ ନ୍ୟାୟ ଦିଆଯିବ ନାହିଁ, ତେବେ ଦଳ ପକ୍ଷରୁ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ। ଏହି ପରିପ୍ରେକ୍ଷିରେ ବିଜେଡି ନେତାମାନେ ଏସପିଙ୍କୁ ନିରପକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଯଥାଯୋଗ୍ୟ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ପୀର ବାବାଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ ଜଲସା କାର୍ଯ୍ୟକ୍ରମ



ବାଲିଆପାଳ, ୫।୪ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିଆପାଳ ପଞ୍ଚାୟତ କଚୁଆ ପଡା ଗ୍ରାମରେ ଥିବା ହଜରତ ହାପିଜ ବଦିରୋଦ୍ଦିନ୍ ପୀର ବାବାଙ୍କ ୩୪ତମ ବାର୍ଷିକ ଉତ୍ସବ ଉପଲକ୍ଷେ କାଦରୀ କମିଟି ପକ୍ଷରୁ ଜଲସା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା।

ଏହି ଜଲସା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନି ଜେନା ଯୋଗଦେଇ ବସ୍ତା ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ତ ଲଘୁ ସଂମ୍ପ୍ରଦାୟ ଭାଇ ଭଉଣୀ ମାନଙ୍କୁ ମୁବାରକ ବାତ ଦେବା ସହିତ ସମସ୍ତଙ୍କ ସୁଖ, ସମୃଦ୍ଧି ପାଇଁ ବାବାଙ୍କ ପାଖରେ ପୂଜା ଅର୍ଚ୍ଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ପରିଷଦ ବେଣୁଧର ଜେନା,ସମାଜସେବୀ ସୌମ୍ୟଦିପ ଚକ୍ରବର୍ତ୍ତୀ, ଭାସ୍କର ସାହୁ, ନଜିର ଖାଁ ପ୍ରମୁଖ ଯୋଗଦେଇ ଥିଲେ। କମିଟି ର ସଭାପତି ସାବୁଉଦ୍ଦିନ ସାହା, ସଂମ୍ପାଦକ ଜୁମାସାହା,ଇନତାଜ ସାହା,ଶେଖ ବୁଲୁ, କ୍ଷୀରୋଦ ସାହା,ଶେଖ ଜହର ଶେଖ ଇବ୍ରାହିମ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଶ୍ରଦ୍ଧାଳୁମାନେ ପ୍ରାତଃରେ କୁରାନ ପାଠ, ସନ୍ଧ୍ୟାରେ ବାଲିଆପାଳ ମସଜିଦ ଠାରୁ କଚୁଆ ପଡା ମସଜିଦ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆସିଥିଲେ। ରୀତି ନୀତି ଅନୁସାରେ ଚାଦର ପୁସି କାର୍ଯ୍ୟକ୍ରମ ସାଙ୍ଗକୁ ଦେଶରେ ଥିବା ବିଭିନ୍ନ ରାଜ୍ୟରୁ ଆସିଥିବା ମୌଲାନାଙ୍କ ଦ୍ୱାରା ପ୍ରବଚନ ଦିଆଯାଇଥିଲା।

## ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ଜଳିଗଲା ୭ ବଖରା

### ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ



ନୀଳଗିରି, ୫।୪ (ସଂଚାର ବ୍ୟୁରୋ): ଆଜି ଅପରାହ୍ନ ୨.୩୦ମିନିଟରେ ବିଦ୍ୟୁତ୍ ସଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ୭ ବଖରା ଘରଭସ୍ମୀଭୂତ ହୋଇଯାଇଛି। ସୂଚନାଯୋଗ୍ୟ ନୀଳଗିରି ବ୍ଲକ ଅଧିନସ୍ଥ ଜାମୁଡିଆ ପଞ୍ଚାୟତ ଅଧିନସ୍ଥ ବାଘମାର ଗାଁ ର ଆଜି ଅପରାହ୍ନ୨.୩୦ମିନିଟ ସମୟରେ ମିନା ସିଂ ଖାଇସାରି ପିଲାମାନଙ୍କୁ ଶୋଇଥିବାବେଳେ ବିଦ୍ୟୁତ୍ ସଟସର୍କିଟ ଯୋଗୁଁ ହଠାତ ଘରେ ନିଆଁ ଲାଗି ଯାଇଥିଲା। ପରେନିଆଁର କରାଳ ରୂପ ଏମିତି ଥିଲା ଯେ ପାଖରେ ଥିବା ଅଭିମନ୍ୟୁ ସିଂ, ଶତ୍ରୁ ଘନ ସିଂ, ଶୁଶୀଳ ସିଂ, ଦୀପକ ସିଂ, ଚକ୍ରଧର ସିଂ, ପରମାନନ୍ଦ ସିଂ ଘର ଗୋଟିଏ ପରେ ଗୋଟିଏ ହୁତୁ ହୁତୁ ହୋଇ ଜଳିଯାଇଥିଲା। ଗ୍ରାମବାସୀମାନେ ଯେତେ ଚେଷ୍ଟା କରି ଥିଲେ ସୁଦ୍ଧା ନିଆଁ କବଳରୁ ଘର ଗୁଡିକୁ ରକ୍ଷା କରି ପାରିନଥିଲେ। ଖବର ପାଇ ନୀଳଗିରି ଅଗ୍ନିଶମ ବିଭାଗ ପହଁଚି ଥିଲେ ବି ଅଗ୍ନିକାଣ୍ଡରେ ୭ ବଖରା ଘର ପୋଡ଼ି ଯିବାରୁ ଲକ୍ଷାଧିକ ଟଙ୍କାର ସମ୍ପତି ନଷ୍ଟ ହେବା ସହିତ ସମସ୍ତଙ୍କ ଆସବାପତ୍ର, ଲୁଗାପଟା, ଧାନ, ଚାଉଳ, ଟଙ୍କା, ପିଲାମାନଙ୍କ ବହି, ଖାତା ପୋଡି ଭସ୍ମୀଭୂତ ହୋଇଯାଇଛି।

## ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ଼



ଯାଜପୁର, ୫।୪ (ସଂଚାର ବ୍ୟୁରୋ): ସାରା ରାଜ୍ୟରେ ଏପ୍ରିଲ ୧ ତାରିଖ ଓଡିଶା ଦିବସ ଠାରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ସାରା ରାଜ୍ୟରେ ପାଳନ କରାଯାଉଛି। ଏଥି ନେଇ ଆଜି ଓଡ଼ିଆ ପକ୍ଷ ପାଳନ ପଞ୍ଚମ ଦିବସ ଅବସରରେ ଯାଜପୁର ଜିଲ୍ଲାରେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁଙ୍କ ସହଯୋଗରେ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଅଛି। ଯାଜପୁର ଟାଉନ ଥାନା ଅଧିକାରୀ ଶରତ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ ପତାକା ଦେଖାଇ ଏହି ଐତିହ୍ୟ ଗଣଦୌଡ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗଣଦୌଡର ଉଦ୍ଦେଶ୍ୟ ବର୍ଣ୍ଣନା କରିବା ସହ ଆମର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ କରିବା ନିମନ୍ତେ ଅତିଥିମାନେ ମତ ଦେଇଥିଲେ । ଏହି ଐତିହ୍ୟ ଗଣଦୌଡ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ମହା ବିଦ୍ୟାଳୟର ଛାତ୍ର ଛାତ୍ରୀ, କ୍ରୀଡା ଅନୁଷ୍ଠାନର ସଦସ୍ୟ ଆଦି ସମୁଦାୟ ୩୦୦ ଜଣ ଯୋଗଦାନ କରିଥିଲେ। ଐତିହ୍ୟ ଗଣଦୌଡରେ ସାମିଲ ହୋଇଥିବା ସମସ୍ତଙ୍କୁ ଗୋଟିଏ ଲେଖାଏଁ ଟି - ସାର୍ଟ ଓ କ୍ୟାପ ପ୍ରଦାନ କରାଯାଇଥିଲା। ବରାହନାଥ ମନ୍ଦିର ଠାରୁ ଏହି ଗଣଦୌଡ ଆରମ୍ଭ ହୋଇ ହକି ଷ୍ଟାଡିୟମ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

## ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

ରାଜନଗର, ୫।୪ (ସଂଚାର ବ୍ୟୁରୋ): ରାଜନଗର ବଣିକ ସଂଘ ପକ୍ଷରୁ ରାମନବମୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଭିନ୍ନ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଦୁର୍ଗା ମଣ୍ଡପରେ ଶହଶହ ଲୋକ ଏହାକୁ ଉପଭୋଗ କରିଥିଲେ। ସେହିପରି ବିଶ୍ୱଶାନ୍ତି ମହାଯଜ୍ଞ, ନଗଡ ଠାରେ ସନ୍ଧ୍ୟାରେ ଭଜନ ମଞ୍ଚ ମଧ୍ୟ ପରିବେଷଣ କରାଯାଇଥିଲା। ଏହାକୁ ବହୁଲୋକ ଉପଭୋଗ କରିଥିଲେ। ହଂସୁଆ କଳାପ୍ରତିଷ୍ଠାନ, ରାଜନଗର ତରଫରୁ ସଲୋନୀ ଘଡାଇ, ଅର୍ଚ୍ଚିତା ପ୍ରଧାନ, ଦିଶା ବିଶ୍ୱାସ,ରସ୍ମିତା ଧନ, ଲୋପାମୁଦ୍ରା ଧଳ, ସୋନାଲି ରାଉତ, ସ୍ୱୀକୃତି ପରିଡା ଆଦି ନୃତ୍ୟ ପରିବେଷଣ କରିଥିଲେ। ଏତଦ୍ ବ୍ୟତୀତ ଦେବରତୀ ରାଉତ, ପ୍ରତିକ୍ଷା ବଳ, ପୂଜା ରାଣୀ ରାଉତ, ଲିପି ପଣ୍ଡା ଓ ବିଶ୍ୱଜିତ କୁଣ୍ଡ ଭଜନ ପରିବେଷଣ କରିଥିଲେ। ଅନୁଷ୍ଠାନର ପ୍ରଫୁଲ୍ଲ କୁମାର ଦାସ ଓ ପ୍ରତିଷ୍ଠାତା ଶତୃଘନ ତରାଇ ସହଯୋଗ କରିଥିଲେ।



## ଦିବ୍ୟ ଭୂଷଣ ସିଡବ୍ଲୁସି ଅଧ୍ୟକ୍ଷ



ଯାଜପୁର, ୫।୪ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ଓଡ଼ିଶାର ୪ଟି ଜିଲ୍ଲା, ଯାଜପୁର, ନବରଙ୍ଗପୁର, ଗଜପତି ଓ ପୁରୀ ଜିଲ୍ଲା ପାଇଁ ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ଏବଂ ଏହାର ସଭ୍ୟସଭ୍ୟା ମାନଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ଯାହାକି ଯାଜପୁର ଜିଲ୍ଲା ପାଇଁ ଜଣେ ସୁସଂଗଠକ ଏବଂ ଅଭିଜ୍ଞ ସମ୍ପନ୍ନ ଯୁବ ସମାଜସେବୀ ଦିବ୍ୟ ଭୂଷଣ ମହାନ୍ତିଙ୍କୁ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରିଛନ୍ତି। ସେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ବେଶ ଜଣାଶୁଣା ଛାତ୍ରନେତା, ସୁସଂଗଠକ, ସମାଜସେବୀ ଓ ରାଜନୈତିକ ବ୍ୟକ୍ତି ଭାବେ ଅନେକ ଜନସେବାମୂଳକ କାର୍ଯ୍ୟ କରିବାରେ ବେଶ ସଫଳତା ପାଇଛନ୍ତି । ସେ ମଧ୍ୟ ଭାରତୀୟ ଜନତା ପାର୍ଟିର ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇ ଦଳୀୟ କର୍ମୀଙ୍କ ପ୍ରିୟ ଭାଜନ ହୋଇଥିଲେ। ଶ୍ରୀ ମହାନ୍ତିଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯିବା ସହ କମିଟି ସଦସ୍ୟ ଭାବେ ସୁର୍ଯ୍ୟ ନାରାୟଣ ମିଶ୍ର, ଲକ୍ଷ୍ମୀ ନାରାୟଣ ସାହୁ, ସଦସ୍ୟା ଭାବେ ରୀତା ବେହେରା ଓ ଗୀତାଞ୍ଜଳି ଧଳଙ୍କୁ ନିଆଯାଇଛି। ଶିଶୁ ସୁରକ୍ଷା ଓ ଯତ୍ନ କ୍ଷେତ୍ରରେ ସ୍ୱର୍ଣକାତର କୁହାଯାଉଥିବା ଶିଳ୍ପ ବାଣିଜ୍ୟ ଓ ଖଣି ସମୃଦ୍ଧ ଯାଜପୁର ଜିଲ୍ଲାରେ ନିଯୁକ୍ତି ପାଇଥିବା ନୂତନ ଅଧ୍ୟକ୍ଷ ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ନୂଆ କମିଟି ଆଶାନୁରୂପ କାର୍ଯ୍ୟ କରିବ ବୋଲି ଅନେକ ସାମାଜିକ ସଂଗଠନ ଆଶା ବ୍ୟକ୍ତ କରିଛନ୍ତି।

## 'ଓଡ଼ିଶା ପକ୍ଷ'ରେ ଐତିହ୍ୟ ଗଣଦୌଡ଼




ଫୁଲବାଣୀ, ୫।୪ (ସଂଚାର ବ୍ୟୁରୋ): ଓଡ଼ିଶାର କଳା, ସଂସ୍କୃତି ଓ ସମୃଦ୍ଧ ଐତିହ୍ୟକୁ ପ୍ରଚାର ପ୍ରସାର କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ 'ଓଡ଼ିଶା ପକ୍ଷ - ୨୦୨୬' ଅବସରରେ ଆଜି ଫୁଲବାଣୀଠାରେ ଏକ ଐତିହ୍ୟ ଗଣ ଦୌଡ଼ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଜିଲ୍ଲା କ୍ରୀଡା ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି। ସ୍ଥାନୀୟ କନ୍ଧମାଳ ଷ୍ଟାଡିୟମରଠାରେ ଆୟୋଜିତ ଏହି ଗଣ ଦୌଡ଼କୁ ଫୁଲବାଣୀ ମାନ୍ୟବର ବିଧାୟକ ଉମାଚରଣ ମଲ୍ଲିକ ଏବଂ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଦୌଡ଼ରେ ଶତାଧିକ ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍, ସ୍ୱେଚ୍ଛାସେବୀ ଏବଂ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ପଦଯାତ୍ରା କନ୍ଧମାଳ ଷ୍ଟାଡିୟମଠାରୁ ବାହାରି ଏଫ୍ ସି ଆଇ ଛକ, ଗାନ୍ଧୀ ଛକ ଓ କୋରନେସନ୍ ଫିଲ୍ଡ ଦେଇ ପୁଣି କନ୍ଧମାଳ ଷ୍ଟାଡିୟମକୁ ଆସିଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଶଳ ଚନ୍ଦ୍ର ନାୟକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ପ୍ରବିଣ କୁମାର ବାଣୁଆ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶ୍ରୀ ଗଦାଧର ପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ସମୀର ନାୟକ ଏବଂ ଜିଲ୍ଲା ପ୍ରଶାସନର ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମେହେନ୍ଦିପୁର ଅଙ୍ଗନବାଡ଼ି କେନ୍ଦ୍ରରେ ଅଣ୍ଡା ଅନିୟମିତତା ଅଭିଯୋଗ

### ପିଲାଙ୍କ ଅଣ୍ଡା ଉପରେ ଦିଦିଙ୍କ ଲୋଭ

### ଚାରି ମାସ ହେଲା ଦେଉନାହାନ୍ତି



କେନ୍ଦ୍ରାପଡା,୫।୪ (ସଂଚାର ବ୍ୟୁରୋ): ପିଲାଙ୍କ ଅଣ୍ଡାକୁ ଦିଦିଙ୍କ ଲୋଭ । ହଁ ଆଜ୍ଞା ଏକଥା ଆମେ କହୁନୁ କହିଛନ୍ତି ଅଙ୍ଗନବାଡ଼ି କେନ୍ଦ୍ରରୁ ଅଣ୍ଡା ପାଉନଥିବା ଦୁଇ ଜାଆଁଳା ଶିଶୁଙ୍କ ମାଆ। କେନ୍ଦ୍ରାପଡ଼ା ବ୍ଲକ ଅଧିନସ୍ତ ଭରତପୁର ପଞ୍ଚାୟତ ଅନ୍ତର୍ଗତ ମେହେନ୍ଦିପୁର ଗ୍ରାମର ରଶ୍ମିତା ନାୟକ ଅଭିଯୋଗ ଆଣିଛନ୍ତି କି ତାଙ୍କ ପିଲାର ଅଣ୍ଡା ଦେଉନାହାନ୍ତି ମେହେନ୍ଦିପୁର ଅଙ୍ଗନବାଡ଼ି କେନ୍ଦ୍ରର ଦିଦି।

ରଶ୍ମିତାଙ୍କର କହିବା ଅନୁସାରେ ତାଙ୍କର ଦୁଇଟା ଜାଆଁଳା ପିଲା, ଗୋଟେ ପୁଅ ଓ ଅନ୍ୟଟି ଝିଅ। ଦୁଇ ପିଲାଙ୍କ ବୟସ ୨ ବର୍ଷ ୫ ମାସ । ପିଲାଙ୍କ ପୃଷ୍ଟିହୀନତା ଦୂର କରିବା ପାଇଁ ପ୍ରତି ଅଙ୍ଗନବାଡ଼ି କେନ୍ଦ୍ରକୁ ସରକାରଙ୍କ ପକ୍ଷରୁ ଛତୁଆ ଓ ଅଣ୍ଡା ଯୋଗାଇ ଦିଆଯାଇଛି। ମେହିନ୍ଦିପୁର ଅଙ୍ଗନବାଡ଼ି କେନ୍ଦ୍ରର ଖାଲି ଛତୁଆ ଦେଇ ଦୁଇଟି ଖାତାରେ ଦସ୍ତଖତ ନେଇ ଅଣ୍ଡା ଦେଉନାହାନ୍ତି। ଅଣ୍ଡା ଆସିଲେ ଦେବୁ କହି ଦେଉ ନାହାନ୍ତି। ଦିଦିଙ୍କୁ ଅଣ୍ଡା କାହିଁକି ଦେଉନାହାନ୍ତି ପଚାରିଲେ ଦିଦି ଅଣ୍ଡା ଦିଆ ହବନି ତମର କଣ କରିବାର ଅଛି କର ବୋଲି ଧମାକାଉଛନ୍ତି ।

ଏନେଇ ରଶ୍ମିତା ସ୍ଥାନୀୟ ଭରତପୁର ପଞ୍ଚାୟତର ସରପଞ୍ଚ, କେନ୍ଦ୍ରାପଡ଼ା ମଣ୍ଡଳ ଉନ୍ନୟନ ଅଧିକାରୀ, କେନ୍ଦ୍ରାପଡ଼ା ବ୍ଲକ ଶିଶୁ ବିକାଶ ଯୋଜନା ଅଧିକାରିଣୀଙ୍କ ନିକଟରେ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି । ତେବେ ଆମେ ଏନେଇ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର ଦିଦିଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ବି ସେ ଗଣମାଧ୍ୟମର ପ୍ରତିନିଧି ଜାଣିବା ପରେ ଆଉ ଆମ ଫୋନ ରିସିଭ କରିନଥିଲେ। ଆମେ ଏନେଇ କେନ୍ଦ୍ରାପଡ଼ା ବ୍ଲକ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ । ତେବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଘଟଣାର ତଦନ୍ତ କରି ଯଦି ସେମିତି କୌଣସି ଅନିୟମିତତା ହୋଇଥାଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ସିଟି salad

### ଅରୁଣଙ୍କ ନାଲୁଆ ଘୋଡା



ରାଜ୍ୟରେ ପୁଣିଥରେ ଘୋଡା ପ୍ରସଙ୍ଗ ଉଠିଛି। ହେଲେ ଏଥର ଘୋଡା ବେପାରକୁ ନେଇ ନୁହେଁ, ଉଠିଛି ଘୋଡାର ପ୍ରକାରକୁ ନେଇ। ବିଧାନସଭାରେ ନୟାଗଡ ବିଧାୟକ ଡକ୍ଟର ଅରୁଣ ସାହୁ ୧୧ ପ୍ରକାର ଘୋଡାଙ୍କ ତାଲିକା ଜାରି କରିବାପରେ ଏହାକୁ ନେଇ ଖୋଳତାଡ ଆରମ୍ଭ ହୋଇଛି। ତେବେ ଅରୁଣଙ୍କ ଘୋଡା ତାଲିକାରେ ନାଲୁଆ ଘୋଡା ରହିଥିବାବେଳେ ଏହି ଘୋଡାର ଆକାର ଓ ପ୍ରକାରକୁ ନେଇ କିଛି ଲୋକ ତର୍ଜମା ଆରମ୍ଭ କରିଛନ୍ତି। ରାଜ୍ୟସଭା ଘୋଡା ବେପାର ଆଲୋଚନା ଥମି ନଥିବାବେଳେ ଅରୁଣଙ୍କ ଘୋଡା ତାଲିକା ଏହାକୁ ପୁଣିଥରେ ତାଜା କରିଛି। କାହାକୁ ଲକ୍ଷ୍ୟକରି ଅରୁଣ ଏହି ତାଲିକା ଦେଲେ ତାହାର ଖୋଜା ଚାଲିଛି। କାରଣ ରାଜ୍ୟସଭା ନିର୍ବାଚନରେ ୧୧ଜଣ କ୍ରସ ଭୋଟିଂ କରିଥିବାବେଳେ ଅରୁଣ ବି ସମାନ ସଂଖ୍ୟକ ଘୋଡାଙ୍କ ପ୍ରକାରର ତାଲିକା ଜାରି କରିଛନ୍ତି। ଏହି ତାଲିକାରେ ଆରବ ଘୋଡା ଠାରୁ ଆରମ୍ଭ କରି ଟଟୁ ଘୋଡା ରହିଥିବାବେଳେ ନାଲୁଆ ଘୋଡା ବି ରହିଛି। ସୁ ସାହିତ୍ୟିକ ତଥା କବି ଅରୁଣ ୧୧ଜଣଙ୍କ ମଧ୍ୟରୁ କାହାକୁ ଏହି ନାଲୁଆ ଘୋଡା ବୋଲି ପରୋକ୍ଷରେ କହିଛନ୍ତି ତାହାକୁ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ନାଲୁଆ ଘୋଡା ଟଙ୍କା ଖାଏ କି ନାହିଁ ସେ ସଂକ୍ରାନ୍ତରେ ବିଧାନସଭା ନିକଟରେ ଆଲୋଚନା ଚାଲିଥିବାବେଳେ ଆମେ ଟିକେ ସେଠାରେ କାନଡେରି ଶୁଣିବାରୁ ଜଣେ କହୁଥିଲେ ଅରୁଣଙ୍କ କଥାରେ ଦମ୍ ଅଛି। ବାଛି ବାଛି ୧୧ ପ୍ରକାରର ଘୋଡା ତାଲିକା ଜାରି କରିଛନ୍ତି। ସବୁ ଘୋଡାଙ୍କୁ ଚିହ୍ନି ହେଉଛି ହେଲେ ଏ ନାଲୁଆ ଘୋଡା କଥାଟି କେବଳ ଅରୁଣ ବାବୁ ହିଁ ଜାଣିଛନ୍ତି। ତାଙ୍କୁ ପଚାରିଲେ ଜଣାପଡିବ।

### ଭାଲୁ ସାଙ୍ଗରେ ଲାଗିଲେ ଆମ୍ପୁଡା ନିଶ୍ଚିତ



ଭାଲୁ ସାଙ୍ଗରେ ଲାଗିଲେ ଆମ୍ପୁଡା ନିଶ୍ଚିତ ଖାଇବ। ତେଣୁ ଭାଲୁ ସାଙ୍ଗରେ ଲାଗିବା ଅପେକ୍ଷା ଭାବ କରିବା ହିଁ ଭଲ। ଏକଥା ଖୋଦ ବିଜେପି ଦଳର କିଛି ବିଧାୟକ ଆଲୋଚନା କରୁଥିବାବେଳେ ଆମ କାନରେ ପଡିଲା। ଜଣେ ବିଧାୟକ କହୁଥିଲେ ବିଧାନସଭାରେ ଭାଲୁ ମାନେ ତାରା ବାହିନିପତି କେବଳ ବରିଷ୍ଠ ନୁହନ୍ତି, ଅଭିଜ୍ଞତା ସମ୍ପନ୍ନ ବିଧାୟକ। ତାଙ୍କ ସାଙ୍ଗରେ ଲାଗିଲେ ନାମ ନେବା ଥୟ। ଯେମିତି ନାମ ନେଲେ ଗଞ୍ଜାମର ଯୁବ ବିଧାୟକ ଦ୍ୟାନସାମନ୍ତରାୟ। ଭାଲୁ ବାବୁ ବିଜୁ ବାବୁଙ୍କ ପ୍ରସଙ୍ଗରେ କହୁଥିବାବେଳେ ଦ୍ୟାନସାମନ୍ତରା ବାବୁ ନିଜ ଆସନରେ ବସି ରନିଂ କମେଣ୍ଟ୍ରି କରିଦେଲେ। ପ୍ରଥମେ ଭାଲୁ କିଛି କହିଲେନି, ଯେତେବେଳେ କମେଣ୍ଟ୍ରି ଅଧିକ ହେଲା ସିଧା ଆକ୍ରମଣ କଲେ। କହିଲେ ବିଜୁ ବାବୁଙ୍କ କଥା ବାପାଙ୍କୁ ପଚାରିବ। ଏତିକିରେ ଦ୍ୟାନସାମନ୍ତରାୟ ରହିଯିବା କଥା। ହେଲେ ଅଟକିଲେନି। ଭାଲୁ କେତେ ବିପଦଜନକ ତାହା ଜାଣିପାରିଲେନି। ପୁଣି ମୁହଁ ଖୋଲିବାକୁ ଭାଲୁ ପୂରା ଆକ୍ରମଣ ମୁଦ୍ରାକୁ ଆସି ଏମିତି ଶୁଣାଇଲେ ଯେ ଦ୍ୟାନସାମନ୍ତରାୟ ଆଉ ପାଟି ଖୋଲି ପାରିଲେନି। ତାଙ୍କ ସପକ୍ଷରେ କେହି ବି ବାହାରିଲେନି। ସେପଟେ ଭାଲୁ କହୁଥାନ୍ତି ମୋ ସାଙ୍ଗରେ ଲାଗନି। ମୁହଁ କାହାକୁ ଛାଡିବିନି। ଏକଥା ଶୁଣିଲାପରେ ଆଉ ଯେଉଁ ଜଣେ ଦୁଇ ଜଣ କ'ଣ କହିବେ ବୋଲି ବାହାରୁଥିଲେ ସେମାନେ ଅନ୍ୟଆଡକୁ ମୁହଁକରି ବସିଲେ। ସତରେ ଭାଲୁ ସାଙ୍ଗରେ ଲାଗିଲେ ଆମ୍ପୁଡା ଖାଇବା ନିଶ୍ଚିତ। ବିଧାୟକଙ୍କ ପାଟିରୁ ଏତିକି କଥା ସରିଲାପରେ ସମସ୍ତେ ଭାଲୁବାବୁଙ୍କୁ ତାରିଫ କରି ସେଠାରୁ ପଳାଇଲେ।

### ପୋଖରୀ ପାଣିରେ ୩ କୋଟି



ପୋଖରୀ ସଫା ପାଇଁ ବରାଦ ହୋଇଛି ୩ କୋଟି ଟଙ୍କା। ଏହାକୁ ନେଇ ପୋଖରୀ ମାଲିକ ଓ ସରକାର ଟଣାଓଟରା। ଅବଶ୍ୟ ନୂଆ ପୋଖରୀ ଖୋଳିବାପାଇଁ ଟଙ୍କା ବରାଦ ହୋଇନି। ପୁରୁଣା ପୋଖରୀର ରକ୍ଷଣା ବେକ୍ଷଣ ପାଇଁ ୩ କୋଟି ବରାଦ ଏବେ ପିପିଲି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପୋଖରୀଟି ରହିଛି ପିପିଲି-ଡେଲାଙ୍ଗ ଅଞ୍ଚଳର ବେରବୋଇ ଗାନ୍ଧୀ ସ୍ମୃତିପୀଠରେ। ଗାନ୍ଧୀ ସ୍ମୃତିପୀଠର ବିକାଶ ପାଇଁ ସରକାର ୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରୁ ୩କୋଟି କେବଳ ପୋଖରୀ ପାଇଁ ରହିଛି। ଭଲ ଥିବା ପୋଖରୀରେ ଏତେ ଟଙ୍କା କ'ଣ ହେବ ତାହାକୁ ନେଇ ସ୍ଥାନୀୟ ଲୋକେ ହିସାବ କିତାବ କରୁଥିବାବେଳେ ଘରୋଇ ମାଲିକାନାରେ ଥିବା ଏହି ପୋଖରୀର ମାଲିକ ବି ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଗାନ୍ଧୀଙ୍କ ନାଁରେ ପୋଖରୀ ପାଣିରେ ୩ କୋଟି ଟଙ୍କା ପକାଇବାପାଇଁ କେହି ରାଜି ହେଉନଥିବାବେଳେ କାମ କରିବାକୁ ଆଗ୍ରହୀ ଥିବା ଠିକାଦାରମାନେ ଅକଳରେ ପଡିଯାଇଛନ୍ତି। ନିକଟରେ ବେରବୋଇରେ ଅନୁଷ୍ଠିତ ଗାନ୍ଧୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିବା ସ୍ଥାନୀୟ ବିଧାୟକଙ୍କୁ ଏ ସଂକ୍ରାନ୍ତରେ ଜଣାଇବାପାଇଁ ଅଞ୍ଚଳବାସୀ ସଜବାଜ ହୋଇଥିଲେ। ହେଲେ କୌଣସି କାରଣରୁ ବିଧାୟକ ଆସିଲେନି। ଏବେ ସ୍ଥାନୀୟ ଲୋକେ କହୁଛନ୍ତି ୩ କୋଟି ଟଙ୍କାରେ କ'ଣ କରିବ ଆଗ କୁହ, ତା ପରେ ପୋଖରୀରେ ପଶିବ। ଏହା ଶୁଣିବାପରେ ସରକାରୀ ବାବୁମାନଙ୍କର ବି ଅକଲ ଗୁଡୁମ। ଗାନ୍ଧୀପୀଠରେ ଏଭଳି ଗଡସେ କାର୍ଯ୍ୟ ପିପିଲି-ଡେଲାଙ୍ଗ ଅଞ୍ଚଳରେ ଆଲୋଚନାର ବିଷୟବସ୍ତୁ ହୋଇଥିବାବେଳେ ଧିରେ ଧିରେ ଏହି ପୋଖରୀ ଖର୍ଚ୍ଚ କଥାଟି ରାଜଧାନୀରେ ଆସି ପହଞ୍ଚିଗଲାଣି।

### ଗ୍ୟାସ କମ୍ ପବନ ବେଶୀ



ରାଜ୍ୟରେ ଗ୍ୟାସ ସିଲିଣ୍ଡରଟିଏ ପାଇବାପାଇଁ ଲୋକେ ହନ୍ତସନ୍ତ ହେଉଥିବାବେଳେ ସେମାନଙ୍କ ଏହି ବିପଦରୁ ରକ୍ଷାପାଇଁ ବିଭାଗୀୟ ମନ୍ତ୍ରୀ ରାଜଧାନୀବାସୀଙ୍କ ପାଇଁ ଯେଉଁ ଫର୍ମୁଲା ବାହାର କରିଛନ୍ତି ତାହା କେବଳ ପବନ ବୋଲି ଚର୍ଚ୍ଚା ଚାଲିଛି। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ ତିନି ମାସ ଭିତରେ ରାଜଧାନୀ ସମେତ ସବୁ ସହରାଞ୍ଚଳରେ ସମସ୍ତଙ୍କ ଗରକୁ ପାଇପ୍ ଯୋଗେ ଗ୍ୟାସ ସଂଯୋଗ ହୋଇଯିବ। ଆଉ ସିଲିଣ୍ଡର ଦରକାର ହେବନି। ରୋଷେଇ ଘରେ ଚାବି ମୋଡିଲେ ଗ୍ୟାସ ବାହାରିବ। ଏକଥା ଶୁଣିଲା ପରେ ରାଜଧାନୀର ବିଭିନ୍ନ ସ୍ଥାନରେ ଆଲୋଚନା ଚାଲିଛି। ଗ୍ୟାସ ମନ୍ତ୍ରୀଙ୍କର ଏହା ପବନ ବୋଲି ଲୋକେ କହିବାକୁ ପଛାଉ ନାହାନ୍ତି। ଯେଉଁ କାମ ଆଠ ବର୍ଷ ଭିତରେ ହୋଇପାରିଲା ନାହିଁ ମନ୍ତ୍ରୀ ତାହାକୁ ତିନିମାସ ଭିତରେ କିଭଳି ସାରିବେ ବୋଲି ପରସ୍ପରକୁ ପ୍ରଶ୍ନ କରୁଛନ୍ତି। ଗୋଟିଏ ସ୍ଥାନରେ କିଛି ଗେରୁଆ ବାହିନୀ ଏହାକୁ ନେଇ ଆଲୋଚନା କରୁଥିବାବେଳେ କେହି କାହାରି ପ୍ରଶ୍ନର ଉତ୍ତର ଦେଇପାରୁନଥିଲେ। ଜଣେ ସାହସ କରି କହୁଥାନ୍ତି ବୁଝିଲେ ଆଜ୍ଞା, ଏ ମନ୍ତ୍ରୀ ଗ୍ୟାସ ଦେବେ କଣ ଯେଉଁ ପବନ କରୁଛନ୍ତି ସେଥିରୁ ଲୋକେ ସବୁ ବୁଝିଗଲେଣି। ଏମିତି ପବନ ଯେ ପ୍ରତିଶ୍ରୁତି ବି ଉଡିଯିବା ଅବସ୍ଥାରେ। ଏତକ ଶୁଣିବାପରେ ଅନ୍ୟ ଗେରୁଆ ଭାଇମାନେ ସେଠାରେ ଯେଝା ବାଟରେ ଯିଏ ତର ତର ହୋଇ ପଳାଇବା ଦେଖିବାକୁ ମିଳିଥିଲା।

### କୁଆଡ଼େ ଗଲେ ରୁଷିବାବୁ ?



କଟକ ବିଜେଡିର ବଡ ନେତା ତଥା ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଓରଫ ରୁଷି ବାବୁ କୁଆଡେ ଗଲେ ବୋଲି ଏବେ ଖୋଦ ବିଜେଡି ନେତାମାନେ ଆଲୋଚନା କରୁଛନ୍ତି। ଶଙ୍ଖଭବନ ନିକଟରେ ଚାଲିଥିବା ଆଲୋଚନ ଅନୁଯାୟୀ କଟକରେ ଏବେ ବିଜେଡି ଟଳମଳ ଅବସ୍ଥାରେ। ସୁବାସ ବାବୁଙ୍କ ନିଶ ହଳକ ବାଜିରେ ଲାଗି ଗଲାଣି। ବିଶ୍ୱାଳ ଆଣ୍ଡ ସନ୍ ବିଜେଡି ଗଡକୁ ଭାଙ୍ଗିବାକୁ ଜୋରଦାର ଭାବେ ଲାଗିଛନ୍ତି। ଜଣେ ପିତୃ ସତ୍ୟ ପାଳନ କରୁଥିବାବେଳେ ଆଉ ଜଣେ ପୁରୁଣା ରାଗ ଶୁଝାଉଛନ୍ତି। ସେହିଭଳି ବାଙ୍କି ପଟୁ ବି ବିଶ୍ୱାଳ କମ୍ପାନୀଙ୍କୁ ଫୁଲ ସର୍ପୋଟ ମିଳୁଛି। ଏମାନେ ଏବେ ସୁବାସ ବାବୁଙ୍କ ଚଉକି ନେବାପାଇଁ ଲାଗିଥିବାବେଳେ ରୁଷି ବାବୁଙ୍କର କିନ୍ତୁ ଦେଖାଦର୍ଶନ ନାହିଁ। ବିଜେଡି ପାଇଁ ଅନେକ ସମୟରେ କଟକ ହୁଲୁସ୍ଥୁଲୁ କରୁଥିବା ରୁଷି ବାବୁ ନିରବ ଥିବାବେଳେ କୌଣସି ପ୍ରକାରେ ପ୍ରତାପ ବାବୁ ସ୍ଥିତି ସମ୍ଭାଳି ନେଇଛନ୍ତି। ଗୋଠ ଛାଡିବାକୁ ସ୍ଥିର କରିଥିବା କର୍ପୋରେଟରମାନଙ୍କୁ ବୁଝାଇଛନ୍ତି। ଫଳେ ପୁଣ୍ଟେ ସନ୍ତୁଷ୍ଟ କରିଛନ୍ତି। କିନ୍ତୁ ଦଳର ଟାଣୁଆ ନେତା ରୁଷି ବାବୁ କିନ୍ତୁ ନିରବ ରହିବା ଅନେକଙ୍କୁ ଚିନ୍ତାରେ ପକାଇ ଦେଇଛନ୍ତି। ରୁଷି ବାବୁ ଏ ପ୍ରସଙ୍ଗରେ କ'ଣ ଚାହୁଁଛନ୍ତି ତାଙ୍କ ଗତି କୁଆଡେ ବୋଲି ଖୋଦ ବିଜେଡି ଭିତରେ ଆଲୋଚନା ଚାଲିଥିବାବେଳେ ମଉକା ଦେଖି ରୁଷି ବାବୁ କୁଆଡେ ରୁସି ଥିବା ଆଲୋଚନା ହେଉଛି।

# ମେଟ୍ରୋ ଏବେ ନୁହେଁ, ଭବିଷ୍ୟତ ଯୋଜନା

- ଏବେ ମେଟ୍ରୋ ଚଲାଇଲେ ବାର୍ଷିକ ୨ ହଜାର ଘାଟା
- କେନ୍ଦ୍ରର ବିନା ସହମତିରେ ବିଜେଡି କରିଥିଲା ନିଜସ୍ୱ ପ୍ଲାନ



ଭୁବନେଶ୍ୱର, ୫।୪ (ସଂଚାର ବ୍ୟୁରୋ) : ମେଟ୍ରୋ ପ୍ରକଳ୍ପକୁ ନେଇ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବଡ଼ ଖୁଲାସା କରିଛନ୍ତି। ରାଜ୍ୟରେ ଆଗାମୀ ଦିନରେ ନିଶ୍ଚିତ ହେବ ମେଟ୍ରୋ। ବର୍ତ୍ତମାନ ସ୍ଥିତିରେ ମେଟ୍ରୋ କରି ନିଜର ନିର୍ବାଚନ ଚାଲ ଖେଳିବା ଏବଂ ମେଟ୍ରୋ କରି ପ୍ରତିବର୍ଷ ୨ ହଜାର କୋଟି କ୍ଷତି କରିବାର ଆବଶ୍ୟକତା ନାହିଁ। ଆଗାମୀ ଦିନରେ ମେଟ୍ରୋକୁ ନେଇ ସରକାର ଗମ୍ଭୀର ଅଛନ୍ତି। ମୋବିଲିଟି ପ୍ଲାନ୍ ହେବା ପରେ ମେଟ୍ରୋକୁ ନେଇ ସରକାର ଚିନ୍ତା କରିବେ ବୋଲି ସେ କହିଛନ୍ତି।

ଏଥିସହ ମେଟ୍ରୋ ପ୍ରକଳ୍ପକୁ ନେଇ ପୂର୍ବ ସରକାରକୁ ଦୋଷ ଦେଇଛନ୍ତି ପୂର୍ତ୍ତମନ୍ତ୍ରୀ। କହିଛନ୍ତି ମେଟ୍ରୋକୁ ନେଇ ଯେଉଁ ଚୁକ୍ତି ହୋଇଥିଲା ଏହା ଫଲ୍ଟି କଣ୍ଟ୍ରାକ୍ଟ। ଯେଉଁଠି ମେଟ୍ରୋ ହୋଇଛି ସେଠି କେନ୍ଦ୍ର ସରକାରଙ୍କ ସହାଭାଗିତାରେ ହୋଇଛି। ଗତ ସରକାର ସମୟରେ ମେଟ୍ରୋ ପାଇଁ ଯେତେବେଳେ ବ୍ୟବସ୍ଥା କଲେ ସେତେବେଳେ ଜାଣିଶୁଣି କେନ୍ଦ୍ର ସରକାରଙ୍କ ସହମତି ନ ନେଇ ରାଜ୍ୟ ଯୋଜନାରୁ କରିବେ ବୋଲି ବିଚାର କରୁଥିଲେ। ମେଟ୍ରୋ ପାଇଁ ଯେଉଁ ଯୋଜନା ହୋଇଛି, ଏବେ କଲେ ସେଥିରେ ବ୍ୟାପକ କ୍ଷତି ହେବ। ଆଗାମୀ ଦିନରେ ସରକାର ଯେ କୌଣସି ସମୟରେ ଏହା ଉପରେ ନିଷ୍ପତ୍ତି ନେବେ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

ଏହାର ପାଲଟା ଜବାବ ଦେଇଛି ବିରୋଧୀ ଦଳ। ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ବନ୍ଦ ହେବା ଦୁଃଖଦାୟକ। ବିଜେଡି କାଳେ ମାଇଲେଜ୍ ନେଇଯିବ ସେଥିପାଇଁ ବିଜେପି ସରକାର ମେଟ୍ରୋ ପ୍ରକଳ୍ପକୁ ବନ୍ଦ କରିଦେଲେ ବୋଲି ଅଭିଯୋଗ କରିଛନ୍ତି ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା। ଓଡ଼ିଶା ବୋଧେ ଆଉ ମେଟ୍ରୋ ଦେଖିପାରିବ ନାହିଁ। ମେଟ୍ରୋ ପାଇଁ ୨୭୨ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲା। ମେଟ୍ରୋ ଲୋକଙ୍କ ଯାତାୟାତ ପାଇଁ ଯଥେଷ୍ଟ ଗୁରୁତ୍ୱ ରଖେ। ମେଟ୍ରୋ ନ ରହିଲେ କୌଣସି ରାଷ୍ଟ୍ର ବ୍ୟବସାୟ ପାଇଁ ଆସିବେ ନାହିଁ। ମେଟ୍ରୋ ନ ଚଳାଇବା ସରକାରଙ୍କ ହୀନ ମାନସିକତା ବୋଲି ଶ୍ରୀ ଜେନା କହିଛନ୍ତି।

ବାଲି ଉଠାଣକୁ ନେଇ ତୁମୂଳ କାଣ୍ଡ

## ବୋମା ମାଡ଼ ସହ ଫୁଟିଲା ଗୁଳି

- ୫୦ ଜଣଙ୍କ ବିରୋଧରେ ଏତଲା

କାକଟପୁର/ଅସ୍ତରଙ୍ଗ, ୫।୪ (ସଂଚାର ବ୍ୟୁରୋ): ପୁରୀ ଓ ଜଗତସିଂହପୁର ଜିଲ୍ଲା ସନ୍ନିକଟ ଦେବୀ ନଦୀ ଶଯ୍ୟାରୁ ଉଠୁଛି ଟନ୍ ଟନ ବାଲି। ଏହାକୁ ନେଇ ଗତବର୍ଷ ବାଲି ଉଠାଉଥିବା ମାଫିଆ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଗଣ୍ଡଗୋଳ ହୋଇଥିଲା। ଚଳିତ ବର୍ଷ ମଧ୍ୟ ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ବାଲିକୁଳ ନିକଟରେ ସୁଯୋଗ ନେଇ ସେଠାରେ କେହି ଦୁର୍ବୃତ୍ତ ବୋମା ମାଡ଼ କରିବା ସହ ଫାଙ୍କା ଗୁଳି ଚାଳନା କରିଥିଲା। ଖବର ପାଇ କାକଟପୁର ଥାନା ପୁଲିସ ସେଠାରେ ପହଞ୍ଚି ଉତ୍ତେଜନାକୁ ଶାନ୍ତ କରିଥିଲା। କିନ୍ତୁ ଗତକାଲି ପୂର୍ବାହ୍ନସମୟରେ ବାଲିକୁଳ ଓ ଆଖପାଖ ଅଞ୍ଚଳର କେତେକ ଲୋକେ କାକଟପୁର ଥାନାରେ ପହଞ୍ଚି ବାଲି ଉଠାଣ ବନ୍ଦ କରିବା ଦାବି କରିବା ସହ ବୋମା ମାଡ଼ କରିଥିବା ଦୁର୍ବୃତ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ



ବାଲି ଉଠାଣକୁ ନେଇ ସ୍ଥାନୀୟ ବାସିନ୍ଦା ଓ ବାଲି ମାଫିଆଙ୍କ ମଧ୍ୟରେ ଟକରାଟକରି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏନେଇ ସ୍ଥାନୀୟ ଲୋକେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଓ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇଙ୍କୁ ଅବଗତ କରାଇଥିଲେ। ଉଭୟ ଜନପ୍ରତିନିଧି ମଧ୍ୟ ଉକ୍ତ ଅଞ୍ଚଳ ଗସ୍ତ କରି ସମସ୍ୟା ଦୂର ପାଇଁ ଏକାଧିକ ବାର ବୈଠକ କରିଛନ୍ତି। କିନ୍ତୁ ଏହି ବିବାଦରୁ ଗତ ଶୁକ୍ରବାର ରାତିରେ ବାଲି ଉଠାଣ ସମୟରେ ଅନ୍ଧାରର ଦାବି କରିଥିଲେ। ଏହାଛଡ଼ା ସରକାରୀ ବାଲିଘାଟରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଜନୈକ ବ୍ୟକ୍ତି ଥାନାରେ ଏତଲା ଦେଇଛନ୍ତି। ଏହି ଘଟଣାରେ ଦୁଇଟି ମାମଲା ରୁଜୁ ହୋଇଥିବା ବେଳେ ପାଖାପାଖି ୫୦ ଜଣଙ୍କ ବିରୋଧରେ ଅଭିଯୋଗ କରାଯାଇଛି। ତେବେ ବୋମାମାଡ଼କୁ ୪୮ ଘଣ୍ଟା ବିତିଯାଇଥିଲେ ମଧ୍ୟ ସ୍ଥାନୀୟ ପୁଲିସ୍ ଏହି ମାମଲାରେ କାହାରିକୁ ବି ଗିରଫ କରିପାରିନାହିଁ। ବାଲି ଉଠାଣ ବନ୍ଦ ନ ହେଲେ ସ୍ଥାନୀୟ ଲୋକେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

## ରାହୁଲଙ୍କ ମୃତ୍ୟୁ ମାମଲାର ଉଚ୍ଚସ୍ତରୀୟ ତଦନ୍ତ ଦାବି

**ସମୁଦ୍ରରେ ଶୁଟିଂ ବେଳେ ନ ଥିଲା ସୁରକ୍ଷା ବ୍ୟବସ୍ଥା**



ଜଳେଶ୍ୱର, ୫।୪ (ସଂଚାର ବ୍ୟୁରୋ) :ବାଲେଶ୍ୱର ଜିଲ୍ଲା ତାଳସାରୀ ବେଳାଭୂମିରେ ଏକ ବଙ୍ଗଳା ଟେଲି ଫିଲ୍ମର ଶୁଟିଂ ବେଳେ ଗତ ସପ୍ତାହେରେ ଅଭିନେତା ରାହୁଲ ବାନାର୍ଜୀ ସମୁଦ୍ରରେ ବୁଡ଼ି ମୃତ୍ୟୁବରଣ କରିଥିଲେ। ତେବେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ପରିବାର ଲୋକେ ଓ ଚଳଚ୍ଚିତ୍ର ଜଗତର କଳାକାରମାନେ ଦାବି କରିଛନ୍ତି। ଏନେଇ ଆଜି ତାଳସାରୀ ମେରାଇନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ରାହୁଲଙ୍କ ପତ୍ନୀ ପ୍ରିୟଙ୍କା ବାନାର୍ଜୀ ଏହି ଅଭିଯୋଗ ଦାୟର୍ କରିଛନ୍ତି। ରାହୁଲଙ୍କ ମୃତ୍ୟୁକୁ ଇତିମଧ୍ୟରେ ସପ୍ତାହେରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ଏହାକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ସେହିପରି ସମୁଦ୍ରରେ ଶୁଟିଂ ବେଳେ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇନଥିବା ଅଭିଯୋଗ ବି ହୋଇଛି। ସୂଚନାଯୋଗ୍ୟ ଯେ ଗତ ୨୯ରେ ତାଳସାରୀ ବେଳାଭୂମିରେ ବୋଟ୍‌ରେ ଶୁଟିଂ କରୁଥିବା ସମୟରେ ଅସାବଧାନତାବଶତଃ ରାହୁଲ ଓ ତାଙ୍କ ସହ ଅଭିନୟ କରୁଥିବା ଅଭିନେତ୍ରୀ ଶ୍ୱେତା ମିଶ୍ର ପାଣିରେ ଖସି ପଡ଼ିଥିଲେ। ସେମାନେ ଗଭୀର ପାଣି ସ୍ରୋତରେ ଭାସିଯାଇଥିଲେ। ତେବେ ସ୍ଥାନୀୟ ଲୋକେ ଅନ୍ୟ ବୋଟ୍ ସାହାଯ୍ୟରେ ଉଭୟଙ୍କୁ ଉଦ୍ଧାର କରି ଦୀଘା ଷ୍ଟେଟ୍ ଜେନେରାଲ୍ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ରାହୁଲଙ୍କୁ ମୃତ ଘୋଷଣା କରିଥିଲେ।

## କୁଖ୍ୟାତ ଅପରାଧୀ ମୁନା ହାତରେ ପଡ଼ିଲା ହାତକଡ଼ି



- ବିଭିନ୍ନ ଥାନାରେ ରହିଛି ୧୦ରୁ ଉର୍ଦ୍ଧ୍ୱ ମାମଲା
- ବୋମାମାଡ଼ ଘଟଣାରେ ପୁଲିସ ଗୋଡ଼ାଇ ଗୋଡ଼ାଇ ଧରିଲା

କାକଟପୁର/ଅସ୍ତରଙ୍ଗ,୫।୪(ସଂଚାର ବ୍ୟୁରୋ):ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ଼ ସାମୁଦ୍ରିକ ଥାନା ପୁଲିସ ଆଜି ବୋମାମାଡ଼ ଘଟଣାର ଅଭିଯୁକ୍ତ ତଥା କୁଖ୍ୟାତ ଅପରାଧୀ ରାଧାମୋହନ ଓରଫ ମୁନା ବିଶ୍ୱାଳ (୩୪)କୁ ଗିରଫ କରିଛି।

ମିଳିଥିବା ସୂଚନାନୁସାରେ, ଗତକାଲି ରାତିରେ ଅସ୍ତରଙ୍ଗ ନିକଟସ୍ଥ ଝାଡ଼ଲିଙ୍ଗରେ ଚୈତ୍ର ପୂର୍ଣ୍ଣିମା ଅବସରରେ ଘୋଡ଼ା ନାଚ ଚାଲିଥିଲା। ତେବେ ସେଠାରେ ଅଚାନକ ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ପହଞ୍ଚି ମୁନା ଅସଭ୍ୟ ଭାଷାରେ ଗାଳିଗୁଲଜ ଆରମ୍ଭ କରିଦେଇଥିଲା। ଏଥିସହ ସେ ଜାତିଆଣା ଆକ୍ଷେପ ମଧ୍ୟ କରିଥିଲା। ପରେ ସେ ଉତକ୍ଷିପ୍ତ ହୋଇ ସେଠାରେ ଏକ ହାତ ତିଆରି ବୋମା ମାଡ଼ କରିଥିଲା। ଏଥିରେ ସେଠାରେ ମହଜୁଦ ଥିବା ପ୍ରାୟ ୩ ଶହ ଦର୍ଶକ ଓ ସ୍ଥାନୀୟ ଅଧିବାସୀମାନେ ଭୟଭୀତ ହୋଇପଡ଼ିଥିଲେ। ଏଥିସହ ଏହି ବୋମାମାଡ଼ରେ କୌଶଲ୍ୟା ବେହେରା ନାମ୍ନୀ ଜନୈକା ମହିଳା ବି ଆହତ ହୋଇଥିଲେ। ଏନେଇ ନୂଆଗଡ଼ ସାମୁଦ୍ରିକ ଥାନାରେ ଶତାଧିକ ଗ୍ରାମବାସୀ ପହଞ୍ଚିବା ସହ ଏତଲା ଦେଇଥିଲେ। ଏନେଇ ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ନୂଆଗଡ଼ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା, ଏଏସଆଇ ଯୁଧିଷ୍ଠିର ସାହୁଙ୍କ ସମେତ ପୁଲିସ୍ ଟିମ୍ ଆଜି ସକାଳେ ମୁନା ଘରେ ପହଞ୍ଚି ତାକୁ ଖୋଜିଥିଲେ। କିନ୍ତୁ ସେତେବେଳେ ପୁଲିସ୍ ଆଖିରେ ଧୂଳି ଦେଇ ମୁନା ଘରୁ ପଳାଇଯାଇଥିଲା। ତେବେ ପୁଲିସ୍ ଟିମ୍ ମଧ୍ୟ ପଛଘୁଞ୍ଚା ଦେଇନଥିଲା। ମୁନାକୁ ପାଖାପାଖି ୨ ଶହ ମିଟର ଦୂର ପର୍ଯ୍ୟନ୍ତ ଗୋଡ଼ାଇବା ସହ ଶେଷରେ ପୁଲିସ୍ ତାକୁ କାବୁ କରିଥିଲା। ସେହିପରି ଆହତ କୌଶଲ୍ୟା ଓ ଗ୍ରାମବାସୀଙ୍କ ଅଭିଯୋଗ ଭିତ୍ତିରେ ନୂଆଗଡ଼ସ୍ଥିତ ଅସ୍ତରଙ୍ଗ ସାମୁଦ୍ରିକ ଥାନା ୧୨/୨୬ରେ ମାମଲା ରୁଜୁ କରିବା ସହ ଅସ୍ତରଙ୍ଗ ନିମାପଡ଼ା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ଅସ୍ତରଙ୍ଗ ଥାନାଧିକାରୀ ବିଦିତା ନାୟକ, ଅସ୍ତରଙ୍ଗ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରାଙ୍କ ଉପସ୍ଥିତିରେ ଅସ୍ତରଙ୍ଗ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ମୁନାର ଗିରଫଦାରୀ ନେଇ ସୂଚନା ଦେଇଥିଲେ। ପୂର୍ବରୁ ମୁନା ନାମରେ ବିଭିନ୍ନ ଥାନାରେ ୧୦ରୁ ଉର୍ଦ୍ଧ୍ୱ ମାମଲା ରହିଥିବା ଜଣାପଡ଼ିଛି। ଏଥିରେ ହତ୍ୟା, ବଟି ଦାବି ଆଦି ଅଭିଯୋଗ ରହିଛି। ଅନ୍ୟପକ୍ଷରେ ବୋମାମାଡ଼ ସ୍ଥଳରେ ଆଜି ଅପରାହ୍ନରେ ପୁରୀ ସାଇଣ୍ଟିଫିକ ଟିମ୍ ଅଧିକାରୀ ଆଦିତ୍ୟ ରଞ୍ଜନ ନାୟକ ପହଞ୍ଚି ନମୁନା ସଂଗ୍ରହ କରିଛନ୍ତି। ଅସ୍ତରଙ୍ଗ ସାମୁଦ୍ରିକ ଥାନା ପୁଲିସ ମୁନାକୁ କୋର୍ଟରେ ହାଜର କରିବା ପରେ ସେଠାରେ ତା'ର ଜାମିନ୍ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କିନ୍ତୁ ବିଭିନ୍ନ ଅପରାଧିକ ମାମଲା ଘଟାଉଥିବା ମୁନା ବିଭିନ୍ନ ଘଟଣା ସମ୍ପୃକ୍ତ ଥିବା ବେଳେ ବାରମ୍ବାର ଜାମିନ ହୋଇ ବିଭିନ୍ନ ଅପରାଧୀ କାର୍ଯ୍ୟଘଟାଉଥିବା ସ୍ଥାନୀୟ ଅଂଚଳରେ ଚର୍ଚ୍ଚା କେନ୍ଦ୍ର ବିନ୍ଦୁ ପାଲଟିଛି।

## ବିପୁଳ ପରିମାଣର ବାଣ ଜବତ, ୨ ଅଟକ



ଉମରକୋଟ,୫।୩(ସଂଚାର ବ୍ୟୁରୋ):ବେଆଇନ ବାଣ ଗଚ୍ଛିତ ରଖିବା ଅଭିଯୋଗରେ ଚଢ଼ାଉ ହୋଇଛି। ଏହି ଚଢ଼ାଉରେ ଲକ୍ଷାଧିକ ଟଙ୍କାର ବାଣ ଜବତ କରାଯିବା ସହ ଦୁଇ ଜଣଙ୍କୁ ଅଟକ ରଖାଯାଇଛି। ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳ ଡିଏନକେ ଓ ଯୁଭି-୩ ଡଙ୍ଗରୀଗୁଡ଼ାରେ ପୁଲିସ୍ ପକ୍ଷରୁ ଏହି ଚଢ଼ାଉ କରାଯାଇଛି। ବେଆଇନ ବାଣ ଗଚ୍ଛିତ ଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ପୁଲିସ୍ ବିଜନ ମଲ୍ଲିକ ଓ ପ୍ରତାପ ଚନ୍ଦ୍ର ସାହାଙ୍କ ଘରେ ଚଢ଼ାଉ କରି ସେଠାରୁ ଲକ୍ଷାଧିକ ଟଙ୍କାର ବାଣ ଜବତ କରିଛି। ଦୁଇ ବ୍ୟବସାୟୀଙ୍କୁ ମଧ୍ୟ ଅଟକ ରଖି ପୁଲିସ୍ ପଚରାଉଚରା କରୁଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ନିକଟତରେ ବୀରମିତ୍ରପୁର ଗୋଲ ବଜାର ମାର୍କେଟସ୍ଥିତ ୩ଟି ବେଆଇନ ବାଣ ଦୋକାନରେ ସ୍ଥାନୀୟ ଥାନା ପୁଲିସ ପକ୍ଷରୁ ଚଢ଼ାଉ ହୋଇଥିଲା। ସେତେବେଳେ ପ୍ରାୟ ଏକ କୋଟି ଟଙ୍କାର ବାଣ ଜବତ କରାଯାଇଥିଲା। ଉକ୍ତ ୩ଟିଯାକ ଦୋକାନରେ ବିନା କୌଣସି ଲାଇସେନ୍ସରେ ବାରଣ ମହଜୁଦ ରହିଥିଲା।

## ଦିବ୍ୟାଙ୍ଗଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

ପଟ୍ଟାମୁଣ୍ଡାଇ,୫।୪(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଗାଙ୍ଗପଡ଼ା ଗ୍ରାମରେ ଜନୈକା ଦିବ୍ୟାଙ୍ଗ ଯୁବତୀଙ୍କୁ ଗ୍ରାମର ଜଣେ ଯୁବକ ଦୁଷ୍କର୍ମ କରିଥିବା ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଏ ନେଇ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ ଗିରଫ କରି ତନାଘନା ଚଳାଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ, ଗାଙ୍ଗପଡ଼ାରେ ଅଷ୍ଟ ପ୍ରହରୀ ପାଇଁ ଗତକାଲି ଟେଣ୍ଟ ବନ୍ଧାଯାଉଥିଲା। ଏହି କାମକୁ ନିକଟସ୍ଥ ଘରର ଉକ୍ତ ମାନସିକ ବିକାରଗ୍ରସ୍ତ ଯୁବତୀ ଜଣଙ୍କ ବସି ଦେଖୁଥିଲେ। ତେବେ ଉକ୍ତ ଯୁବତୀଙ୍କ ଅସହାୟତାର ସୁଯୋଗ ନେଇ ଅଭିଯୁକ୍ତ ଜଣଙ୍କ ତାଙ୍କୁ ନିକଟସ୍ଥ ଏକ ପରିତ୍ୟକ୍ତ ଘରକୁ ନେଇ ଦୁଷ୍କର୍ମ କରିଥିଲା। ଯୁବତୀଙ୍କୁ ଘର ଲୋକେ ବସିଥିବା ସ୍ଥାନରେ ନ ଥିବା ଦେଖି ଏଣେତେଣେ ଖୋଜାଖୋଜି କରିଥିଲେ। ଏହି ସମୟରେ ଯୁବତୀ ଜଣଙ୍କ ନିକଟସ୍ଥ ପରିତ୍ୟକ୍ତ ଘରୁ ଆସିଥିଲେ। ସେ କାନ୍ଦୁଥିବା ବେଳେ ତାଙ୍କ ପୋଷାକ ଚିରିଯାଇଥିଲା ଓ ଉକ୍ତ ଘରେ ଅଭିଯୁକ୍ତ ଜଣଙ୍କ ଶୋଇଥିବା ଦେଖିବାକୁ ମିଳିଥିଲା। ତେବେ ପାଟି ଶୁଣି ଅଭିଯୁକ୍ତ ଜଣଙ୍କ ଉଠିବା ସହ ଚତୁରତା ପୂର୍ବକ ସେଠାରୁ ଖସି ପଳାଇଯାଇଥିଲା। ପରେ ଏନେଇ ପୀଡ଼ିତା ଯୁବତୀଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଇଆଇସି ବନ୍ଦନା ପାତ୍ର ୧୪୮/୨୬ରେ ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# ୮ ଯାଏଁ କାଳବୈଶାଖୀ ତାଣ୍ଡବ!




ଭୁବନେଶ୍ୱର, ୫।୪ (ସଂଚାର ବ୍ୟୁରୋ) : ବଦଳିଲା ପାଗର ମିଜାଜ । ରାଜଧାନୀ ଭୁବନେଶ୍ୱରରେ କଳାହାଣ୍ଡିଆ ମେଘ। ବର୍ଷା ଲାଗି ସାମାନ୍ୟ ଆଶ୍ୱସ୍ତି ପାଇଲେ ରାଜଧାନୀବାସୀ। ଅନେକ ସ୍ଥାନରେ ଝିପ୍ ଝିପ୍ ବର୍ଷା ହେଉଛି। ପବନ ନାହିଁ କିନ୍ତୁ ବିଜୁଳି ଘଡ଼ଘଡ଼ି ମାରୁଛି। ତାତି ସିନା କମିଛି କିନ୍ତୁ ଗୁଳୁଗୁଳି ଅନୁଭୂତ ହେଉଛି। ଖବର ଅନୁଯାୟୀ, ସକାଳେ ପ୍ରବଳ ତାତି ହେଉଥିଲା। ଆଉ ଠିକ୍ ସାଢ଼େ ଗୋଟାଏ ବେଳକୁ କଳା ହାଣ୍ଡିଆ ମେଘ ଘୋଟି ଆସିଥିଲା। ଧୀରେ ଧୀରେ ଅପରାହ୍ନ ହେବା ସମୟରେ ଝିପ୍ ଝିପ୍ ବର୍ଷା ହୋଇଥିଲା । ଏହାସହ ଘଡ଼ଘଡ଼ି ମଧ୍ୟ ମାରୁଛି । କିଛି ସ୍ଥାନରେ ଗଛ ପତ୍ର ଭାଙ୍ଗିଥିବା ଖବର ମିଳିବା ସହ ଘର ଦ୍ୱାରା ପ୍ରଭାବିତ ହୋଇଥିବା କୁହାଯାଉଛି। ଆଜିଠୁ ରାଜ୍ୟରେ ବଢ଼ିବ କାଳବୈଶାଖୀ ପ୍ରଭାବ । ୮ ତାରିଖ ଯାଏ କାଳବୈଶାଖୀ ସମ୍ଭାବନା। କାଳ ବୈଶାଖୀକୁ ନେଇ ଆଗାମୀ ତିନି ଘଣ୍ଟା ପାଇଁ ୬ ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। କିଛି ସ୍ଥାନରେ ବର୍ଷା, ଘଡ଼ଘଡ଼ି ସହ ବଜ୍ରପାତ ସମ୍ଭାବନା ରହିଛି। ପବନ ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ପର୍ଯ୍ୟନ୍ତ ବଢ଼ିପାରେ। ଆଗାମୀ ଦୁଇ ଦିନରେ ତାପାମାତ୍ର ୨ରୁ ୪ ଡିଗ୍ରୀ କମିପାରେ । ଆଜି ରାଜ୍ୟର ଅଧିକାଂଶ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ଅଛି। ବର୍ଷା ବେଳେ ୪୦ ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ। ବାଲେଶ୍ୱର, ଭଦ୍ରକ ଏବଂ ମୟୂରଭଞ୍ଜକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ୨୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। କାଲି ବିଜୁଳି ଓ ଘଡଘଡି ପାଇଁ ୨୬ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ହୋଇଛି। ସେହିପରି ୭ ତାରିଖ ଏବଂ ୮ ତାରିଖ ପାଇଁ ୪ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ସେହିପରି କଟକ ବାଙ୍କୀ ଡମପଡ଼ା ବ୍ଲକ ଅଞ୍ଚଳରେ ଆଜି ଅପରାହ୍ନରେ ଦେଖିବାକୁ ମିଳିଛି କାଳବୈଶାଖୀର ପ୍ରଭାବ । ଡମପଡ଼ା ବ୍ଲକର ପାଥପୁର ଗାଁରେ ବଡ ବଡ ଗଛଗୁଡିକ ଭାଙ୍ଗି ପଡିଛି । ଗଛଗୁଡିକ ପଡିଯିବାରୁ କିଛି ଘର କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି । ଅଳ୍ପକେ ବର୍ତ୍ତିଛନ୍ତି ଦୁଇଟି ପରିବାର। ଘରେ ଥିବା ବେଳେ ଭାଙ୍ଗି ପଡ଼ି ଘର ଉପରେ ପଡ଼ିଲା ଗଛ ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ସୋମବାର ୬ ଏପ୍ରିଲ ୨୦୨୬
BUSINESS


# ଦୁଇ ଦିନରେ ବିଦେଶୀ ନିବେଶକ ଉଠାଇନେଲେ ୧୯,୮୩୭ କୋଟି




ନୂଆଦିଲ୍ଲୀ,୫।୪: ବିଦେଶୀ ନିବେଶକମାନେ ଭାରତରୁ ମୁହଁ ଫେରାଇବା ଜାରି ରଖିଛନ୍ତି। ଏପ୍ରିଲ ମାସର ପ୍ରଥମ ଦୁଇଟି କାରବାର ଦିବସରେ ସେମାନେ ଭାରତୀୟ ଇକ୍ୱିଟି ବଜାରରୁ ୧୯,୮୩୭ କୋଟି ଟଙ୍କା ଉଠାଇ ନେଇଛନ୍ତି। ପଶ୍ଚିମ ଏସିଆ ଯୁଦ୍ଧ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦରବୃଦ୍ଧି ଏବଂ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ହେଉଥିବା ହ୍ରାସ ପାଇଁ ଏଭଳି ହୋଇଛି।ମାର୍ଚ୍ଚ ମାସରେ ବିଦେଶୀନିବେଶକମାନେ ଭାରତୀୟ ଇକ୍ୱିଟି ବଜାରରୁ ରେକର୍ଡ ୧.୧୭ ଟ୍ରିଲିଅନ ଟଙ୍କା (ପ୍ରାୟ ୧୨.୭ ବିଲିଅନ ଡଲାର) ଉଠାଇ ନେଇଛନ୍ତି। ଏହା ପୂର୍ବରୁ ଫେବ୍ରୁଆରି ମାସରେ ବିଦେଶୀ ନିବେଶକମାନେ ଭାରତୀୟ ବଜାରରେ ୨୨,୬୧୫ କୋଟି ନିବେଶ କରିଥିଲେ, ଯାହାକି ବିଗତ ୧୭ ମାସ ମଧ୍ୟରେ ସର୍ବାଧିକ। ଏପ୍ରିଲ ମାସର ପ୍ରଥମ ଦୁଇ ଦିନକୁ ମିଶାଇଲେ ୨୦୨୬ ମସିହାରେ ଏବେ ସୁଦ୍ଧା ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ଉଠାଇ ନେଇଥିବା ରାଶି ୧.୫ ଟ୍ରିଲିଅନ ଡଲାରରେ ପହଞ୍ଚିଛି ବୋଲି ଏନ୍‌ଏସ୍‌ଡିଏଲ୍ ତଥ୍ୟରୁ ଜଣାଯାଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ, ଅଶୋଧିତ ତେଲ ଦର ବୃଦ୍ଧି, ଦୁର୍ବଳ ଟଙ୍କା ବ୍ୟତୀତ ଆମେରିକାରେ ବଣ୍ଡ ରିଟର୍ଣ୍ଣ ଅଧିକ ମିଳିବା ଆଶା ବିଦେଶୀ ନିବେଶକମାନଙ୍କୁ ସେମାନଙ୍କ ନିବେଶ ପୋର୍ଟଫୋଲିଓକୁ ସନ୍ତୁଳିତ କରିବା ପରିବର୍ତ୍ତନ ପାଇଁ ଉତ୍ସାହିତ କରୁଛି। ଭାରତୀୟ ବଜାରରୁ ବିଦେଶୀ ନିବେଶକ ମୁହଁ ଫେରାଇବାର ଏହା ଅନ୍ୟତମ କାରଣ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଥମିବା ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ତଳମୁହାଁ ହେଲେ ବିଦେଶୀ ନିବେଶକମାନେ ପୁଣି ଭାରତମୁହାଁ ହେବେ ବୋଲି କୁହାଯାଉଛି।



# ଯୁଦ୍ଧ ପ୍ରଭାବରେ ଟିଭି ବିକ୍ରି କମିବା ଆଶଙ୍କା

ନୂଆଦିଲ୍ଲୀ,୫।୪:ମଧ୍ୟପ୍ରାଚ୍ୟ ଯୁଦ୍ଧ କେବଳ ତେଲ ଓ ଅନ୍ୟ କେତେକ ସାମଗ୍ରୀର ଦରବୃଦ୍ଧି କରିନାହିଁ, ଟେଲିଭିଜନ ଶିଳ୍ପକୁ ମଧ୍ୟ ପ୍ରଭାବିତ କରିଛି। ସମୁଦ୍ରରେ ମାଲ ପରିବହନ ଓ ବୀମା ଖର୍ଚ୍ଚ ମଧ୍ୟ ବଢ଼ିଯାଇଛି। ଏଥିସହିତ ପ୍ଲାଷ୍ଟିକ୍ ଦରଠାରୁ ଆରମ୍ଭ କରି ମେମୋରି ଚିପ୍ (ରାମ୍) ଦର ବଢ଼ିଯିବାରୁ ଟିଭି ଶିଳ୍ପ ପ୍ରଭାବିତ ହୋଇଛି। କେବଳ ଆମଦାନି ହେଉଥିବା ସାମଗ୍ରୀ ନୁହେଁ ଡଲାର ତୁଳନାରେ ଟଙ୍କା ମୂଲ୍ୟ କମିଯିବା ଫଳରେ ବିଭିନ୍ନ ସାମଗ୍ରୀ ଅଧିକ ମହଙ୍ଗା ହୋଇଯାଇଛି। ଦରବୃଦ୍ଧି ଫଳରେ ଗ୍ରାହକମାନେ ବଡ଼ ପରିବର୍ତ୍ତେ ଛୋଟ ଟିଭି କିଣିବାକୁ ପସନ୍ଦ କରୁଛନ୍ତି। ବଡ଼ ବଡ଼ କମ୍ପାନି ବର୍ଦ୍ଧିତ ଉତ୍ପାଦନ ଖର୍ଚ୍ଚକୁ ନିଜେ ବହନ କରି ନେଉଛନ୍ତି। କେତେକ କମ୍ପାନି ଦରବୃଦ୍ଧିର ସଂପୂର୍ଣ୍ଣ ବୋଝକୁ ଗ୍ରାହକଙ୍କ ଉପରେ ଲଦିନାହାନ୍ତି। ଦର ବଢ଼ାଇବା ପରିବର୍ତ୍ତେ ସେମାନେ ବଜାରରେ ସେମାନଙ୍କ ବଜାରଅଂଶ ବଜାୟ ରଖିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଅନ୍ୟପକ୍ଷରେ ଗ୍ରାହକମାନେ ଟିଭି କିଣିବା ବିଳମ୍ବ କରୁଛନ୍ତି। ତେଣୁ ଟିଭି ବିକ୍ରିରେ କିଛିଟା ସୁଧାର ବର୍ଷର ଦ୍ୱିତୀୟାର୍ଦ୍ଧରେ ପାର୍ବଣ ସମୟରେ ଆସିବ ବୋଲି ଆଶା କରାଯାଉଛି। ହାୟର ଇଣ୍ଡିଆ ସଭାପତି ଏନ୍‌ଏସ୍ ସତୀଶଙ୍କ କହିବାନୁଯାୟୀ, ବିକ୍ରି କମିବାର ପ୍ରାରମ୍ଭିକ ଧାରା କିଛିଟା ଦେଖିବାକୁ ମିଳିଛି। ତେବେ ତାଙ୍କ କମ୍ପାନିର ୫୦ ପ୍ରତିଶତ ବ୍ୟବସାୟ ଇଏମ୍‌ଆଇ ଜରିଆରେ ହୋଇଥାଏ। ଟିଭି ଦାମ୍ ଯଦି ୫ ହଜାର ଟଙ୍କା ବଢ଼ିଯାଏ ତାହେଲେ ଗ୍ରାହକଙ୍କୁ ମାତ୍ର ୩ଟି ଅଧିକ ଇଏମ୍‌ଆଇ ଦେବାକୁ ପଡ଼ିଥାଏ। କିଛି ଗ୍ରାହକ ଅଧିକ ଇଏମ୍‌ଆଇ ଦେଇ ବଡ଼ ଟିଭି ନେବାକୁ ପସନ୍ଦ କରିବେ ଏବଂ କିଛି ଗ୍ରାହକ ଛୋଟ ଟିଭି କିଣିବେ। ତେବେ ଅଧିକ ଇଏମ୍‌ଆଇ ଦେଇ ବଡ଼ ଟିଭି କିଣିବା ଧାରା ଏବେ ଦେଖାଯାଉଛି ବୋଲି ସେ କହିଛନ୍ତି। କାଉଣ୍ଟରପଏଣ୍ଟ ରିସର୍ଚ୍ଚ ପକ୍ଷରୁ କୁହାଯାଇଛି ଯେ ଭାରତର ଟିଭି ମାର୍କେଟ୍ ଏବେ ଚାହିଦା ହ୍ରାସର ସମ୍ମୁଖୀନ ହୋଇଛି।

# ପେଟ୍ରୋଲ-ଡିଜେଲ ମହଙ୍ଗା, ଦରଦାମ ବୃଦ୍ଧିରେ ଅଣନିଶ୍ୱାସୀ ଲୋକେ

ନୂଆଦିଲ୍ଲୀ,୫।୪:ଇରାନ ବିରୋଧରେ ଜାରି ଯୁଦ୍ଧର ପ୍ରଭାବ ଏବେ ଆମେରିକାର ଅର୍ଥ ବ୍ୟବସ୍ଥା ଓ ଲୋକଙ୍କ ପକେଟ ଉପରେ ପଡିବା ଆରମ୍ଭ କରିଦେଲାଣି। ଏଥିରେ ଇନ୍ଧନ ଦର ବୃଦ୍ଧି ଯୋଗୁ ଲୋକେ ଅଧିକ ଚାପ ଅନୁଭବ କରୁଛନ୍ତି। ଦେଶରେ ପେଟ୍ରୋଲ ଓ ଡିଜେଲ ଉଭୟ ମହଙ୍ଗା ହୋଇଯାଇଛି। ଫଳରେ ପରିବହନ, କୃଷି, ଉଦ୍ୟୋଗ ଗତିବିଦ୍ଧି ବାବଦ ବ୍ୟୟ ଦ୍ରୁତ ବଢିବାରେ ଲାଗିଛି। ଏଣୁ ଦେଶରେ ମୂଲ୍ୟ ବୃଦ୍ଧିର ପ୍ରଭାବ ସିଧା ନାଗରିକଙ୍କ ଉପରେ ପଡୁଛି। ଜେଟ୍ ଫୁଏଲ ମୂଲ୍ୟ ମଧ୍ୟ ଆକାଶ ଛୁଆଁ ହୋଇଛି, ଫଳରେ ଦେଶରେ ବିମାନ ଯାତ୍ରା ମହଙ୍ଗା ହୋଇଛି। ଆମେରିକାରେ ପେଟ୍ରୋଲର ହାରାହାରି ମୂଲ୍ୟ ବଢ଼ି ପ୍ରତି ଗ୍ୟାଲନ ୪.୦୯ ଡଲାରକୁ ପହଞ୍ଚି ଯାଇଛି, ଯାହା ଗତ କିଛି ବର୍ଷର ସବୁଠୁ ଉଚ୍ଚତମ ସ୍ତର ବୋଲି କୁହାଯାଉଛି। ସେହିପରି ଡିଜେଲ ମୂଲ୍ୟ ମଧ୍ୟ ବର୍ଷକ ପୂର୍ବ ମୂଲ୍ୟ ତୁଳନାରେ ବଢ଼ି ପ୍ରତି ଗ୍ୟାଲନ ୫.୫୩ ଡଲାରକୁ ପହଞ୍ଚି ଯାଇଛି। କୃଷି, ନିର୍ମାଣ ଓ ଟ୍ରାନ୍ସପୋର୍ଟ ପାଇଁ ଦେଶରେ ଡିଜେଲର ଆବଶ୍ୟକାତ ଢେର ଅଧିକ। ଏଣୁ ଡିଜେଲ ମୂଲ୍ୟ ବୃଦ୍ଧିର ଏବେ ବ୍ୟାପକ ପ୍ରଭାବ ଦେଖାଯାଉଛି। ଇନ୍ଧନ ମୂଲ୍ୟ ବୃଦ୍ଧିର ପ୍ରଭାବ ବଡ଼ କର୍ପୋରେଟ ସେକ୍ଟରଙ୍କ ଉପରେ ମଧ୍ୟ ପଡିଛି। ଇ-କମର୍ସ କମ୍ପାନୀ ଆମାଜନ ଏପ୍ରିଲ ୧୭ ତାରିଖରୁ ତାଙ୍କର ଥାର୍ଡ ପାର୍ଟି ବିକ୍ରେତାଙ୍କ ଉପରେ ୩.୫% ଅତିରିକ୍ତ ଇନ୍ଧନ ଓ ଲଜିଷ୍ଟିକ୍ ଶୁଳ୍କ ଲଗାଇବାକୁ ନିଷ୍ପତି ନେଇଛି। କମ୍ପାନୀର କହିବା କଥା ହେଉଛି ବର୍ଦ୍ଧିତ ମୂଲ୍ୟ ଏ ପର୍ଯ୍ୟନ୍ତ କମ୍ପାନୀ ବହନ କରିଆସୁଥିଲା। ହେଲେ ଏବେକା ପରିସ୍ଥିତିରେ ଆଉ ଖର୍ଚ୍ଚ ଭାର ବହନ ସମ୍ଭବ ନୁହେଁ। ସେହିପରି ଆମେରିକୀୟ ଡାକ ସେବା ପାର୍ସଲ ଓ ଏକ୍ସପ୍ରେସ ଡେଲିଭରୀ ଉପରେ ଅସ୍ଥାୟୀ ଇନ୍ଧନ ସରଚାର୍ଜ ଲଗାଇବାକୁ ପ୍ରସ୍ତୁତି କରୁଛି। ଏହି ପୁରା ସଂକଟର ଏକ ବଡ଼ କାରଣ ହେଉଛି ହୋର୍ମୁଜ ପ୍ରଣାଳୀ ଅବରୋଧ ରହିବା। ଏହି ସାମୁଦ୍ରିକ ମାର୍ଗ ଦେଇ ବିଶ୍ୱର ବିସ୍ତୃତ ଅଞ୍ଚଳକୁ ତୈଳ ଓ ଗ୍ୟାସ୍ ପହଞ୍ଚିଥାଏ।




ହେଲେ ଏବେ ଇରାନ କଟକଣା ଯୋଗୁ ଏହି ମାର୍ଗରେ ଯାତାୟାତ ବାଧିତ ହୋଇଛି। ବିଶେଷଜ୍ଞଙ୍କ କହିବା କଥା ହେଉଛି ଯଦି ଏହି ମାର୍ଗ ଦୀର୍ଘ ସମୟ ପର୍ଯ୍ୟନ୍ତ ଅବରୋଧ ରହେ ତେବେ ଯୋଗାଣ ଶୃଙ୍ଖଳା ଉପରେ ଗୁରୁତର ପ୍ରଭାବ ପଡିବ। ଏଥିରେ ଅର୍ଥନୀତିଜ୍ଞ ପରିବହନ ବାବଦ ବ୍ୟୟ ବଢ଼ିଲେ ଅନ୍ୟ ସାମଗ୍ରୀର ମୂଲ୍ୟ ମଧ୍ୟ ବଢ଼ିବ ବୋଲି ଚେତାବନୀ ଦେଇଛନ୍ତି। ଏଣୁ ଦେଶର ମୁଦ୍ରାସ୍ଫୀତି ବଢ଼ିପାରେ। ଆମେରିକାର ମୁଦ୍ରାସ୍ଫୀତି ହାର କିଛି ସମୟ ପର୍ଯ୍ୟନ୍ତ ନିୟନ୍ତ୍ରିତ ଥିଲା। ହେଲେ ତୈଳ ମୂଲ୍ୟ ବୃଦ୍ଧି ଓ ଯୁଦ୍ଧ ବାବଦ ଖର୍ଚ୍ଚ ବଢ଼ିଚାଲିବା ଦେଶର ଅର୍ଥନୀତିକୁ ପ୍ରଭାବିତ କରିଛି। ଏବେ ଯୁଦ୍ଧ ଆହୁରି ଦୀର୍ଘ ହୋଇପାରେ ବୋଲି ଆଶଙ୍କା କରାଯାଉଥିବା ବେଳେ ବିଶେଷଜ୍ଞମାନେ ଆଗାମୀ ସମୟରେ ମୁଦ୍ରାସ୍ଫୀତି ୪% ବା ତାଠୁ ଅଧିକ ହୋଇପରେ ବୋଲି ଆଶଙ୍କା କରୁଛନ୍ତି। ଏଣୁ ଦେଶରେ ସାଧାରଣ ଲୋକଙ୍କ ଆର୍ଥିକ ସମସ୍ୟା ଗୁରୁତର ହୋଇପାରେ ବୋଲି ଆକଳନ କରାଯାଉଛି।

# ଆଇଡି କାର୍ଡ ଦେଖାଅ ୫ କେଜିର ସିଲିଣ୍ଡର ନେଇଯାଅ

## ଆସିଲା ନୂଆ ନିୟମ

ନୂଆଦିଲ୍ଲୀ,୫।୪: ଆମେରିକା- ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁ ସାରା ବିଶ୍ୱରେ ଦେଖାଦେଇଛି ଏଲପିଜି ଗ୍ୟାସ୍ ଓ ତେଲ ସଙ୍କଟ । ଭାରତରେ ମଧ୍ୟ ଏଲପିଜି ସିଲିଣ୍ଡର ଯୋଗାଣ ହ୍ରାସ ପାଇଛି। ଫଳରେ ଅନେକ ରାଜ୍ୟରେ ଏଲପିଜି ଅଭାବ ଯୋଗୁ ଲୋକଙ୍କୁ ଅନେକ ଅସୁବିଧାର ସାମ୍ନା କରିବାକୁ ପଡୁଛି। ଅବଶ୍ୟ କେନ୍ଦ୍ର ସରକାର ଦେଶରେ ଗ୍ୟାସ ଅଭାବକୁ ଗୁଜବ ବୋଲି କହିବା ସହ, ସାଧାରଣ ଲୋକଙ୍କୁ ଯେପରି କୌଣସି ଅସୁବିଧା ନହୁଏ ସେଦିଗରେ ଚେଷ୍ଟା କରୁଛନ୍ତି। ଏହାରି ମଧ୍ୟରେ ସରକାର ୫ କିଲୋଗ୍ରାମ ଏଲପିଜି ସିଲିଣ୍ଡର ଉପରେ ନୂଆ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଶନିବାର ଜାରି ବିବୃତ୍ତିରେ ସରକାର କହିଛନ୍ତି ଯେ, ବିତରକମାନଙ୍କ ପାଖରେ ୫ କିଲୋଗ୍ରାମ ଏଲପିଜି ସିଲିଣ୍ଡର ଉପଲବ୍ଧ। ଗ୍ରାହକ ବିନା ଠିକଣା ପ୍ରମାଣରେ କେବଳ ଏକ ବୈଧ ପରିଚୟପତ୍ର ଦେଖାଇ କିଣିପାରିବେ। ପଶ୍ଚିମ ଏସିଆରେ ଉତ୍ତେଜନା ଏବଂ ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଯୋଗୁ ବିଶ୍ୱରେ ଶକ୍ତି ସଙ୍କଟ ଦେଖାଦେଇଛି।

ହେଲେ ଏହା ସତ୍ତ୍ୱେବି ଇନ୍ଧନ ଏବଂ ଶକ୍ତି ଯୋଗାଣ ନିରବଚ୍ଛିନ୍ନ କରିବା ପାଇଁ ସରକାର ବ୍ୟାପକ ପଦକ୍ଷେପ ନେଉଥିବା କହିଛନ୍ତି। ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ କହିଛି ଯେ, ନିକଟବର୍ତ୍ତୀ ଏଲପିଜି ବିତରକମାନଙ୍କରେ ୫ କିଲୋଗ୍ରାମ ଏଫଟିଏଲ ସିଲିଣ୍ଡର ଉପଲବ୍ଧ। ଯେକୌଣସି ବୈଧ ପରିଚୟପତ୍ର ଦେଖାଇ ଏହା କିଣାଯାଇପାରିବ। ଏଥିପାଇଁ ଠିକଣା ପ୍ରମାଣ କୌଣସି ଆବଶ୍ୟକ ନାହିଁ।

ଅଧିକାରୀମାନେ କହିଛନ୍ତି ଯେ, ଏହି ପଦକ୍ଷେପ ବିଶେଷକରି ପ୍ରବାସୀ ଶ୍ରମିକ ବା ଯେଉଁମାନଙ୍କର ସ୍ଥାନୀୟ ଠିକଣାର କାଗଜପତ୍ର ନାହିଁ, ସେମାନଙ୍କ ପାଇଁ ଖୁବ୍ ସହାୟକ ହେବ। ମାର୍ଚ୍ଚ ୨୩ ତାରିଖରୁ ପ୍ରାୟ ୫.୭ ଲକ୍ଷ ଏପରି ସିଲିଣ୍ଡର ବିକ୍ରି ହୋଇଛି।

ଦେଶରେ ପେଟ୍ରୋଲ, ଡିଜେଲ କିମ୍ବା ଏଲପିଜିର କୌଣସି ଅଭାବ ନାହିଁ ବୋଲି ମନ୍ତ୍ରଣାଳୟ ଗୁରୁତ୍ୱାରୋପ କରିବା ସହ ନାଗରିକମାନଙ୍କୁ ଭୟଭୀତ ନହେବାକୁ ଅନୁରୋଧ କରିଛି। ଗୁଜବ ଯୋଗୁ କିଛି ପେଟ୍ରୋଲ ପମ୍ପରେ ପ୍ରବଳ ଭିଡ଼ ହେଉଥିବା ରିପୋର୍ଟ ମିଳିଥିଲେ ମଧ୍ୟ ସମସ୍ତ ଖୁଚୁରା ଇନ୍ଧନ ଦୋକାନ ସ୍ୱାଭାବିକ ଭାବରେ କାର୍ଯ୍ୟ କରୁଛି ଏବଂ ସାରା ଦେଶରେ ପର୍ଯ୍ୟାପ୍ତ ପରିମାଣର ଷ୍ଟକ୍ ଉପଲବ୍ଧ ଅଛି ବୋଲି ମନ୍ତ୍ରଣାଳୟ କହିଛି।

ସେପଟେ ଯୋଗାଣରେ ସ୍ଥିରତା ବଜାୟ ରଖିବା ପାଇଁ, ସରକାର ଘରୋଇ ଏଲପିଜି ଉତ୍ପାଦନ ବୃଦ୍ଧି କରିଛନ୍ତି, ରିଫାଇନାରୀଗୁଡ଼ିକୁ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରିବା ସୁନିଶ୍ଚିତ କରାଯାଉଛି। ସାଧାରଣ ଲୋକ, ହସ୍ପିଟାଲ ଏବଂ ଅତ୍ୟାବଶ୍ୟକ ସେବା ପାଇଁ ଇନ୍ଧନ ଯୋଗାଣକୁ ପ୍ରାଥମିକତା ଦିଆଯାଇଛି।

ସେହିଭଳି ମନ୍ତ୍ରଣାଳୟ ପକ୍ଷରୁ ଆହୁରି କୁହାଯାଇଛି ଯେ, ଘରୋଇ ଏବଂ କର୍ମର୍ସିଆଲ ଗ୍ରାହକ ଉଭୟଙ୍କୁ ନୂତନ ପିଏନଜି ସଂଯୋଗ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଛି। ସରକାର ମହଜୁଦ ଏବଂ କଳାବଜାରୀ ରୋକିବା ପାଇଁ ମଧ୍ୟ ନଜର ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା ୩,୭୦୦ରୁ ଅଧିକ ସ୍ଥାନରେ ଚଢ଼ାଉ କରାଯାଇ ଅନେକ ସିଲିଣ୍ଡର ଜବତ କରାଯାଇଛି। କଳାବଜାରୀ କରୁଥିବା ଏଲପିଜି ବିତରକମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇ ସେମାନଙ୍କର ଲାଇସେନ୍ସ ବାତିଲ କରାଯାଉଛି।




# ଏଣିକି ଗୋଟିଏ ବର୍ଷ ଚାକିରିରେ ବି ମିଳିବ ଗ୍ରାଚ୍ୟୁଇଟି

ନୂଆଦିଲ୍ଲୀ,୫।୪:ନୂଆ ଲେବର କୋଡ୍ର ଗ୍ରାଚ୍ୟୁଇଟି ନିୟମରେ ବଡ଼ ପରିବର୍ତ୍ତନ। ଏଣିକି ଫିକ୍ସଡ ଟର୍ମ କର୍ମଚାରୀ (ଏଫଟିଇ)ଙ୍କୁ ଗ୍ରାଚ୍ୟୁଇଟି ପାଇବା ପାଇଁ ଆଉ ପାଞ୍ଚ ବର୍ଷ ଅପେକ୍ଷା କରିବାକୁ ପଡିବ ନାହିଁ। ନିୟମ ପରିବର୍ତ୍ତନ ଯୋଗୁଁ, ସେମାନେ କେବଳ ଗୋଟିଏ ବର୍ଷ ନିରନ୍ତର ସେବା ପରେ ଗ୍ରାଚ୍ୟୁଇଟି ପାଇଁ ଯୋଗ୍ୟ ହେବେ। ପୂର୍ବରୁ, ଯେତେବେଳେ କୌଣସି କମ୍ପାନୀ ଚୁକ୍ତିଭିତ୍ତିକ ଭାବରେ କର୍ମଚାରୀଙ୍କୁ ନିଯୁକ୍ତି ଦେଉଥିଲା, ସେମାନେ ସ୍ଥାୟୀ କର୍ମଚାରୀଙ୍କ ପରି ସମାନ ସୁବିଧା ପାଉନଥିଲେ। ଏବେ, ଏକ "ନିର୍ଦ୍ଦିଷ୍ଟ-ଅବଧି ବା ଫିକ୍ସଡ୍ ଟର୍ମ " ଚୁକ୍ତି ଅନୁଯାୟୀ, ଏକ ନିର୍ଦ୍ଦିଷ୍ଟ ଅବଧି (ଗୋଟିଏ କିମ୍ବା ଦୁଇ ବର୍ଷ) ପାଇଁ ଲିଖିତ ଚୁକ୍ତିରେ ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କୁ ସିଧାସଳଖ କମ୍ପାନୀର ପେରୋଲରେ ରଖାଯିବ। ଏହାର ଅର୍ଥ ହେଉଛି ସେମାନେ ସ୍ଥାୟୀ କର୍ମଚାରୀଙ୍କ ପରି ସମାନ ଦରମା, ଛୁଟିଦିନ ଏବଂ ଭତ୍ତା ପାଇବେ। ବର୍ତ୍ତମାନର ଆଇନ (ଗ୍ରାଚ୍ୟୁଇଟି ଦେୟ ଆଇନ, ୧୯୭୨) ଅନୁଯାୟୀ, ଜଣେ କର୍ମଚାରୀ ପାଞ୍ଚ ବର୍ଷ ଚାକିରି ପୂରଣ କରିବା ପରେ ହିଁ ଗ୍ରାଚ୍ୟୁଇଟି ପାଆନ୍ତି। ଏଫଟିଇ ଅନୁଯାୟୀ, ଯଦି ଆପଣଙ୍କର କୌଣସି କମ୍ପାନୀ ସହିତ ଚୁକ୍ତିନାମା ଏକ ବର୍ଷ ତିନି ମାସ ପାଇଁ ହୋଇଥାଏ, ତେବେ ଆପଣ ସମ୍ପୂର୍ଣ୍ଣ ୧୫ ମାସର ଗ୍ରାଚ୍ୟୁଇଟି ପାଇବେ। ଏହା ସେମାନଙ୍କ ପାଇଁ ଏକ ସ୍ୱାଗତଯୋଗ୍ୟ ସଙ୍କେତ



ଯେଉଁମାନେ ମୁଖ୍ୟତଃ ପ୍ରକଳ୍ପ-ଭିତ୍ତିକ ଚାକିରିରେ କାମ କରନ୍ତି। ସାମଗ୍ରିକ ଭାବରେ, ସ୍ଥିର-କାଳୀନ କର୍ମଚାରୀମାନଙ୍କର ଅତି କମରେ ଗୋଟିଏ ବର୍ଷ ଚାକିରି ହେବା ଆବଶ୍ୟକ। ଯଦି ସେମାନେ ଗୋଟିଏ ବର୍ଷରୁ କମ୍ ସମୟ ପାଇଁ କାମ କରନ୍ତି ତେବେ ସେମାନେ ଗ୍ରାଚ୍ୟୁଇଟି ପାଇବେ ନାହିଁ। ଗୋଟିଏ ବର୍ଷ ପୂରଣ କରିବା ପରେ, କମ୍ପାନୀ ଆପଣ ଯେତେ ମାସ କିମ୍ବା ଦିନ କାମ କରନ୍ତି ତାହା ପାଇଁ ଗ୍ରାଚ୍ୟୁଇଟି ଯୋଡିବ। ଉଦାହରଣ ସ୍ୱରୂପ, ଯଦି ଆପଣ ଗୋଟିଏ ବର୍ଷ ଏବଂ ପାଞ୍ଚ ମାସ ପାଇଁ କାମ କରନ୍ତି, ତେବେ ଆପଣ ୧୭ ମାସର ଗ୍ରାଚ୍ୟୁଇଟି ପାଇବେ। ନିୟମରେ ଏହି ପରିବର୍ତ୍ତନ ଛୋଟ ପ୍ରକଳ୍ପ କିମ୍ବା ସ୍ଥିର ଚୁକ୍ତି (୧ କିମ୍ବା ୨ ବର୍ଷ) ରେ କାମ କରୁଥିବା ଲୋକଙ୍କୁ ଧ୍ୟାନରେ ରଖି କରାଯାଇଛି ଯାହା ଦ୍ୱାରା ସେମାନେ ମଧ୍ୟ ସେମାନଙ୍କ କାମ ପାଇଁ ପୁରସ୍କାର ସ୍ୱରୂପ ଗ୍ରାଚ୍ୟୁଇଟି ପାଇପାରିବେ ଏବଂ ସେମାନଙ୍କୁ ଦୀର୍ଘ ୫ ବର୍ଷ ଅପେକ୍ଷା କରିବାକୁ ପଡିବ ନାହିଁ। ନୂଆ ଲେବର କୋଡ ଅନୁଯାୟୀ, ଗ୍ରାଚ୍ୟୁଇଟି ଦରମା ଉପରେ ଆଧାର କରି ଗଣନା କରାଯିବ, ଯାହା କର୍ମଚାରୀଙ୍କ ମୋଟ ସିଟିସି (କଷ୍ଟ-ଟୁ-କମ୍ପାନୀ)ର ଅତି କମରେ ୫୦ ପ୍ରତିଶତ ହେବା ଆବଶ୍ୟକ। ନିୟମ ଅନୁଯାୟୀ, ଏଚଆରଏ କିମ୍ବା ଯାତ୍ରା ଭଳି ଭତ୍ତା ଆପଣଙ୍କ ସିଟିସିର ୫୦ ପ୍ରତିଶତରୁ ଅଧିକ ହୋଇପାରିବ ନାହିଁ। ଯଦି ଭତ୍ତା ୫୦ ପ୍ରତିଶତରୁ ଅଧିକ ହୁଏ, ତେବେ ଅତିରିକ୍ତ ପରିମାଣ ଆପଣଙ୍କ ମୂଳ ଦରମାରେ ଯୋଡାଯିବ। ଏହା ଆପଣଙ୍କ ମୂଳ ଦରମା ବୃଦ୍ଧି କରିବ, ଯାହା ଆପଣଙ୍କୁ ଗ୍ରାଚ୍ୟୁଇଟି ଏବଂ ପିଏଫ ଭାବରେ ମିଳୁଥିବା ପରିମାଣକୁ ମଧ୍ୟ ବୃଦ୍ଧି କରିବ। ବର୍ତ୍ତମାନ, କମ୍ପାନୀଗୁଡ଼ିକୁ ପୂର୍ଣ୍ଣ ଏବଂ ଚୂଡ଼ାନ୍ତ ସମାଧାନ (ଏଫଆଣ୍ଡ୍‌ଏଫ) ସମାପ୍ତ କରିବାକୁ ୩୦ ରୁ ୬୦ ଦିନ ସମୟ ଲାଗେ। ନୂତନ ନିୟମ ଅନୁଯାୟୀ, କମ୍ପାନୀ କର୍ମଚାରୀଙ୍କ ଇସ୍ତଫା, ଚାକିରିରୁ ବହିଷ୍କାର କିମ୍ବା ଚୁକ୍ତିନାମା ସମାପ୍ତ ହେବାର ଦୁଇ କାର୍ଯ୍ୟ ଦିବସ (୪୮ ଘଣ୍ଟା) ମଧ୍ୟରେ ସେମାନଙ୍କର ଗ୍ରାଚ୍ୟୁଇଟି ଏବଂ ଦରମା ବକେୟା ପ୍ରଦାନ କରିବ।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୬,୮୯୦ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୬୫୦ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୬,୮୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୪,୬୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୬,୮୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୪,୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୭,୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୪,୮୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୯,୧୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୬,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୬,୮୯୦ ଓ ୧,୩୪,୬୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

## ଦୃଷ୍ଟିବାଧିତ ବିଦ୍ୟାଳୟକୁ ହାରମୋନିୟମ ପ୍ରଦାନ



କେନ୍ଦ୍ରାପଡ଼ା,୫।୪(ସଂଚାର ବ୍ୟୁରୋ):ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ୮୦ତମ ଜନ୍ମଦିବସ ଅବସରରେ ପୌରସଂସ୍ଥା ଦ୍ୱାରା ପରିଚାଳିତ ଦୃଷ୍ଟିବାଧିତ ଭିନ୍ନକ୍ଷମ ବିଦ୍ୟାଳୟକୁ ଟ୍ରଷ୍ଟ ପକ୍ଷରୁ ଏକ ନୂତନ ହାରମୋନିୟମ ପ୍ରଦାନ କରାଯାଇଛି। ଏହି ସ୍ୱତନ୍ତ୍ର ବିଦ୍ୟାଳୟର ପିଲାମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହା ପ୍ରଦାନ କରାଯାଇଛି । ଟ୍ରଷ୍ଟର ଟ୍ରଷ୍ଟି ଭୁବନମୋହନ ଦାସ ଏହି ହାରମୋନିୟମକୁ ଆଜି ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସ୍ୱପ୍ନାଂଶୁ ଦାସଙ୍କୁ ଅଯୋଦ୍ଧାନଗରସ୍ଥିତ ଦୃଷ୍ଟିବାଧିତ ବିଦ୍ୟାଳୟରେ ପ୍ରଦାନ କରିଥିଲେ । ଏହା ପ୍ରଦାନ ସମୟରେ ଶିକ୍ଷକ ସହକାରୀ ଶିକ୍ଷକ ବଟକୃଷ୍ଣ ବାରିକ ଓ ଅରୁଣ କୁମାର ବେହେରା, କର୍ମଚାରୀ ମହେନ୍ଦ୍ର ସିଂ, ଅଲେଖ କୁମାର ଜେନା, ଗୀତାଞ୍ଜଳି ଦାସ, ମାନିନୀ ବେହେରାଙ୍କ ସମେତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ପିଲାମାନେ ଡ. ଦାସଙ୍କ ଦୀର୍ଘ ନିରାମୟ ଜୀବନ କାମନାକରି କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

## ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



ବାଲିଆପାଳ,୫।୪(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଖୁସି ପ୍ଲାଜା ପରିସରରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଦଳ ର ନୂତନ କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧନା ସହ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି.ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମୀକାନ୍ତ କର ଙ୍କ ସଭାପତିତ୍ୱ ରେ, ଜିଲ୍ଲା ସଭାପତି ସବ୍ୟସାଚି ଦାସ,ପୂର୍ବତନ ମ୍ୟୁନସିପାଲଟି ଅଧକ୍ଷ ସୁନୀଲ କୁମାର ପରିଡା,ବ୍ଲକ ସଂଯୋଜକ ମଧୁସୂଦନ ଦାସ,ଭୋଗରାଇ ବ୍ଲକ ସଭାପତି ସନ୍ତୋଷ ଦାସ,ବରିଷ୍ଠ ନେତା ସୁଦର୍ଶନ ଦାସ ପ୍ରମୁଖ ଉପସ୍ଥିତ ରହି ନୂତନ ବ୍ଲକ ସଭାପତି ହେମନ୍ତ ଗିରି, ନଗର ସଭାପତି ଜଗଦିଶ ନନ୍ଦୀ, ସହିତ ଜିଲ୍ଲା କମିଟି ରେ ସ୍ଥାନ ପାଇଥିବା ପଦ୍ମନାଭ ବେହେରା,ସୌମିକ କୁମାର ଜେନା,ଜନ୍ମେଜୟ ଜେନା,ନରେନ୍ଦ୍ର କୁମାର ରାଉତ,ଶ୍ରୀକାନ୍ତ ସିଂ,ରାଧାରାଣୀ ପାତ୍ର,ଗିରିଜା ଶଙ୍କର ଦାସ ଏବଂ ଅଞ୍ଜନ ସିଂ ଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ. ଏଥିସହିତ ଅନୁଷ୍ଠିତ ସାଧାରଣ ସଭା ରେ ବିଜେଡି ଓ ବିଜେପି ରୁ ଶତାଧିକ ଲୋକ କଂଗ୍ରେସ ରେ ଯୋଗ ଦେଇଥିବା ଜଣାପଡିଛି

## ତେର ଗାଁରେ ରକ୍ତଦାନ ଶିବିର
### ୧୩୪ ୟୁନିଟ୍ ରକ୍ତ ସଂଗୃହୀତ



ମହାକାଳପଡ଼ା,୫।୪(ସଂଚାର ବ୍ୟୁରୋ) : କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ତେରଗାଁ ପଞ୍ଚାୟତ ଅନ୍ତର୍ଗତ ବିଜୁପଟ୍ଟନାୟକ ପବ୍ଲିକ ସ୍କୁଲ (ବଡତେରଗାଁ) ଠାରେ ନବମ ଥର ପାଇଁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ସରପଞ୍ଚ ବିଶିଷ୍ଟ ଶିକ୍ଷାବିତ୍ ବିଦ୍ୟାଧର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ଡ଼ଃ ଗନ୍ଧର୍ବ ନାୟକ ମୁଖ୍ୟ ଅତିଥି ଓ କୁମରକାନ୍ତ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମହାତ୍ମାଗାନ୍ଧୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରି ଫିତାକାଟି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କେନ୍ଦ୍ରାପଡ଼ା ଲାୟନ୍ସ କ୍ଲବ୍ ସଭାପତି ତଥା ୧୨୦ରୁ ଉର୍ଦ୍ଧ୍ୱ ଥର ରକ୍ତଦାନ କରିଥିବା ଓଡ଼ିଶାର ଚର୍ଚ୍ଚିତ ଯୁବ ସମାଜସେବୀ ଦିପକ କୁମାର ଚୌଧୁରୀଙ୍କ ସହାୟତାରେ କଟକ କେନ୍ଦ୍ରୀୟ ରେଡକ୍ରସ ତରଫରୁ ଡ଼ାଃ ଆଶୀଷ ଶତପଥୀ, ବିଶ୍ୱଜିତ ସାହାଣୀ, ସଂଜୟ ପାତ୍ର, ପ୍ରକାଶ ମଲ୍ଲିକ, ପିତାମ୍ବର ଜେନା, ରାମ ପ୍ରସାଦ ରାୟ ଓ ପ୍ରମୋଦ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ରେକର୍ଡ ସଂଖ୍ୟକ ୧୩୪ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ସଂଧ୍ୟାରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ମହାନ୍ତି, ସମିତି ସଭ୍ୟ ଗଣେଶ ଚନ୍ଦ୍ର ପୃଷ୍ଟି, ଯୁବନେତା ଭିକାରୀ ବେହେରା (ମଣ୍ଟୁ), ଅମୀୟ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିବା ବେଳେ ଜ୍ଞାନ ରଞ୍ଜନ ସାମଲ, ବିଦ୍ୟାଧର ସେଠୀ ପରିଚାଳନାରେ ସହାୟତା ଯୋଗାଇ ଦେଇଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ ଓ ନାମଯଜ୍ଞ ଉଦ୍ଯାପିତ

ଡେରାବିଶ,୫।୪ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ କୁଶିଆପାଳ ଗ୍ରାମସ୍ଥିତ ମା କ୍ଷେତ୍ରପାଳିନୀଙ୍କ ପୀଠରେ ଗତ ରବିବାର ଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ଓ ନାମଯଜ୍ଞ ଶୁକ୍ରବାର ଶେଷ ହୋଇଛି। ଏହି ଅବସରରେ ଗତ ରବିବାର ଠାରୁ ଆରମ୍ଭ ହୋଇଥିବା ମହାଯଜ୍ଞ ସୋମବାର ଶେଷ ହୋଇଥିବା ବେଳେ ବୁଧବାର ମାଙ୍କ ପୀଠରେ ବୁଧବାର ଠାରୁ ଆରମ୍ଭ ହୋଇଥିବା ନାମଯଜ୍ଞ ଆଜି ଶେଷ ହୋଇଛି। ଦୀର୍ଘ ୫ ଦିନ ଧରି ମାଙ୍କ ପୀଠରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

### ପୂଜ୍ୟପୂଜା ସଂସଦର ବାର୍ଷିକ ଉତ୍ସବ

# ମାଟିର ମହକ ହିଁ ପ୍ରତିଭା ସୃଷ୍ଟିର ବିନ୍ଧାଣି

ଗରଦପୁର,୫।୪(ସଂଚାର ବ୍ୟୁରୋ): ଆଧୁନିକତା ଉଗ୍ର ଚାପରେ ଅଣନିଃଶ୍ୱାସୀ ହୋଇ ପୂଜ୍ୟପୂଜା ବିଲୁପ୍ତ ହେବାକୁ ବସିଲାଣି । ମାଟିର ମହକ ଆଉ ଯୁବ ପୀଢ଼ି କୁ ଆକୃଷ୍ଟ କରି ପାରୁନି । ଆଜିର ଯୁବପିଢି ମାନେ କେବଳ ପ୍ରତିଯୋଗିତା ଦୌଡରେ ଦିନକୁ ଦିନ ସାମିଲ ହୋଇ ପ୍ରତିଭା ଲୁଚିବାକୁ ବସିଥିଲା ବେଳେ ମାଟିର ମହକକୁ ପୁଣି ଆପଣାଇ ପ୍ରତିବର୍ଷ ଭଳି ଚଳିତ ବର୍ଷ ପାଟକୁରା ପୂଜ୍ୟ ପୂଜା ସଂସଦ ପ୍ରତିଭା ଖୋଜି ଚାଲିଛି ବୋଲି ବକ୍ତାମାନେ କହିଛନ୍ତି।

ଆଜି ଗରଦପୁର ବ୍ଲକର ଅନନ୍ୟ ଓ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପୂଜ୍ୟ ପୂଜା ସଂସଦ ତାହର ୭ମ ବାର୍ଷିକୀ ଉତ୍ସବ ପ୍ରତିଭା ସମ୍ମାନ ସମାରୋହ କଳାବୁଡା ବାରୁଣୀ ପୀଠରେ ଆୟୋଜିତ ହୋଇଯାଇଛି। ସଂସଦ ର ସଭାପତି ଡ଼ା ତ୍ରୈଲୋଚନ ଛାଟୋଇ ଙ୍କ ସଭାପତିତ୍ୱରେ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜା ଅତିଥି ଭାବେ ଯୋଗଦେଇ ଯୁବପିଢ଼ୀ ପ୍ରତିଭାବାନ ହେବା ପାଇଁ ନିଜର ଚରିତ୍ରକୁ ସୁଧାରିବା ସହ ଭଗବତ୍ ପ୍ରେମୀ ହେବା ପାଇଁ ଆହ୍ୱାନ ଦେଇଥିବା ବେଳେ



ମୁଖ୍ୟ ବକ୍ତା ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡଃ ନିରଞ୍ଜନ ସାହୁ ସଂସ୍କୃତି କୁ ରୁଦ୍ଧିମନ୍ତ କରିବା ସହ ମାଟିର ଗାରିମାମୟ ଗାଥା ପ୍ରତିଭା ସୃଷ୍ଟି ପାଇଁ ପ୍ରେରଣା ଦେଇଥାଏ ବୋଲି କହିଥିଲେ। ଅନ୍ୟମାନେ ମଧ୍ୟରେ ସାହିତ୍ୟିକ ଓ ପାଟକୁରା ମାଟିର ପୁଅ ତଥା ଗାଳ୍ପିକ ଓ ସଂଳାପ ଲେଖକ ପ୍ରଣବ ପ୍ରକାଶ ଦାସ ମୁଖ୍ୟ ଅତିଥି ଓ ଦୁରଦର୍ଶନ, ବେତାର ଓ ମଞ୍ଚକଳା ନିର୍ଦ୍ଦେଶକ ଚିନ୍ମୟଦାସ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପୂଜ୍ୟପୂଜା ସଂସଦ ର ଏଭଳି ଏକ ନିଆରା ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହ ଏହି ସମାରୋହରେ ସମ୍ବର୍ଧିତ ହୋଇଥିବା ପ୍ରତିଭା ଆଗାମୀ ପିଢ଼ୀ ପାଇଁ ପ୍ରେରଣା ସାଜି ପାଟକୁରା ମାଟିର ଗାରିମା କୁ ଗରିମାମୟ କରିବେ ବୋଲି କହିଥିଲେ ।

ଏହି ଅବସରରେ ସଂସଦ ପକ୍ଷରୁ ପ୍ରତ୍ରିକା ମାଟିର ମହକ ଉନ୍ମୋଚିତ ହୋଇଥିବା ବେଳେ ବରିଷ୍ଠ ସାମ୍ବାଦିକ ମିହିର ଆଚାର୍ଯ୍ୟ,କବି ମେଜର ଭରତ ଜେନା, ମୃତ୍ତିକା ଶିଳ୍ପୀ ସୁକଦେବ ସାହୁ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତ୍ରୈଲୋକ୍ୟ ବେହେରା ଓ ଶିକ୍ଷକ ଶଙ୍କର ଚରଣ ସ୍ୱାଇଁ ଙ୍କୁ ନିଜ ନିଜର ପ୍ରତିଭା ପାଇଁ ଚଳିତ ବର୍ଷ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦ ସଂପାଦକ ପଣ୍ଡିତ ପ୍ରଫୁଲ୍ଲ ପଣ୍ଡା ସଂପାଦକୀୟ ପାଠ କରିଥିବା ବେଳେ ସଂସଦ ସଭ୍ୟ ତଥା ପ୍ରାକ୍ତନ ଶିକ୍ଷକ ମାଧବାନନ୍ଦ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଂସଦର ସଭ୍ୟ କାନୁନଗୋ ଶଶୀଭୂଷଣ ମହାନ୍ତି,କାଳନ୍ଦୀ ମହାରଣା, ରାଜକିଶୋର ବାରିକ୍, ପ୍ରାକ୍ତନ ପ୍ରଧ୍ୟାପକ ତଥା ଉପସଭାପତି ରଞ୍ଜନ କୁମାର ଦାସ , ଶ୍ରୀକାନ୍ତ ନାୟକ ଗତିକୃଷ୍ଣ ଦାସ ,ଗୋକୁଳି ପରିଜା ସମେତ ସଂସଦ ର ଅନ୍ୟ କର୍ମକର୍ତ୍ତା , ସଭ୍ୟ ଓ ସଭ୍ୟା ପରିଚାଳନା କରିଥିବା ବେଳେ ପ୍ରାକ୍ତନ ଶିକ୍ଷକ ନବଘନ ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ।

### ଧୁଳିଗଡ଼ ପଞ୍ଚାୟତରେ ବିଜେଡିର ବନ୍ଧୁମିଳନ

## ସରକାରଙ୍କ ଅପାରଗତାକୁ ଲୋକଲୋଚନକୁ ଆଣିବାକୁ କର୍ମୀଙ୍କୁ ଆହ୍ୱାନ




ଯାଜପୁର,୫।୪(ସଂଚାର ବ୍ୟୁରୋ): ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ତାହାର ରଣନିତି ଆରମ୍ଭ କରି ଦେଇଛି। କେଉଁଠି ବନ୍ଧୁମିଳନ ନାଁରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବାକୁ ବୈଠକ ଜାରି ରଖିଛି, ଆଉ କେଉଁଠି ସରକାରଙ୍କ ଅପାରଗତାକୁ ଲୋକଲୋଚନକୁ ଆଣି ସାଧାରଣ ଜନତାଙ୍କ ନିକଟତର ହେବାକୁ ବିଜେଡି ଉଦ୍ୟମ ଆରମ୍ଭ କରିଛି। ଯାହାକୁ ନେଇ ବିଜେପି କର୍ମୀଙ୍କ ଠାରେ ଚିନ୍ତାର କାରଣ ହୋଇଛି। କାରଣ ବିଜେପିକୁ ଯେଭଳି ଭାବରେ ଗତ ସାଧାରଣ ନିର୍ବଚାନରେ ସାଧାରଣ ଭୋଟର ସମର୍ଥନ ଜଣାଇଥିଲେ ତାହା ଏବେ ଧିରେ ଧିରେ ହ୍ରାସ ପାଉଥିବା ଦେଖାଯାଉଛି। ଯାହାର ସୁବିଧା ହାତେଇଛନ୍ତି ବିଜେଡି ନେତା ଓ କର୍ମୀ। ତେଣୁ କିପରି ଭାବରେ ପଞ୍ଚାୟତ ନିର୍ବାଚନରେ ବିଜେଡି ପୁନର୍ବାର ପଞ୍ଚାୟତ ସମିତି ତଖଲ କରିବ ସେ ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ (ଡାନି) ବୈଠକରେ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଉଛନ୍ତି।

ଆଜି ଯାଜପୁର ଜିଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଦାନଗଦୀ ବ୍ଲକ ଧୁଳିଗଡ଼ ପଞ୍ଚାୟତର ବିଜେଡି କର୍ମୀମାନଙ୍କୁ ନେଇ ଦାନଗଦୀ ବିଜେଡି କାର୍ଯ୍ୟାଳୟ ଠାରେ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିଜ ମଧ୍ୟରେ ମନୋମାଳିନ୍ୟ ନ ରଖି କିପରି ଦଳୀୟ ସଂଗଠନକୁ ଅଧିକ ଶକ୍ତିଶାଳୀ କରାଯାଇ ପାରିବ ତାହା ଉପରେ ପୂର୍ବତନ ମନ୍ତ୍ରୀ ଇଂ ପ୍ରତିରଞ୍ଜନ ଘଡ଼ାଇ ଏଥିରେ ଯୋଗ ଦେଇ ଗୁରୁତ୍ୱାରୋପ କରିଛନ୍ତି। ପୂର୍ବତନ ମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ, ବିଜେଡି ସଂଗଠନକୁ ସୁଦୃଢ଼ କରିବାକୁ ହେଲେ ଲୋକମାନଙ୍କ ସୁଖ ଦୁଃଖର ସାଥୀ ହୁଅନ୍ତୁ। କାରଣ ଶାସକ ବିଜେପି ତଳର ନେତା ଓ କର୍ମୀମାନେ ଗତ ସାଧାରଣ ନିର୍ବାଚନ ସମୟରେ ଭୋଟରଙ୍କୁ ଦେଇଥିବା ପ୍ରତିଶ୍ରୁତି କେତେଦୂର କାର୍ଯ୍ୟକାରୀ ହୋଇଛି ଏବଂ ଏହାର ବିଫଳତାକୁ ଲୋକଲୋଚନକୁ ଆଣିବା ପାଇଁ ତାହା ଉପରେ ବିଜେଡି କର୍ମୀ ମାନେ ଗୁରୁତ୍ୱାରୋପ କରିବାକୁ ପୂର୍ବତନ ମନ୍ତ୍ରୀ ଘଡ଼ାର ଆହ୍ୱାନ ଦେଇଥିଲେ।

ଏଥିରେ ଧୁଳିଗଡ଼ ପଞ୍ଚାୟତର ବିଜେଡି ସଭାପତି ମାୟାଧର ରଣା ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦାନଗଦୀ ବ୍ଲକ ସଭାପତି ଗୋପାଳ ଚନ୍ଦ୍ର ବାରିକ, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ଧୀର, ଦାନଗଦୀ ବ୍ଲକ ଯୁବ ସଭାପତି ଜୟ ପ୍ରକାଶ ସାହୁ, ବରିଷ୍ଠ ବିଜେଡି ନେତା ରୁଦ୍ର ନାରାୟଣ ଦାସ, ବିଦ୍ୟାଧର ନାୟକ, ଦୀନବନ୍ଧୁ ବାବୁ, ଧୁଳିଗଡ଼ ମହିଳା ସଭାପତି, ନଂ୮ ଜୋନ ଯୁବ ସଭାପତି ଅଜୟ କୁମାର ଜେନା, ନଂ୯ ଜୋନ ଯୁବ ସଭାପତି ସମେତ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ।

## ସାମ୍ବାଦିକ ସୁବାସ ବାରିକଙ୍କ ବିୟୋଗରେ ଶୋକ



ଆଳି,୫।୪ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଅଞ୍ଚଳର ବରିଷ୍ଠ ଖବରଦାତା ସୁବାସ ବାରିକଙ୍କର ଗତ ଗୁରୁବାର ରାତିରେ ହୃଦଘାତରେ ପରଲୋକ ଘଟିଛି । ସୁବାସ ଗତ କାଲି ରାତିରେ ଘରେ ବିଶ୍ରାମ ନେଉଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ପ୍ରଥମେ ରାଜକନିକା ଓ ପରେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା । ସୁବାସଙ୍କ ମରଶରୀର କେନ୍ଦ୍ରାପଡ଼ାରୁ ତାଙ୍କ ପୈତୃକ ଗ୍ରାମ ରାଜକନିକା ବ୍ଲକ ଦେଉଳତରା ପଞ୍ଚାୟତ ମୁରାଦପୁର ଗ୍ରାମ ଅଭିମୁଖେ ଯିବା ସମୟରେ ଆଳି ଡ଼ାକବଙ୍ଗଳା ଛକରେ ଆଳି ଅଞ୍ଚଳର ବରିଷ୍ଠ ଖବରଦାତା ବନମାଳୀ ସେନାପତି, ପ୍ରମୋଦ ମଲ୍ଲିକ, ବନମାଳୀ ସାହୁ, ନିରଞ୍ଜନ ବେହେରା, ଅଭୟ ସୁତାର, ଜୟନ୍ତ ପାତ୍ର, ଅଶ୍ୱିନୀ ସାହୁ, ପ୍ରଭୁକଲ୍ୟାଣ ସେନାପତି ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସୁବାସଙ୍କ ପରଲୋକ ଆଳି ରାଜକନିକା ସାମ୍ବାଦିକ ମାନଙ୍କ ମହଲରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି କରିଛି । ତାଙ୍କ ବିୟୋଗ ରାଜକନିକା ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ବାତାବରଣ ଖେଳାଇ ଦେଇଛି ।

## ଜୈବି ସାର ପରିଚାଳନା କ୍ଷମତାବୃଦ୍ଧି ପ୍ରଶିକ୍ଷଣ ଶିବିର



ସୁନ୍ଦରଗଡ,୫।୪ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲାର ସଦର ବ୍ଲକ ଅଧୀନରେ ସେଭ୍ବା, ସଂସ୍ଥା କୋଲାବିରା ଦ୍ୱାରା ଏପିସି ପ୍ରକଳ୍ପ ଅନ୍ତର୍ଗତ ୫ ଦିନିଆ କ୍ଷମତାବୃଦ୍ଧି ପ୍ରଶିକ୍ଷଣ ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି। ବିରବିରା ଗ୍ରାମପଞ୍ଚାୟତ ଅଧୀନର ପାଲିଡିହି ଗ୍ରାମରେ ଆୟୋଜିତ ଏହି ପ୍ରଶିକ୍ଷଣରେ ପାଲିଡ଼ିହି ପ୍ରୋଡ୍ୟୁସର୍ ଗ୍ରୁପର ୩୫ ଜଣ ମହିଳା ସଦସ୍ୟା ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣକୁ ଗବେଷଣା ପ୍ରବୀଣ ତାଲିମ ଦାତା ସୁରତରାମ କିଶାନ ନେତୃତ୍ୱ ଦେଇଥିଲେ ଓ ଏପିସି ସଦର ବ୍ଲକର ସଭ୍ୟାମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ରଶିକ୍ଷଣରେ ପ୍ରାକୃତିକ କୃଷି ପ୍ରଣାଳୀ ଉପରେ ଗୁରୁତ୍ୱ ଦେଇ ଜୈବିକ ଚାଷ ପ୍ରଣାଳୀ ବିଷୟରେ ତଥ୍ୟ ଓ ପ୍ରାୟୋଗିକ ଜ୍ଞାନ ଦିଆଯାଇଥିଲା। ବିଶେଷକରି "ହାଣ୍ଡିଖତ, ନିମାସ୍ତ୍ର ବ୍ରହ୍ମାସ୍ତ୍ର ଆଗ୍ନେୟାସ୍ତ୍ର, ତରଳ ଯିବାମୃତ, ଘନଯିବାମୃତ, ପଞ୍ଚଗବ୍ୟ" ପ୍ରସ୍ତୁତିର ପ୍ରାୟୋଗିକ ପ୍ରଦର୍ଶନ ଚାଷୀମାନଙ୍କୁ ଅତ୍ୟନ୍ତ ଉପକାରୀ ସାଧିତ ହୋଇଥିଲା। ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ଚାଷୀମାନେ ଜୈବିକ ଚାଷ ପ୍ରଣାଳୀକୁ ନିଜ ଜମିରେ ଆପଣାଇବା ପାଇଁ ଆଗ୍ରହ ପ୍ରକାଶ କରିଥିବା ସହିତ ଗ୍ରାମରେ ପରିଷ୍କାରତା ଓ ସ୍ୱଚ୍ଛତା କାର୍ଯ୍ୟକଳାପକୁ ନିୟମିତ କରିବା ପାଇଁ ସଙ୍କଳ୍ପ କରିଥିଲେ। ଏହି କ୍ଷମତାବୃଦ୍ଧି ପ୍ରଶିକ୍ଷଣ ଶୃଙ୍ଖଳା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ କ୍ରମଶଃ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଯଥା ବାନ୍ଦୁବାହାଲ , ମହୁଲଜୋର, ଖେରିଆକାନି, ପାଲିଡ଼ିହି ଓ ଗଡିଆଯୋର। ସ୍ଥାନୀୟ ଚାଷୀମାନଙ୍କ ମଧ୍ୟରେ ପ୍ରାକୃତିକ ଓ ସସ୍ୟସ୍ଥାୟୀ କୃଷି ପ୍ରତି ଆଗ୍ରହ ବଢ଼ାଇବାରେ ଏହି ପ୍ରଶିକ୍ଷଣ ଏକ ସଫଳ ପଦକ୍ଷେପ ଭାବେ ପରିଗଣିତ ହେଉଛି।

## ନ୍ୟାୟ ପାଇଁ ଧାରଣାଦେବେ ଫରେଷ୍ଟଗାର୍ଡଙ୍କ ପରିବାର

ନୀଳଗିରି,୫।୪ (ସଂଚାର ବ୍ୟୁରୋ): ନୀଳଗିରି ସବଡ଼ିଭିଜନ ସ୍ଥିତ କୁଳଡିହା ରେଞ୍ଜରଙ୍କ ଅମାନବୀୟ ମାଡ଼ ଏବଂ ଅତ୍ୟାଚାର ବିରୋଧରେ ଶେଷରେ ନ୍ୟାୟ ପାଇଁ ଧାରଣାଦେବେ ପୀଡିତ ଫରେଷ୍ଟଗାର୍ଡଙ୍କ ପରିବାର। ଏନେଇ ପୂର୍ବତନ ବିଧାୟକ ତଥା ବରିଷ୍ଠ ଆଇନଜୀବି ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଫରେଷ୍ଟଗାର୍ଡଙ୍କ ପତ୍ନୀ ଦିପ୍ତିମୟୀ ପାତ୍ର।

ସୂଚନା ଅନୁଯାୟୀ ଗତ ମାର୍ଚ୍ଚ ୨୫ତାରିଖ ରାତି ପ୍ରାୟ ୧୨ଟା ସମୟରେ ନୀଳଗିରି କୁଳଡିହା ଭାରାପ୍ରାପ୍ତ ରେଞ୍ଜ ଅଧିକାରୀ ତଥା ଏସିଏଫ୍ ସୁବ୍ରତ କୁମାର ବେହେରା ନିଜର ୨୦ରୁ ୨୫ବନକର୍ମଚାରୀଙ୍କ ସହିତ ଏକ ରେଡସାରି ଫେରୁଥିବା ବେଳେ ମୟୂରଭଞ୍ଜ ଝିଙ୍କିପଦାରୁ ନିଜ ଭଡ଼ାଘର ନୀଳଗିରିକୁ ଫେରୁଥିବା ଉପରଡିହା ଗ୍ରାମର ଜିଲ୍ଲା ବନ ବିଭାଗ କାର୍ଯ୍ୟାଳୟର ନିଲମ୍ବିତ ଫରେଷ୍ଟଗାର୍ଡ ପଦ୍ମଲୋଚନ ପାତ୍ର ଏବଂ ତାଙ୍କ ସାଥୀ ବିଦ୍ୟୁତ୍ ବିଭାଗର କର୍ମଚାରୀ କ୍ଷୀରୋଦ ଦାସଙ୍କୁ ଗାଡ଼ି ଓଭରଟେକ୍‌କୁ ନେଇ ନିସ୍ତୁକ ମାଡ଼ମାରିଥିଲେ। ଫଳରେ ପଦ୍ମଲୋଚନଙ୍କ ବାମହାତ ଭାଙ୍ଗିଯିବା ସହ ପିଠିରେ ଅକଥନୀୟ ମାଡ଼ର ଚିହ୍ନ ଦେଖିବାକୁ ମିଳିଥିଲା। ଉଭୟଙ୍କୁ ଖୋଦ୍ ରେଞ୍ଜର ଏବଂ ସହକର୍ମୀ ବନକର୍ମଚାରୀ ବରହମପୁର ଥାନାକୁ ନେଇ ଏକ ଲିଖିତ ସମାଧାନପତ୍ର ଲେଖାଇ ନେଇଥିଲେ। ମାତ୍ର ଯନ୍ତ୍ରଣାରେ ଛଟପଟ ପଦ୍ମଲୋଚନ ଏବଂ କ୍ଷୀରୋଦଙ୍କୁ ହସ୍ପିଟାଲକୁ ନନେଇ ଛାଡିଚାଲି ଯାଇଥିବା ବେଳେ ପରିବାରଲୋକେ ବାଲେଶ୍ୱର ମେଡିକାଲ କଲେଜକୁ ନେଇ ଚିକିତ୍ସା କରାଇଥିଲେ। ଏପରିକି ପରବର୍ତ୍ତୀଦିନ ୨୬ତାରିଖ ଏସିଏଫ୍ ସୁବ୍ରତ ବେହେରା ମେଡିକାଲ ଯାଇ ମାମଲାକୁ ରଫାଦଫା କରିବାକୁ ଚେଷ୍ଟାକରି ଆକ୍ରମଣର ଶିକାର ହୋଇଥିଲେ। ଏନେଇ ପଦ୍ମଲୋଚନଙ୍କ ପତ୍ନୀ ଏବଂ କ୍ଷୀରୋଦଙ୍କ ପରିବାର ତରଫରୁ ବରହମପୁର ଥାନାରେ ଅଭିଯୋଗ ହୋଇଥିଲେ ହେଁ ପୋଲିସ କୌଣସି ପଦକ୍ଷେପ ନେଇନଥିବା ବେଳେ ବାଲେଶ୍ୱର ଡିଏଫ୍ଓ ମଧ୍ୟ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ତେଣୁ ନିଜକୁ ଅସୁରକ୍ଷିତ ଏବଂ ନ୍ୟାୟ ପାଇଁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ପତ୍ର ଲେଖିଥିବା ବେଳେ ଆଜି ନୀଳଗିରି ଏସଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ବନ୍ଧୁବାନ୍ଧବଙ୍କ ସହିତ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ସାମ୍ବାଦିକ ସମ୍ମିଳନୀରେ ପଦ୍ମଲୋଚନଙ୍କ ପତ୍ନୀ ଦିପ୍ତିମୟି ପାତ୍ର ସୂଚନା ଦେଇଛନ୍ତି।

ଗଡ଼ଜାତ ମାଟିର ସ୍ୱାଭିମାନ ଏବଂ ଜଣେ ହରିଜନ ସଂପ୍ରଦାୟର ମହିଳାଙ୍କ ଅଧିକାର ପାଇଁ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ନିଜର ସମର୍ଥନ ଦେଇ ଧାରଣାରେ ସହଯୋଗ କରିବେ ବୋଲି ସୂଚନା ଦେଇଛନ୍ତି।

## କୁସୁନୁପୁରରେ ଅଷ୍ଟମ ପ୍ରହରବ୍ୟାପୀ ନାମଯଜ୍ଞ



ଡେରାବିଶ,୫।୪ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅଧିନସ୍ଥ କୁସୁନୁପୁର ସ୍ଥିତ ମା ବୁଢ଼ୀଜାଗୁଳାଇ ପୀଠରେ ଗତ ବୁଧବାର ଠାରୁ ଆମ୍ଭ ହୋଇଥିବା ଅଷ୍ଟମ ପ୍ରହରବ୍ୟାପୀ ନାମଯଜ୍ଞ ଶୁକ୍ରବାର ଶେଷ ହୋଇଛି। ଏହି ଅବସରରେ ମାଙ୍କ ପୀଠରେ ବୁଧବାର ଶୁଭାଧିବେଶ ହୋଇଥିବା ବେଳେ ଗୁରୁବାର ପ୍ରାତଃରୁ ଅଷ୍ଟମପ୍ରହରବ୍ୟାପୀ ନାମଯଜ୍ଞ ଆରମ୍ଭ ହୋଇ ଶୁକ୍ରବାର ପ୍ରାତଃରେ ଶେଷ ହୋଇଥିଲା। ପରେ ବହୁସଂଖ୍ୟାରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନଗର ପରିକ୍ରମା ଓ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀମାନେ ପରିଚାଳନା କରିଥିଲେ।

### ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିରର ବାର୍ଷିକ ଶିଶୁ ମହୋତ୍ସବ

## ଗୁଣାତ୍ମକ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଜୀବନର ମାର୍ଗଦର୍ଶକ



ପଟ୍ଟାମୁଣ୍ଡାଇ,୫।୪ (ସଂଚାର ବ୍ୟୁରୋ): ଗୁଣାତ୍ମକ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ମାର୍ଗ ଦର୍ଶକ ବୋଲି ପଟ୍ଟାମୁଣ୍ଡାଇ ରାଧାରମଣ ମଠ ପରିସରରେ ଗୁରୁକୁଳ ପରମ୍ପରାରେ ଗଢି ଉଠିଥିବା ଅନନ୍ୟ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିରରେ ୧୫ତମ ବାର୍ଷିକ ଶିଶୁ ମହୋତ୍ସବ-୨୦୨୫-୨୬ ଉପଲକ୍ଷେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ଯୋଗ ଦେଇ ବହୁ ବିଶିଷ୍ଟ ଅତିଥିମାନେ ପ୍ରକାଶ କରିଛନ୍ତି । ଏହି ଶିଶୁ ମହୋତ୍ସବକୁ ପୁରୀ ଗୋବର୍ଦ୍ଧନ ପୀଠର ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜ ଉଦଘାଟନ କରି ଆଶ୍ରୀ ବଚନ ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ ଓକିଲ ସଂଘ ପ୍ରାକ୍ତନ ସଭାପତି ତପନ କୁମାର ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ମନୋଜ୍ଞ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଅଜିତ କୁମାର ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି କୋମଳମତି ଶିଶୁମାନଙ୍କୁ ଭଲ ମଣିଷ କରି ଗଢି ତୋଳିବା ପାଇଁ ପରାମର୍ଶ ଦେଇଥିଲେ । ରାଷ୍ଟ୍ରୀୟ ଶିକ୍ଷା ବିକାଶ ସେବା ସମିତି ଓଡିଶା ଶାଖା ସମ୍ପାଦକ ସୁବାଷ ଚନ୍ଦ୍ର ପାଇଟାଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଉତ୍ତମ ଛାତ୍ରଛାତ୍ରୀ ସୃଷ୍ଟି କରି ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିର ନିଜର ଲକ୍ଷ୍ୟ ଓ ଆଭିମୁଖ୍ୟ ପୂରଣ କରିବାରେ ସଫଳ ହୋଇଛି ବୋଲି ମତପ୍ରକାଶ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ବିଆରସିସି ପ୍ରେମବାଳା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକମାନେ ଛାତ୍ରଛାତ୍ରୀଙ୍କ ଉତ୍ତମ ଚରିତ୍ର ଗଠନ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏଇ ଅବସରରେ ବାର୍ଷିକ କ୍ରୀଡା ଓ ବିଜ୍ଞାନ ମେଳାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ତ୍ରୟୋଦଶ ବାର୍ଷିକ ଉତ୍ସବ



ଛତ୍ରପୁର,୫।୪ (ସଂଚାର ବ୍ୟୁରୋ): ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ଦନ୍ତପୁର ତଥା ରାମଗଡ଼ ପଞ୍ଚାୟତର ରଘୁନାଥପୁର ଗ୍ରାମରେ ଅବସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ତ୍ରୟୋଦଶ ବାର୍ଷିକ ଉତ୍ସବ ଉତ୍ସାହର ସହିତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅବସରରେ ଛତ୍ରପୁର ବିଧାୟକ ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ନବନିର୍ମିତ ଭବନକୁ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗଞ୍ଜାମ ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତୀ ଶର୍ମିଷ୍ଠା ପ୍ରଧାନ, ଗ୍ରାସିମ୍ ଇଣ୍ଡଷ୍ଟ୍ରି ଲିମିଟେଡର ମୁଖ୍ୟ ପରିଚାଳକ ଶ୍ରୀ ଅଜୟ ଗୁପ୍ତା, ମାନବ ସମ୍ବଳ ବିଭାଗ ମୁଖ୍ୟ ଶ୍ରୀ ନିରଜା ପଟ୍ଟନାୟକ, ବ୍ରହ୍ମପୁରସ୍ଥ ଆଡ ଲାଇଫ ହସ୍ପିଟାଲର ପ୍ରତିଷ୍ଠାତ୍ରୀ ଡା. ଦୀପିକା ପାଢ଼ୀ, ସମ୍ ହସ୍ପିଟାଲର ହୃଦରୋଗ ବିଶେଷଜ୍ଞ ଡା. ବଦ୍ରୀ ଦଣ୍ଡପାଣି, ଅନସ୍ଲୋ ହାଇସ୍କୁଲ୍ ଛତ୍ରପୁରର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ, ରାମଗଡ଼ ସରପଞ୍ଚ ସନ୍ତୋଷିନୀ ବେହେରା ଓ ସମାଜସେବୀ କମଳ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ମୁଖ୍ୟ ବକ୍ତା ଭାବେ ହୁମ୍ମା ସଲ୍ଟ କଲେଜର ଅଧ୍ୟକ୍ଷ ଶ୍ରୀ ନିରଞ୍ଜନ ରଥ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା ଓ ଦେଶପ୍ରେମରେ ଦୀକ୍ଷିତ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର "ନରେନ- ୨୦୨୬" ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ପ୍ରଧାନ ଶିକ୍ଷକ ଶ୍ରୀ ମନ୍ମଥ ନାହାକ, ଜଗନ୍ନାଥ ଚିତ୍ରଶିଳ୍ପୀ ଶ୍ରୀ ସୁଦାମ ମହାରଣା, ଚାଷୀ ଶ୍ରୀ ଭାସ ସାହୁ ଓ ଗବେଷକ ଶ୍ରୀ ଅଶୋକ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା।

ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ବିଜୟ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିବାବେଳେ, ଶେଷରେ ପ୍ରତିଷ୍ଠାତା ଶ୍ରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଧନ୍ୟବାଦ ଜଣାଇଥିଲେ। ସଭା ପରେ ସନ୍ଧ୍ୟାବେଳେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ରେଷ୍ପଣ୍ଡ ଟ୍ରଷ୍ଟ ଅଧ୍ୟକ୍ଷ ଶ୍ରୀ ସ୍ୱସ୍ତି ସୁନ୍ଦର ସିୟ ସୁନ୍ଦର ସଞ୍ଚାଳନ କରିଥିବାବେଳେ, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।

SANCHAR
ସଂଚାର ସୋମବାର ୬ ଏପ୍ରିଲ ୨୦୨୬
ସ୍ୱାସ୍ଥ୍ୟ



# ମାଇଗ୍ରେନ୍ ବଢ଼ାଏ ହରମୋନାଲ୍ ପରିବର୍ତ୍ତନ



ପ୍ରାୟ ମହିଳା ହର୍ମୋନାଲ୍ ପରିବର୍ତ୍ତନ ଯୋଗୁ ଅନେକ ସମସ୍ୟାର ସାମ୍ନା କରିଥାନ୍ତି। କିନ୍ତୁ ଜାଣନ୍ତି କି ଏହି କାରଣରୁ ମାଇଗ୍ରେନ୍ ମଧ୍ୟ ବଢ଼ିପାରେ। ଡାକ୍ତର କପିଲ ଖଣ୍ଡେଲୱାଲଙ୍କ ଅନୁସାରେ ମହିଳାଙ୍କଠାରେ ହର୍ମୋନାଲ୍ ପରିବର୍ତ୍ତନ ମାଇଗ୍ରେନକୁ ବଢ଼ାଇପାରେ। ଏହି କାରଣରୁ ମହିଳାମାନଙ୍କୁ ଅଧିକ ସ୍ୱାସ୍ଥ୍ୟ ସମସ୍ୟାକୁ ସାମ୍ନା କରିବାକୁ ପଡିପାରେ। ଡାକ୍ତର କପିଲଙ୍କ ମତରେ, ଜଣେ ନ୍ୟୁରୋଲୋଜିଷ୍ଟ ଭାବେ ପ୍ରାୟତଃ ଲକ୍ଷ୍ୟ କରିଛି ଯେ ମହିଳାଙ୍କଠାରେ ମାଇଗ୍ରେନ୍ ହର୍ମୋନାଲ୍ ପରିବର୍ତ୍ତନ ଏବଂ ଅତ୍ୟାଧୁନିକ ଜୀବନଶୈଳୀରେ ପରିବର୍ତ୍ତନ ଭିତରେ ତାଳମେଳ ନ ବସିବା ଯୋଗୁ ହୋଇଥାଏ।

ପିରିୟଡ୍ସ, ଗର୍ଭାବସ୍ଥା ଓ ପେରିମେନୋପଜାଲ୍ ସମୟରେ ଏଷ୍ଟ୍ରୋଜେନ୍ ହର୍ମୋନ୍ ସ୍ତରରେ ଉତ୍ଥାନ-ପତନ ଯୋଗୁ ମାଇଗ୍ରେନ୍ ହେବାର ଆଶଙ୍କା ବଢ଼ିଥାଏ। ସେହିପରି ଦୀର୍ଘ ସମୟ ସ୍କ୍ରିନ ରହିବା, ନିଦରେ ଅନିୟମିତତା, ଖାଦ୍ୟ ନ ଖାଇବା, ଜଳ ଶୁଷ୍କତା ଓ କର୍ମକ୍ଷେତ୍ରରେ ଚିନ୍ତା ଆଦି କାରଣ ମାଇଗ୍ରେନ୍ ସମସ୍ୟାକୁ ବଢ଼ାଇବାରେ ସହଯୋଗ କରିଥାଏ। ଆଜିକାଲି ଅଧିକାଂଶ ମହିଳାଙ୍କ ସମସ୍ୟା ପେସାଦାର ଦୁନିଆ ସହ ଜଡ଼ିତ ରହିବା ଯେପରିକି ଡିଜିଟାଲ୍ ଡିଭାଇସ୍ରେ ଅଧିକ ସମୟ ବିତାଇବା ଦ୍ୱାରା ଏହା ଟ୍ରିଗର୍ ହେବା ସାଧାରଣ ସମସ୍ୟା ହୋଇପଡିଲାଣି। ଡାକ୍ତରଙ୍କ ମତରେ ମାଇଗ୍ରେନ୍ ମୁଖ୍ୟତଃ ହର୍ମୋନ୍ ଓ ଜୀବନଶୈଳୀଜନିତ ଫ୍ୟାକ୍ଟରସ୍ ମଧ୍ୟରେ ଥିବା ପାରସ୍ପରିକ କ୍ରିୟାକୁ ଦର୍ଶାଇଥାଏ। ତେଣୁ ନିୟମିତ ଜୀବନର ଅଭ୍ୟାସକୁ ନିୟନ୍ତ୍ରଣ କରିବା ମେଡିକାଲ ଚିକିତ୍ସା ପରି ଜରୁରି। ଆରମ୍ଭରୁ ଲକ୍ଷଣକୁ ଚିହ୍ନଟ କରିବା ଜରୁରି।

ନିୟମିତ ନିଦ ଓ ଖାଦ୍ୟ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ସେହିପରି ସ୍କ୍ରିନ୍ ସମୟ ଓ ଚିନ୍ତାକୁ ନିୟନ୍ତ୍ରଣ କରିବା ଦ୍ୱାରା ମାଇଗ୍ରେନ୍ ସମସ୍ୟାକୁ ବହୁ ମାତ୍ରାରେ ନିୟନ୍ତ୍ରିତ କରିପାରିବ। ଚିହ୍ନଟ ସହ ଡାକ୍ତର ପରାମର୍ଶ ନେବା ଆବଶ୍ୟକ। ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସିନରେ ଗବେଷଣା ଅନୁସାରେ ମାଇଗ୍ରେନ୍ ପ୍ରାୟତଃ ପିରିୟଡ୍ସ, ଗର୍ଭଧାରଣ ଓ ମେନୋପଜ୍ ସମୟରେ ଏଷ୍ଟ୍ରୋଜେନ୍ ସ୍ତର ଉତ୍ଥାନ୍-ପତନ ଦ୍ୱାରା ପ୍ରଭାବିତ ହୁଏ। ଡାକ୍ତରଙ୍କ ମତାନୁସାରେ ମାଇଗ୍ରେନ୍ ସମସ୍ୟାରୁ ରକ୍ଷା ପାଇବା ପାଇଁ ଜୀବନଶୈଳୀରେ ସୁଧାର ଆଣିବା ଜରୁରୀ।

# ଡାଇବେଟିସ୍ ଥିଲେ ଖାଆନ୍ତୁ ପୋଟଳ



ବର୍ତ୍ତମାନ ଚାଲିଛି ଖରା ଦିନ। ଏହି ଋତୁରେ ପ୍ରାୟତଃ ଅନେକ ପ୍ରକାରର ପନିପରିବା ମିଳିଥାଏ। ତେବେ ଏହି ସମସ୍ତ ପନିପରିବା ମଧ୍ୟରେ ପୋଟଳ ହେଉଛି ଲୋକମାନଙ୍କର ଏକ ପ୍ରିୟ ପରିବା। ସୁସ୍ଥ ଶରୀର ପାଇଁ ଋତୁ ଅନୁଯାୟୀ ପନିପରିବା ଖାଇବା ଲାଭଦାୟକ ହୋଇଥାଏ। ଖାସ୍ କରି ଖରାଦିନେ ପୋଟଳ ସହଜରେ ମିଳିଯାଏ। ଅଧିକାଂଶ ଲୋକ ପୋଟଳ ଖାଇବାକୁ ପସନ୍ଦ କରନ୍ତି। ତେବେ ପୋଟଳରେ ଆପଣମାନେ ଏହାର ଭଜା କିମ୍ବା ତରକାରୀ ତିଆରି କରିପାରିବେ। ଋତୁ ଅନୁଯାୟୀ କିଛି ପରିବାର ବଜାରରେ ଖୁବ ଚାହିଦା ରହିଥାଏ। ଖରାଦିନେ ପୋଟଳ ଖାଇବାର ମଜା କିଛି ଭିନ୍ନ ରହିଥାଏ। ପୋଟଳ ଖାଇବାକୁ ଭଲ ଲାଗିବା ସହ ଶରୀର ପାଇଁ ମଧ୍ୟ ହିତକର ହୋଇଥାଏ। ପୋଟଳରେ ଭଲ ପରିମାଣର ଭିଟାମିନ୍ ଭିଟାମିନ୍ ଏ, ଭିଟାମିନ୍ ବି-୧ ଏବଂ ଭିଟାମିନ୍ ବି-୨, ଭିଟାମିନ୍ ସି ରହିଥାଏ। ଡାଇବେଟିସ୍ ରୋଗୀଙ୍କ ପାଇଁ ପୋଟଳ ମଧ୍ୟ ଉପକାରୀ ବୋଲି ବିବେଚନା କରାଯାଏ। ଏହାକୁ ଖାଇବା ଦ୍ୱାରା ବ୍ଲଡ ସୁଗାର କମ୍ ହୋଇଥାଏ। ଏହାସହ ପୋଟଳରେ କ୍ୟାଲସିୟମ ଅଧିକ ମାତ୍ରାରେ ରହିଛି। ପୋଟଳ ଚୋପାରେ ମ୍ୟାଗ୍ନେସିୟମ, ପୋଟାସିୟମ, ଫସଫରସ ଭରପୂର ମାତ୍ରାରେ ରହିଛି। ତେବେ ଆସନ୍ତୁ ପୋଟଳର ଲାଭକାରୀ ଗୁଣ ସମ୍ପର୍କରେ ଜାଣିବା।

**ଡାଇବେଟିସ୍ ପାଇଁ ଲାଭଦାୟକ:** ପୋଟଳ ଡାଇବେଟିସ୍ରେ ଉପକାରୀ ବୋଲି ବିବେଚନା କରାଯାଏ। ପାଟୋଲ ପତ୍ରରୁ ପ୍ରସ୍ତୁତ ଜିନିଷ ଖାଇବା ଦ୍ୱାରା ବ୍ଲଡ ସୁଗାର ସ୍ତର କମିବା ଆରମ୍ଭ ହୁଏ ଏବଂ ଶରୀରରେ ଫୁଲା ମଧ୍ୟ କମିଯାଏ। ତେଣୁ ମଧୁମେହ ରୋଗୀଙ୍କୁ ବିଶେଷ କରି ପୋଟଳ ଖାଇବାକୁ ପରାମର୍ଶ ଦିଆଯାଇଥାଏ।

**ପେଟ ପାଇଁ ଲାଭଦାୟକ:** ପୋଟଳ ଖାଇବା ଦ୍ୱାରା ହଜମ ଶକ୍ତି ଭଲ ହୋଇଥାଏ। ପୋଟଳ ହେଲଦି ଫାଇବରରେ ଭରପୂର ହୋଇଥାଏ, ଯାହା ହଜମ ଶକ୍ତିକୁ ମଜବୁତ କରିଥାଏ। ଭଲ ପରିମାଣର ଫାଇବର ରହିବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ। ପୋଟଳ ଖାଇବା ପେଟର ପାକସ୍ଥଳୀ ପାଇଁ ମଧ୍ୟ ଉପକାରୀ ହୋଇଥାଏ। ପୋଟଳ ଖାଇବା ଦ୍ୱାରା ଚର୍ମ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ମିଳିଥାଏ। ପୋଟଳର ମଞ୍ଜିରେ କୋଷ୍ଠକାଠିନ୍ୟ ଓ ପାଚନ କ୍ରିୟା ସହ ଜଡିତ ସମସ୍ୟାକୁ ଦୂର କରିବାର ଗୁଣ ରହିଛି।

**ଓଜନ କମ୍ କରେ:** ପୋଟଳ ହେଉଛି ଏକ ଏପରି ପନିପରିବା ଯାହା କ୍ୟାଲୋରୀ ଏବଂ ଫ୍ୟାଟ୍ କମ୍ କରିପାରେ। ସେଥିପାଇଁ ଓଜନ କମ୍ କରିବା ପାଇଁ ପୋଟଳ ବ୍ୟବହାର କରିପାରିବେ। ଏଥିରେ ମିଳୁଥିବା ଫାଇବର ଉପାଦାନ ଓଜନ କମ୍ କରିବାରେ ସହଜ କରିଥାଏ ଏବଂ ଏହାକୁ ଖାଇବା ଦ୍ୱାରା ଆପଣଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ଭୋକିଲା ଅନୁଭବ ହୁଏ ନାହିଁ।

**ହାର୍ଟ ପାଇଁ ଲାଭଦାୟକ:** ପୋଟଳ ମଧ୍ୟ ହାର୍ଟ ପାଇଁ ଏକ ଉପକାରୀ ପନିପରିବା। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ପଲିଫେନୋଲ୍ ଅକ୍ସିଡେଟିଭ୍ ଷ୍ଟ୍ରେସ୍କୁ କମ୍ କରିଥାଏ। ଏହା ଶରୀରର ଫୁଲା କମାଇପାରେ। ପୋଟ ପୋଟାସିୟମ ଏବଂ ମ୍ୟାଗ୍ନେସିୟମର ଏକ ଉତ୍ତମ ଉତ୍ସ ଯାହା ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ।

# ଖାଇବା ଲିଷ୍ଟରେ ଆଡ୍ କରନ୍ତୁ ଚିଆ ସିଡ୍ସ



ଆଜିକାଲି ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଫଳରେ ଆମ ଶରୀର ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଯାହାର ମୁଖ୍ୟ କାରଣ ଖରାପ ଖାଦ୍ୟପେୟ ହୋଇଥାଏ। ତେଣୁ ଆମ ସୁସ୍ଥ ଶରୀର ପାଇଁ ପ୍ରୋଟିନଯୁକ୍ତ ଖାଦ୍ୟର ଆବଶ୍ୟକତା ରହିଛି। ହେଲଦି ଫୁଡ୍ ଭାବେ ବର୍ତ୍ତମାନ ଚିଆ ସିଡସକୁ ବିବେଚନା କରାଯାଉଛି। ଏଥିରେ ଅନେକ ପୋଷକ ତତ୍ତ୍ୱ ଥିବାରୁ ଏହା ଆମକୁ ଅନେକ ଫାଇଦା ଦେଇଥାଏ। ଯାହା ସୁପରଫୁଡ୍ ଭାବେ ଆମ ଶରୀରରେ କାର୍ଯ୍ୟକାରୀ କରିଥାଏ।

ଯଦି ହେଲଦି ଖାଇବା କଥା କୁହାଯାଏ ତେବେ ପ୍ରଥମେ ଚିଆ ସିଡସର ନାଁ ନିଶ୍ଚୟ ଆସିଥାଏ। ବର୍ତ୍ତମାନ ସମୟରେ ମଧ୍ୟ ଏହାର ଲୋକପ୍ରିୟତା ଖୁବ୍ ରହିଛି। ଏଥିରେ ଫାଇବର, ଆଣ୍ଟିଅକ୍ସିଡାଣ୍ଟ, ଓମେଗା-୩ ସମେତ ପ୍ରୋଟିନ୍ କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଫସଫରସ୍ ଭଳି ଗୁଣ ଭରପୁର ମାତ୍ରାରେ ରହିଛି। ଯାହା ଅନେକ ରୋଗରୁ ମୁକ୍ତି ଦେଇଥାଏ। ତେବେ ଆଜି ଆମେ ଏହି ଚିଆସିଡ୍ସର ଲାଭକାରୀ ଗୁଣ ଏବଂ ଏହାର ଅନ୍ୟାନ୍ୟ ତଥ୍ୟ ସମ୍ପର୍କରେ ଜାଣିବା। ଶରୀରରେ କୋଲେଷ୍ଟ୍ରଲର ପରିମାଣ ବୃଦ୍ଧି ପାଇଲେ ଉଚ୍ଚ ରକ୍ତଚାପ ସମସ୍ୟା ହୋଇପାରେ। ଯାହା ହାର୍ଟଜନିତ ସମସ୍ୟାର ଆଶଙ୍କାକୁ ମଧ୍ୟ ବଢ଼ାଇଥାଏ। ଏହି ସବୁ ସମସ୍ୟା ପାଇଁ ଚିଆସିଡ୍ସ ବେଷ୍ଟ ହୋଇଥାଏ। ତେଣୁ ଖାଦ୍ୟପେୟରେ ପରିବର୍ତ୍ତନ ଆଣିବା ନିହାତି ଜରୁରୀ। ଯାହା ସୁସ୍ଥ ଶରୀର ଗଠନ କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ।

ବର୍ତ୍ତମାନ ସମୟରେ ଓଜନ ବୃଦ୍ଧିକୁ ନେଇ ସମସ୍ତେ ଚିନ୍ତାରେ ରହିଛନ୍ତି। ଓଜନ ହ୍ରାସ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଚିଆସିଡ୍ସ ସର୍ବୋତ୍ତମ ଉପାୟ। ଯାହା ଖାଇବା ଦ୍ୱାରା ଭୋକକୁ କମ୍ କରିଥାଏ। ଫଳରେ ଓଜନ ଯାତ୍ରା ସହଜ ହୋଇଯାଇଥାଏ। ବ୍ଲଡସୁଗାର ରୋଗୀଙ୍କ ପାଇଁ ଏହା ବେଶ୍ ଉପଯୋଗୀ। ଏଥିରେ ଥିବା ଫାଇବର ଇନସୁଲିନ ରେଜିଷ୍ଟାନ୍ସକୁ କମ୍ କରି ବ୍ଲଡସୁଗାରକୁ ନିୟନ୍ତ୍ରଣ କରି ରଖିବାରେ ସାହାଯ୍ୟ କରିଥାଏ। ଯାହା ମେଟାବୋଲିକ୍ ସିଣ୍ଡ୍ରମର ଆଶଙ୍କାକୁ ମଧ୍ୟ କମ୍ କରିଥାଏ। କ୍ୟାଲସିୟମର ଅଭାବ ହେଲେ ହାଡ଼ଜନିତ ସମସ୍ୟା ଦେଖିବାକୁ ମିଳେ। ଚିଆସିଡ୍ସରେ ଭରପୁର ମାତ୍ରାରେ କ୍ୟାଲିସିୟମର ଗୁଣ ରହିଛି। ଯାହା ମଜବୁତ ହାଡ଼ ପାଇଁ ଗୁରୁତ୍ୱପୂର୍ଣ୍ଣ। ପ୍ରିତିଦିନ ଗୋଟିଏରୁ ଦୁଇ ଚାମଚ ଚିଆସିଡ୍ସ ଖାଇବା ମଜବୁତ ହାଡ଼ ପାଇଁ ପର୍ଯ୍ୟାପ୍ତ ହୋଇଥାଏ। ଯାହା ସମସ୍ତ ହାଡ଼ ଜନିତ ସମସ୍ୟାଠାରୁ ରକ୍ଷା କରିଥାଏ। ଚିଆସିଡ୍ସରେ ଆଲଫା ଲିନୋଲେନିକ୍ ଏସିଡ୍ ଏବଂ କ୍ୱେରସେଟିନ୍ ନାମକ ଆଣ୍ଟିଅକ୍ସିଡାଣ୍ଟ ଏଥିରୁ ମିଳିଥାଏ। ଯାହା ହାର୍ଟକୁ ସୁସ୍ଥ ରଖିବାରେ ସହାୟକ କରିଥାଏ। ଏହା ସହିତ ହାର୍ଟର କାର୍ଯ୍ୟ କ୍ଷମତାକୁ ବଢ଼ାଇଥାଏ। ଏତିକି ନୁହେଁ ବରଂ ସ୍କିନ୍ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ। ଏଥିରେ ଭିଟାମିନ୍ ତ୍ୱଚାକୁ ହାଇଡ୍ରେଟ କରି ରଖିବାରେ ସାହାଯ୍ୟ କରିଥାଏ। ଏହାକୁ ବିଭିନ୍ନ ଉପାୟରେ ଖିଆଯାଇପାରିବ। ଏହାକୁ ଆପଣ ସ୍ମୁଦି କିମ୍ବା ସେକ୍ ଭାବେ ଖାଇପାରିବେ। ଓଟସରେ ମିଶାଇ ଖାଇପାରିବେ। ନଚେତ୍ ଲେମନ୍ ଚିଆସିଡ୍ସ ଡ୍ରିଙ୍କ୍ ଭାବେ ମଧ୍ୟ ପିଇପାରିବେ। ଏହା ବ୍ୟତୀତ ଏହାକୁ ସାଲାଡ ଭାବେ ବ୍ୟବହାର କରିପାରିବେ। ଏଥିରେ ପ୍ୟାନ କେକ୍ ବନାଇ ମଧ୍ୟ ଖାଇପାରିବେ। ଏହି ସବୁ ସମସ୍ୟା ଥିଲେ ଚିଆସିଡ୍ସ ନିଶ୍ଚୟ ଆପଣଙ୍କ ଖାଇବା ଲିଷ୍ଟରେ ଆଡ୍ କରନ୍ତୁ।

# ୫୦ ବର୍ଷ ପରେ ବି ମହିଳା ହେବେନି ବାର୍ଦ୍ଧକ୍ୟର ଶିକାର



୫୦ ବର୍ଷ ବୟସ ପରେ ମହିଳାମାନଙ୍କ ଶରୀରରେ ଅନେକ ପରିବର୍ତ୍ତନ ଘଟିବା ଆରମ୍ଭ ହୋଇଥାଏ। ଶରୀରରେ ମେଟାବୋଲିଜିମ୍ କମ ହୋଇଯାଏ। ହାଡ଼ ଧୀରେ ଧୀରେ ଦୁର୍ବଳ ହେବାସହ ମାଂସପେଶୀର ଶକ୍ତି ହ୍ରାସ ପାଏ ଏବଂ ଅଧିକ ଥକ୍କା ଲାଗିଥାଏ। କେତେକ ସମୟରେ ଅଧିକ କାର୍ଯ୍ୟ ନ କରି ମଧ୍ୟ ଶରୀରରେ ଭାରୀ ଏବଂ ଆଳସ୍ୟ ଅନୁଭବ ହୋଇଥାଏ। କେବଳ କମ୍ ଖାଇବା କିମ୍ବା ଡାଏଟିଂ କରିବା ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସଠିକ୍ ଉପାୟ ନୁହେଁ। ସୁସ୍ଥ ଏବଂ ପୁଷ୍ଟିକର ଖାଦ୍ୟ ଖାଇବା ଖାଇବା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିଥାଏ। ଖୁସିର କଥା ହେଉଛି ଯେ ଆପଣଙ୍କ ଦୈନନ୍ଦିନ ଖାଦ୍ୟରେ କିଛି ଏମିତି ଖାଦ୍ୟ ସାମିଲ କରି,୫୦ ବର୍ଷ ପରେ ମଧ୍ୟ ଆପଣଙ୍କ ଶରୀରକୁ ଶକ୍ତିଶାଳୀ, ସକ୍ରିୟ ଏବଂ ସୁସ୍ଥ ରଖିପାରିବେ। ତେଣୁ ଆଜି ଆମେ ଆପଣଙ୍କୁ କିଛି ଖାଦ୍ୟ ବିଷୟରେ କହିବୁ ଯାହାକୁ ମହିଳାମାନେ ୫୦ ବର୍ଷ ନିଶ୍ଚିତ ଭାବରେ ଖାଇବା ଉଚିତ।

**ସାଲମନ:** ସାଲମନ ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ପ୍ରୋଟିନରେ ଭରପୂର। ଏହାକୁ ହୃଦୟ ସ୍ୱାସ୍ଥ୍ୟ, ଗଣ୍ଠି ଯନ୍ତ୍ରଣା କମାଇବା ଏବଂ ମସ୍ତିଷ୍କ ସ୍ୱାସ୍ଥ୍ୟ ଉନ୍ନତ କରିବା ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ।

**ମସୁର ଡାଲି ଏବଂ ବିନ୍ସ:** ମସୁର ଡାଲି ଏବଂ ବିନ୍ସ ଫାଇବର ଏବଂ ଉଦ୍ଭିଦ ପ୍ରୋଟିନରେ ଭରପୂର ରହିଥାଏ। ଏହା ହଜମ କରିବାରେ ସାହାଯ୍ୟ କରିବା ସହ ରକ୍ତ ଶର୍କରା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ।

**ବେରି:** ବ୍ଲୁବେରି, ଷ୍ଟ୍ରବେରି ଏବଂ ରସବେରି ଭଳି ବେରି ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ହୋଇଥାଏ। ଏଗୁଡ଼ିକ ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବା ସହ ସ୍ମୃତି ଶକ୍ତି କୁ ବଢ଼ାଇଥାଏ।

**ସବୁଜ ପତ୍ରଯୁକ୍ତ ପନିପରିବା:** ପାଳଙ୍ଗ, ମେଥି ଏବଂ ସୋରିଷ ପରି ସବୁଜ ପନିପରିବାରେ ଲୌହ, କ୍ୟାଲସିୟମ ଏବଂ ଫାଇବର ଭରପୂର ମାତ୍ରାରେ ରହିଥାଏ। ଏହା ହାଡ଼କୁ ମଜବୁତ କରିବା ସହ ରକ୍ତହୀନତାକୁ ମୁକାବିଲା କରିବା ଏବଂ ପାଚନ ଶକ୍ତିକୁ ଉନ୍ନତ କରିବାରେ ସାହାଯ୍ୟ କରିଥାଏ।

**ଅଣ୍ଡା:** ଅଣ୍ଡା ଉଚ୍ଚମାନର ପ୍ରୋଟିନ୍ ଏବଂ ଭିଟାମିନ୍ ଡିର ଏକ ଭଲ ଉତ୍ସ। ଏହା ମାଂସପେଶୀକୁ ମଜବୁତ କରିବା ସହ ଥକ୍କାପଣ କମ କରିବାରେ ଏବଂ ଶରୀରକୁ ଶକ୍ତି ପ୍ରଦାନ କରିବାରେ ସାହାଯ୍ୟ କରିଥାଏ।

**ଆଭୋକାଡୋ:** ଆଭୋକାଡୋରେ ସୁସ୍ଥ ଚର୍ବି ଥାଏ ଯାହା ହୃଦୟକୁ ସୁସ୍ଥ ରଖିଥାଏ। ଏହା ଚର୍ମକୁ ମଇଶ୍ଚରାଇଜ କରିବାରେ ସାହାଯ୍ୟ କରେ ଏବଂ ଶରୀରରେ ଥିବା ଆବଶ୍ୟକୀୟ ପୋଷକ ତତ୍ତ୍ୱକୁ ଭଲ ଭାବରେ ଅବଶୋଷିତ କରିବାରେ ସାହାଯ୍ୟ କରେ।

